

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୦୧ ● ୧୮ ଅଗଷ୍ଟ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-201 ● 18th August 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

# ଓଡ଼ିଶାରେ ଆତଙ୍କବାଦୀ ଷଡଯନ୍ତ୍ର : ଚୀନ ଓ ବାଂଲାଦେଶରୁ ଆସୁଛି କଲ୍

ଭୁବନେଶ୍ୱର, ୧୭।୮
ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ୭ଟି ସିମ୍ ବକ୍ସ ଠାବ ହୋଇଛି, ଯାହାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ସିମ ବକ୍ସ ଜବତ ଘଟଣାରେ ବାଂଲାଦେଶ ଲିଙ୍କ ରହିଥିବା ସ୍ପଷ୍ଟ କରିଛନ୍ତି । ଏଥିରେ ଗିରଫ ହୋଇଥିବା ରାଜୁ ମଣ୍ଡଳଙ୍କ ଏହି ମାମଲାରେ ବାଂଲାଦେଶ ଲିଙ୍କ ରହିଛି । ସିମ୍ ବକ୍ସ ବାଂଲାଦେଶ ସୀମା ଦେଇ ପଶ୍ଚିମବଙ୍ଗ ପରେ ଭୁବନେଶ୍ୱରରେ ପହଞ୍ଚିଛି। ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଜରିଆରେ ବାଂଲାଦେଶର ଆଶାଦୂର ଜମାନ ହିଁ ଏହାକୁ ଅପରେଟ କରୁଥିବା ନେଇ କହିଛନ୍ତି ପୋଲିସ କମିଶନର।



ସିମବକ୍ସ ସହ ବାଂଲାଦେଶ ଲିଙ୍କ ପଦାରେ ପଡିବା ପରେ ପୋଲିସର ଚିନ୍ତା ବଢିଯାଇଛି। କାରଣ ସିମବକ୍ସର ବ୍ୟବହାର ଆତଙ୍କବାଦୀ ମାନେ କରିଥାନ୍ତି। ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜୁ ମଣ୍ଡଳକୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରିଛି କମିଶନରେଟ ପୋଲିସ। ଆବଶ୍ୟକ ପଡିଲେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ମଧ୍ୟ ସାହାଯ୍ୟ ଲୋଡିବ କମିଶନରେଟ ପୋଲିସ। ରେଡ ହୋଇଥିବା ଘରୁ ପାଖାପାଖି ୧୦୦୦ଟି ପ୍ରି-ଆକ୍ଟିଭେଟ ସିମ୍ ମିଳିଛି । ସେଗୁଡିକ ସବୁ ପଶ୍ଚିମବଙ୍ଗରୁ ଆକ୍ଟିଭେଟ ହୋଇଥିବା ଜଣାପଡିଛି । ପୋଲିସ କମିଶନରଙ୍କ ସୂଚନା ଅନୁସାରେ ରାଜୁ ମଣ୍ଡଳ ଭୁବନେଶ୍ୱରର ଏକ ଭଡା ଘରରୁ ଏହି ସିମ୍ ଅପରେଟ କରୁଥିଲା। ତେବେ ଏହି ସିମ୍‌ବକ୍ସକୁ ପାକିସ୍ତାନ, ଚାଇନା ସହ ମଧ୍ୟପ୍ରାଚ୍ୟ ଇତ୍ୟାଦି ଇଣ୍ଟରନ୍ୟାସନାଲରୁ କଲ ଆସୁଥିଲା। ତେବେ ଭୁବନେଶ୍ୱର ଛଡା ଅନ୍ୟ ସ୍ଥାନରେ ୨ଟି ସିମବକ୍ସ ଏବେ ବି ଆକ୍ଟିଭ ରହିଛି । ଏହି ସିମ୍‌ବକ୍ସ ନିର୍ଦ୍ଦିଷ୍ଟ କେଉଁ ଅପରାଧରେ ବ୍ୟବହାର ହେଉଥିଲା ସେନେଇ ପୋଲିସ ତଦନ୍ତ କରୁଛି । ତେବେ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହି ସିମ୍‌ବକ୍ସ ସାଇବର କ୍ରାଇମ୍, ହେଟ ମେସେଜ ଓ ଆତଙ୍କବାଦୀ ଆକ୍ରମଣ ଇତ୍ୟାଦି ବଡ଼ ବଡ଼ ଅପରାଧ ପାଇଁ ବ୍ୟବହାର ହେଉଥିଲା। ଆବଶ୍ୟକ ପଡିଲେ କେନ୍ଦ୍ରୀୟ ସଂସ୍ଥାର ସହଯୋଗ ନିଆଯିବ। ତେବେ ଏହା ଲ' ଏନଫୋରସିଂ ଏଜେନ୍ସିଙ୍କ ତଦନ୍ତରେ ବାଧା ସୃଷ୍ଟି ପାଇଁ ବ୍ୟବହୃତ ହେଉଥିଲା ବୋଲି କମିଶନର ଶ୍ରୀ ପଣ୍ଡା କହିଛନ୍ତି।

# ବିଧାୟକଙ୍କ ୨ଦିନିଆ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୮
ନ୍ୟୁଜ୍ ବ୍ୟୁରୋ

ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକମାନଙ୍କୁ ତାଲିମ ପ୍ରଦାନ କରିବାକୁ ଶନିବାର ବିଧାନସଭାରେ ବିଧାୟକଙ୍କ ଦୁଇ ଦିନିଆ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ତେବେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳ ଓ କଂଗ୍ରେସ ବର୍ଜନ କରିଥିବା ଦେଖିବାକୁ ମିଳିଛି ।

୧୭ତମ ବିଧାନସଭାର ବିଧାୟକଙ୍କ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସହ ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ ଏବଂ ବିଜେପିର ସମସ୍ତ ବିଧାୟକ ଓ ବିଧାୟିକାମାନେ ଉପସ୍ଥିତ ଥିଲେ।



ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ରିଜିଜୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟମନ୍ତ୍ରୀ ଓ ବିଧାୟକମାନଙ୍କୁ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ବିଧାନସଭାର କାର୍ଯ୍ୟଧାରା ଓ ତତ୍ ସମ୍ପର୍କୀୟ ନିୟମ ତଥା ବ୍ୟବସ୍ଥାପକ ମାନଙ୍କ ଦାୟିତ୍ୱ, ଅଧିକାର ଓ ସ୍ୱାଧିକାର ସମ୍ପର୍କୀୟ ଆଲୋଚନା, ଗୃହର ବିଭିନ୍ନ ବୈଧାନିକ ପ୍ରକ୍ରିୟା, ଗୃହଭିତରେ ପରମ୍ପରା ଓ ଶିଷ୍ଟାଚାରର ପ୍ରକ୍ରିୟା, ଆଇନ ପ୍ରଣୟନ ପ୍ରକ୍ରିୟା, ବାଚସ୍ପତି ମହୋଦୟାଙ୍କ ଦ୍ୱାରା ଗଠିତ ବିଭିନ୍ନ କମିଟିର କ୍ଷମତା ଓ ଦାୟିତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ବିଧାୟକ *(ପୃଷ୍ଠା ୭ରେ)*

## ଖୁବଶୀଘ୍ର ଶ୍ରୀମନ୍ଦିରରେ କରାଯିବ ସ୍ୱତନ୍ତ୍ର ବାଟାଲିୟନ ନିୟୁକ୍ତି

ପୁରୀ, ୧୭।୮ : ନ୍ୟୁଜ୍ ବ୍ୟୁରୋ

ଖୁବଶୀଘ୍ର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବାଟାଲିୟନ ନିୟୁକ୍ତି କରାଯିବ। ଏନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସୂଚନା ଦେଇଛନ୍ତି । ଶ୍ରୀମନ୍ଦିରର ସୁରକ୍ଷା ସହ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସର୍ବାଧିକ ପ୍ରାଥମିକତା ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଡାକ୍ତରଙ୍କ ଦେଶବ୍ୟାପୀ ଧର୍ମଘଟ : ରୋଗୀସେବା ଠପ୍

## ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ରର କମିଟି ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୧୭।୮

ଆଇଏମ୍‌ଏ ଆହୂତ ଡାକ୍ତରଙ୍କ ୨୪ ଘଣ୍ଟିଆ ଦେଶବ୍ୟାପୀ ଧର୍ମଘଟ ଯୋଗୁ ଶନିବାର ସମଗ୍ର ଦେଶରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଛି । ବରିଷ୍ଠ ଡାକ୍ତରମାନେ ମଧ୍ୟ ନିଜର କନିଷ୍ଠ ସହଯୋଗୀ ମାନଙ୍କ ସହିତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। କୋଲକାତାର ଆର.ଜି. କର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ସହକର୍ମୀଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ନ୍ୟାୟ ଦାବି କରି ସମଗ୍ର ଦେଶର ସମସ୍ତ ରାଜ୍ୟରେ ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁ ରୋଗୀସେବା ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଓଡ଼ିଶାରେ ଅନୁରୂପ ଭାବେ



ଡାକ୍ତରମାନଙ୍କ କାର୍ଯ୍ୟବନ୍ଦ ଯୋଗୁ ଏସ୍‌ସିବି ସମେତ ବିଭିନ୍ନ ହସ୍‌ପିଟାଲରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି।

କୋଲକାତାରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ନିଆଁ ଏବେ ସମଗ୍ର ଦେଶରେ *(ପୃଷ୍ଠା ୭ରେ)*

# ବଜ୍ରାଘାତ: ଚାଷୀ ଦମ୍ପତି ଓ ନାବାଳକ ସମେତ ୫ ଜଣଙ୍କର ମୃତ୍ୟୁ

ବେତନଟୀସଦର/ଭଦ୍ରକ/କେନ୍ଦୁଝର/ଭୁବନ, ୧୭।୮ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଭିନ୍ନଭିନ୍ନ ସ୍ଥାନରେ ଶନିବାର ବଜ୍ରାଘାତ ଘଟଣାରେ ଚାଷୀ ଦଂପତି ଓ ନାବାଳକ ସମେତ ମୋଟ ୪ ଜଣଙ୍କର ମୃତ୍ୟୁ ହୋଇଥିବାର ସୂଚନା ମିଳିଛି। ଏହାବ୍ୟତୀତ ଏହି ଘଟଣାରେ ଅନ୍ୟ ତିନି ଜଣ ଆହତ ହୋଇଛନ୍ତି। ବଜ୍ରାଘାତରେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନେ ହେଲେ ଲଛମନ ମୁର୍ମୁ (୪୫), ତାଙ୍କ ପତ୍ନୀ ଶାକର ମୁର୍ମୁ(୩୫), ହରିହର ବେହେରା (୬୧), ଜଣେ ଯୁବକ ଓ ଅନ୍ୟ ଜଣେ ନାବାଳକ।



ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ମେର୍ଦ୍ଦା ପଞ୍ଚାୟତର ସିଙ୍ଗାରପୁର ଗ୍ରାମର ଲଛମନ ଓ ତାଙ୍କ ସ୍ତ୍ରୀ ଶାକର ନିଜର ବିଲରେ ତଳି ରୋଉଥିବା ବେଳେ ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ଘନଘନ ବିଜୁଳି ମାରିବାରୁ ସମସ୍ତେ ତରତର ହୋଇ ଘରକୁ ଫେରୁଥିଲେ। ତେବେ ଦମ୍ପତି ଦ୍ୱୟ ବିଲରେ କାମ ଜାରି ରଖିଥିଲେ। ଫଳରେ ଏକ ଭୟଙ୍କର ବଜ୍ରାଘାତରେ ଉଭୟଙ୍କର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକ ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନାକୁ ନେଇଯାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ସର୍କାରୀ ଅଫିସ୍ ହୁଲସ୍ଥୁଲ ଏବେ
ଘନ ଘନ ମନ୍ତ୍ରୀ ଗସ୍ତ
ହେଣ୍ଡିମାରୁଥିବା ବାବୁଗୁଡା ସବୁ
ପୂରାପୂରି ଏବେ ବ୍ୟସ୍ତ
ନହେଲେ ଭାଗ୍ୟେ ସୂର୍ଯ୍ୟାସ୍ତ
ବାବୁ ଏ ଭାବନ୍ତି ଆଗରୁ କେମିତି
ଲାଇଫଟା ଥିଲା ମସ୍ତ।

# ଚାଉଳ ସହ ଗହମ ପାଇବେ ରାସନକାର୍ଡ ହିତାଧିକାରୀ

ଭୁବନେଶ୍ୱର, ୧୭।୮ : ନ୍ୟୁଜ୍ ବ୍ୟୁରୋ

ଏଣିକି ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ। ମୁଣ୍ଡପିଛା ମାସକୁ ୪ କିଲୋ ଚାଉଳ ଓ ୧କିଲୋ ଗହମ ମିଳିବ । ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଲୋକଙ୍କର ଗହମ ଚାହିଦାକୁ ଦୃଷ୍ଟିରେ ରଖି କେନ୍ଦ୍ର ନିକଟରେ ଏହି ଦାବି ରଖାଯାଇଛି । ରାସନ କାର୍ଡ ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ମିଳିବ। ତେବେ ପୂର୍ବରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳୁଥିବା ଗହମକୁ ବନ୍ଦ କରି ଦେଇଥିଲେ ପୂର୍ବ ସରକାର। ଅଧିକ ଚାଉଳ ଦେବାକୁ କେନ୍ଦ୍ରକୁଦାବି କରାଯିବା ପରେ ଗହମ ଯୋଗାଣକୁ ବନ୍ଦ କରି ଦିଆଯାଇଥିଲା। ପୂର୍ବସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ। ଏବେ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି । ହିତାଧିକାରୀମାନେ ଚାଉଳ ସହ ଗହମ ପାଇବେ।



ଗତ ବିଜେଡି ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ହିତାଧିକାରୀଙ୍କୁ ସାଧାରଣବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରି ଦେଇଥିଲେ। ନିର୍ଦ୍ଧାରିତ ଗହମ କୋଟା ଖର୍ଚ୍ଚ କରିବାରେ ବିଫଳ ତତ୍‌କାଳୀନ ବିଜେଡି ସରକାର ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବଳେ ନିଷ୍ପତ୍ତି ନେଇଥିଲେ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ଅସିତ ତ୍ରିପାଠୀ

ଭୁବନେଶ୍ୱର, ୧୭।୮
ନ୍ୟୁଜ୍ ବ୍ୟୁରୋ



ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରୁ ଅସିତ ତ୍ରିପାଠୀ ଇସ୍ତଫା ଦେଇଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀଙ୍କ ଇସ୍ତଫାକୁ ଶନିବାର ଅପରାହ୍ନରୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ସେ ୨୦୨୦ ମସିହାରୁ ଏହି ଦାୟିତ୍ୱରେ ଥିଲେ। ହେଲେ ନୂଆ ସରକାର ଗଠନ ହେବା ପରେ ଅସିତ ତ୍ରିପାଠୀଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ହେଉଥିଲା । ଏହାସହ ପୂର୍ବରୁ ଥିବା ନିଗମ ବା ବୋର୍ଡରୁ ଅନେକ ଅଧ୍ୟକ୍ଷ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିବା ବେଳେ କିଛି ଅଧ୍ୟକ୍ଷଙ୍କୁ ବିଦା କରାଯାଇଥିଲା । *(ପୃଷ୍ଠା ୭ରେ)*

# ବୈଜୟନ୍ତ ପଣ୍ଡା ହେଲେ ସଂସଦର ପବ୍ଲିକ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୧୭।୮ ନ୍ୟୁଜ ବ୍ୟୁରୋ

ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଗୁରୁ ଦାୟିତ୍ୱ ଦେଲେ ବାଚସ୍ପତି ସୁରମା ପାଢ଼ୀ। ବୈଜୟନ୍ତ ପଣ୍ଡା ସଂସଦର ପବ୍ଲିକ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କମିଟିରେ ଲୋକସଭାରୁ ୧୫, ରାଜ୍ୟ ସଭାରୁ ୭ ସଦସ୍ୟଙ୍କୁ ଚୟନ କରାଯାଇଛି। କମିଟିରେ ତାରିକ ଅନୱାର, ସୁଦୀପ ବନ୍ଦୋପାଧ୍ୟାୟ, କାନିମୋଇ ସଦସ୍ୟ ହୋଇଥିବା ବେଳେ ପ୍ରତାପ



ଷଡ଼ଙ୍ଗୀ, ଦେବାଶିଷ ସାମନ୍ତରାୟ, ଅରୁଣ ସିଂହଙ୍କ ନାମ ମଧ୍ୟ ଏହି ଲିଷ୍ଟରେ ଅଛି।




# ଗହ୍ମାପୂର୍ଣ୍ଣିମାରେ ଦେଖାଯିବ ନୀଳଜହ୍ନ



ନୂଆଦିଲ୍ଲୀ, ୧୭।୮

ଗହ୍ମାପୂର୍ଣ୍ଣିମା ବା ରକ୍ଷାବନ୍ଧନର ଦିନ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର । କିନ୍ତୁ ଏଥର ମହାକାଶ ପ୍ରତି ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ଏହି ଦିନଟି ଅତ୍ୟନ୍ତ ସ୍ୱତନ୍ତ୍ର ହେବାକୁ ଯାଉଛି । କାରଣ ଅଗଷ୍ଟ ୧୯ରେ ଆକାଶରେ ବ୍ଲୁ ମୁନ ବା ନୀଳଜହ୍ନ ଦେଖାଯିବ। ତେବେ ବ୍ଲୁ ମୁନ କଣ ଓ ଏହା ପଛର ବୈଜ୍ଞାନିକ କାରଣ କ'ଣ ?

ପୃଥିବୀ ଚାରିପଟେ ଘୂରିବୁଲୁଥିବା ବେଳେ ଚନ୍ଦ୍ର ବେଳେ ବେଳେ ପୃଥିବୀ ନିକଟକୁ ଆସିଥାଏ। ପୁଣି ବେଳେ ବେଳେ ଏହା ପୃଥିବୀଠାରୁ ଦୂରେଇ ଯାଇଥାଏ । ଯେତେବେଳେ ଏହା ପୃଥିବୀର ସବୁଠାରୁ ନିକଟବର୍ତ୍ତୀ ହୋଇଥାଏ ସେତେବେଳେ ଚନ୍ଦ୍ର ୩୦ ପ୍ରତିଶତ ବଡ଼ ଓ ଉଜ୍ଜ୍ୱଳ ଦେଖାଯାଏ, ତାହାକୁ ସୁପରମୁନ କୁହାଯାଏ।

ଅନ୍ୟପକ୍ଷରେ ନୀଳଜହ୍ନ ବା ବ୍ଲୁମୁନ ଏକ ମହାଜାଗତିକ ଘଟଣା। ଯେତେବେଳେ ଗୋଟିଏ କ୍ୟାଲେଣ୍ଡର ମାସରେ *(ପୃଷ୍ଠା ୭ରେ)*





# ବାଲୁକା କଳାରେ ହର ଘର ତ୍ରିରଙ୍ଗା ପାଳନ କରିବାକୁ ବାର୍ତ୍ତା ଦେଲେ ସୁଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ସାରା ଦେଶରେ ହର ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇ ସାରିଛି । ସବୁ ଭାରତୀୟମାନେ ନିଜ ଘରେ ଜାତୀୟ ପତାକା ଲଗାଇ ଦେଶ ପାଇଁ ଲଢେଇ କରି ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ପ୍ରଦାନ ପାଇଁ ଏହି ଅଭିଯାନ ସମସ୍ତେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବାଲୁକା ଚିତ୍ରଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ନୀଳାଦ୍ରି ବିଚ୍‌ରେ ଏକ ସୁନ୍ଦର୍ ବାଲୁକା ଚିତ୍ର କଳା ତିଆରି କରି 'ହର ଘର ତ୍ରିରଙ୍ଗା' କାର୍ଯକ୍ରମକୁ ସମସ୍ତେ ପାଳନ କରିବାକୁ ବାଲୁକା ଚିତ୍ର କଳା ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି । ବାଲୁକା ଚିତ୍ରକଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତ ମାନଚିତ୍ରର ପ୍ରତିକୃତି ନିର୍ମାଣ କରିଛନ୍ତି ସୁଦର୍ଶନ। ଏହି ବାଲୁକା ଚିତ୍ରକଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ କିଭଳି ସାରା ଦେଶରେ ତ୍ରିରଙ୍ଗା ଉଡୁଛି ତାହା ପ୍ରତିକୃତି ଏହି ବାଲୁକା ଚିତ୍ର କଳାରେ ଦେଖିବାକୁ ମିଳିଛି । ବାଲୁକା ଚିତ୍ରଶିଳ୍ପୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, 'ଅଗଷ୍ଟ ୯ ତାରିଖରୁ ଅଗଷ୍ଟ ୧୫ ତାରିଖ ଯାଏଁ ଏହି ହର ଘର ତ୍ରିରଙ୍ଗା ପାଳନ ହେଉଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମସ୍ତେ ଗ୍ରହଣକରି ଏହି ଅଭିଯାନରେ ସାମିଲ ହେବା ଉଚିତ। ସେହିପରି ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ତ୍ରିରଙ୍ଗା ଫଟୋ ଲଗେଇ ଥିବାରୁ ଆମେ ସମସ୍ତେ ନିଜ ସୋସିଆଲ ମିଡ଼ିଆ ପ୍ରୋଫାଇଲରେ ତ୍ରିରଙ୍ଗା ଫୋଟୋ ଲଗେଇବା ।' ତେବେ ସୁଦର୍ଶନଙ୍କ ଏହି ଚିତ୍ରକଳା ଦେଖିବା ପାଇଁ ବହୁ ପର୍ଯ୍ୟଟକ ଭିଡ଼ ଜମାଇଥିଲେ ।

# ବଦଳୁଛି ପରମ୍ପରା: ବଢୁଛି ରାକ୍ଷୀ ପସରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଆସୁଛି ରାଖୀ ପୂର୍ଣ୍ଣିମା। ଭାଇ ଭଉଣୀଙ୍କ ସମ୍ପର୍କର ମହତ୍ତ୍ୱକୁ ଦର୍ଶାଉଥିବା ଏହି ଦିନଟିକୁ ଚାହିଁ ବସିଛନ୍ତି ଭାଇ ଓ ଭଉଣୀମାନେ। ତେବେ ବର୍ତ୍ତମାନ ରାଖୀର ପରଂପରା ବଦଳୁଛି। ହୁଏତ ଏହାର ପରିସରକୁ ଆହୁରି ବ୍ୟାପକ କରିବାଲାଗି ବ୍ୟବସାୟୀମାନଙ୍କର ଏହା ଏକ କୌଶଳ ହୋଇଥିବ! କିନ୍ତୁ ଲୋକେ ଏହାକୁ ପସନ୍ଦ କରୁଛନ୍ତି। ତେଣୁ ଗ୍ରହଣ ଓ ଅନୁସରଣ କରୁଛନ୍ତି। ଏବେ ରାଖୀ କେବଳ ଭାଇମାନଙ୍କ ହାତରେ ପିନ୍ଧାଇବାରେ ସୀମିତ ହୋଇନାହିଁ, ଝିଅମାନେ ନିଜ ଝିଅସାଙ୍ଗଙ୍କ ହାତରେ ମଧ୍ୟ ରାଖୀ ବାନ୍ଧୁଥିବାର ଦେଖାଯାଉଛି। ଏବେ ନଣନ୍ଦମାନେ ବି ଭାଉଜମାନଙ୍କୁ ରାଖୀ ବାନ୍ଧିବାର ପରଂପରା ଆରମ୍ଭ ହେଲାଣି। ଭାଉଜଙ୍କୁ ପିନ୍ଧେଇବା ପାଇଁ ବଜାରକୁ ଆସିଛି ଏବେ ଲୁମ୍ବା ରାଖୀ। ଭାଉଜଙ୍କ ଉଦ୍ଦେଶ୍ୟରେ ଆସିଥିବା ଲୁମ୍ବା ରାଖୀରେ ସୁନ୍ଦର ମାଳି ସହିତ ଲଟକନ ଲାଗିଛି, ଯାହା ଝୁମକା ସଦୃଶ ଦେଖା ହେଉଛି। ଏହି ରାଖୀର ଦାମ୍ ହାରାହାରି ୧୦୦ ଟଙ୍କା ଥିବାବେଳେ ଉଭୟ ଭାଇ ଓ ଭାଉଜଙ୍କ ହାତରେ ବନ୍ଧା ହେବାକୁ ତିଆରି ହୋଇଥିବା 'ଭୈୟା ଭାବି ରାଖୀ'ର ଦାମ୍ ୨୫୦ରୁ ୩୦୦ ଟଙ୍କା ଭିତରେ ମିଳୁଛି। ରାଜଧାନୀ ଭୁବନେଶ୍ୱରରେ ବି ରାଖୀକୁ ନେଇ ବେଶ୍ ଉତ୍କଣ୍ଠା। ସହରର ଛକ ବଜାର ଓ ଗଳିକନ୍ଦିରେ ଖୋଲିଲାଣି ରାଖୀ ଦୋକାନ। ରୁଦ୍ରାକ୍ଷ, ଦେବଦେବୀଙ୍କ ଚିତ୍ର ଠାରୁ ଆରମ୍ଭ କରି ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଏକ୍ସ ସବୁକିଛି ରାଖୀରେ ଦେଖିବାକୁ ମିଳୁଛି। ବଜାରରେ ଏବେ ପାରମ୍ପରିକ ରାଖୀଠାରୁ ଆରମ୍ଭ କରି ଫ୍ୟାନ୍ସି, ବ୍ରେସ୍‌ଲେଟ୍, ଗୋଲଡେନ୍, ଲାଇଟ୍, ଡୋରେମନ୍, ବେନ୍‌ଟେନ୍, ଛୋଟା ଭିମ୍, ମୟୂର ପୁଚ୍ଛ, କପଡ଼ାରେ ପ୍ରସ୍ତୁତ ରାଖୀ ମଧ୍ୟ ଉପଲବ୍ଧ ହେଉଛି। ଏସବୁର ଦାମ୍ ୧୦ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଷ୍ଟୋନ୍ ରାଖୀର ଚାହିଦା ବେଶି। ଏହାର ଦାମ୍ ୧୦୦ ଟଙ୍କାରୁ ନେଇ ୫୦୦ ଟଙ୍କାରହିଛି। ଏଗୁଡ଼ିକ କୋଲକାତା, ରାଜସ୍ଥାନ, ଦିଲ୍ଲୀ, ଜୟପୁର ଓ ଗୁଜୁରାଟରୁ ଓଡ଼ିଶାକୁ ଆସିଛି ବୋଲି ନୂଆପଲ୍ଲୀର ବ୍ୟବସାୟୀ ରଘୁ ସାହୁ କହନ୍ତି। ସେହିପରି ଚଳିତ ରାଖୀ ପୂର୍ଣ୍ଣିମାରେ ଆକର୍ଷଣ ସାଜିବ କଷ୍ଟମାଇଜ୍ ରାଖୀ। ଏଥିରେ ଭାଇଭଉଣୀଙ୍କ ଯୋଡ଼ାଫଟୋ, ନଚେତ୍ କେବଳ ଭାଇ କିମ୍ବା ଭଉଣୀଙ୍କ ଫଟୋ ରହିବ। ବାଣୀବିହାର ସ୍ଥିତ 'ଆର୍ଚିସ'ରେ ଏହି ରାଖୀ ପ୍ରସ୍ତୁତ କରାଯାଉଛି। ତେବେ ଏଥିପାଇଁ ଆଗୁଆ ବରାଦ ଦେବାକୁ ପଡୁଛି। ଡିଜାଇନ୍ ଅନୁସାରେ ଏଗୁଡ଼ିକର ଦାମ୍ ୩୦୦ଟଙ୍କାରୁ ଆରମ୍ଭ ହେଉଛି। କେବଳ ରାଖୀ ନୁହେଁ, କାର୍ଡ ଓ ଭାଇଭଉଣୀର ସମ୍ପର୍କର ବାର୍ତ୍ତା ସହିତ ଭାଇ ଓ ଭଉଣୀଙ୍କ ଫଟୋ ଥିବା 'ବାଲ୍ ହାଙ୍ଗିଙ୍ଗ୍'ର ମଧ୍ୟ ଚାହିଦା ରହିଛି। ଏହାର ଦାମ ୨୦୦ଟଙ୍କାରୁ ଆରମ୍ଭ ହେଉଛି।

# ୫ କେଜି 'ଆଳୁ' ମାଗି ସସପେଣ୍ଡ୍ ହେଲେ ପୋଲିସ ବାବୁ

**ଲକ୍ଷ୍ନୌ,**

'ଆଳୁ' ମାଗି ସସପେଣ୍ଡ୍ ହେଲେ ପୋଲିସ ବାବୁ । ଉତ୍ତରପ୍ରଦେଶରେ ଏଭଳି ଏକ ଅଜବ ଘଟଣା ସାମ୍ନାକୁ ଆସିଛି । କନ୍ନୌଜରେ କାର୍ଯ୍ୟରତ ଜଣେ ସବ-ଇନ୍ସପେକ୍ଟର ପରିବା ବ୍ୟବସାୟୀଙ୍କଠାରୁ ୫ କେଜି ଆଳୁ ମାଗି ନିଲମ୍ବିତ ହୋଇଛନ୍ତି । କିନ୍ତୁ ୫ କେଜି ଆଳୁ ପଛରେ ରହିଥିବା ରହସ୍ୟ କିନ୍ତୁ ଭିନ୍ନ । ଯାଞ୍ଚରୁ ଜଣାପଡିଛି ଯେ ପୋଲିସ ବାବୁ ଜଣକ ଲାଞ୍ଚ ପାଇଁ 'ଆଳୁ' ଶବ୍ଦକୁ କୋର୍ଡ ୱାର୍ଡ ଭାବେ ବ୍ୟବହାର କରିଥିଲେ । ଏକ ମାମଲାକୁ ରଫାଦଫା କରିବା ପାଇଁ ଜଣେ ପରିବା ବ୍ୟବସାୟୀଙ୍କଠାରୁ ଲାଞ୍ଚ ମାଗୁଥିଲେ ସବ-ଇନ୍ସପେକ୍ଟର ରାମ କୃପାଲ । ଏନେଇ ସୋସିଆଲ ମିଡିଆରେ ଏକ ଅଡିଓ ଭାଇରାଲ ହେଉଛି । ଅଡିଓ ସାମ୍ନାକୁ ଆସିବା ପରେ ତାଙ୍କୁ ତୁରନ୍ତ ନିଲମ୍ବନ କରାଯାଇଥିବାବେଳେ ଭ୍ରଷ୍ଟାଚାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ଏନେଇ ମନ୍ତ୍ରୀ ଅସୀମ ଅରୁଣ କନ୍ନୌଜ ପୋଲିସକୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର ଚପୁତ୍ରା ଅଞ୍ଚଳର ଜଣେ ପରିବା ବ୍ୟବସାୟୀଙ୍କର ଭାବଲପୁର ଚପୁତ୍ରା ଥାନାରେ ଏକ ମାମଲା ରହିଥିଲା । ଥାନା ଇନଚାର୍ଜ ସବ-ଇନ୍ସପେକ୍ଟର ରାମ କୃପାଲ ଏହା ମାମଲାର ରଫାଦଫା ପାଇଁ ୫ କେଜି ଆଳୁ ଦେବା ପାଇଁ ପରିବାର ବ୍ୟବସାୟୀଙ୍କୁ କହିଥିଲେ। କିନ୍ତୁ ବ୍ୟବସାୟୀ ଜଣକ ୫ କେଜି ଆଳୁ ଦେବା ପାଇଁ ଅସମର୍ଥ ବୋଲି କହି ୨ କେଜି ଆଳୁ ଦେଇପାରିବେ ବୋଲି ପୋଲିସ ଅଧିକାରୀଙ୍କୁ କହିଥିଲେ । ହେଲେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତତର୍କ ହୋଇଥିଲେ । ଶେଷରେ ୩ କେଜି ଆଳୁ ଦେବାକୁ କହିଥିଲେ । ତେବେ ଏହି ପୁରା ଘଟଣା ଥିଲା ଭିନ୍ନ । ପୋଲିସ ବାବୁ ଆଳୁ ଆଳରେ ଟଙ୍କା ମାଗୁଥିବା ଜଣାପଡିଥିଲା । ଆଳୁକୁ କୋଡ ୱାର୍ଡ ଭାବେ ବ୍ୟବହାର କରିଥିଲେ ସ୍ମାର୍ଟ ପୋଲିସ ବାବୁ । ପୋଲିସ ବାବୁ ଓ ପରିବା ବ୍ୟବସାୟୀଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଅଡ଼ିଓରେ ଶୁଣିବାକୁ ମିଳୁଛି ଯେ, ବ୍ୟବସାୟୀ ଜଣକ କହୁଛନ୍ତି ୨ କେଜି ଆଳୁ ଦେଇପାରିବି ଆଉ ଅଧିକା ହୋଇପାରିବ ନାହିଁ । ଏହାପରେ ପୋଲିସ ବାବୁ ଚିଡ଼ିଯାଇ କହୁଛନ୍ତି ଯେ ୨ କେଜି ନୁହେଁ ଏକ କେଜି ବି ଦେବା ଦରକାର ନାହିଁ । ଯାଇକି ସେଠାରେ ଜାମିନ କରିଦେବ । ଯେତେବେଳେ ମୁଁ ତମକୁ ସବୁକଥା କହିସାରିଛି ତା'ପରେ ବି ଯଦି ଏମିତି କରିବ ତେବେ ମୁଁ କ'ଣ କରିବି । ଏହାପରେ ବ୍ୟବସୀୟ ଜଣକ କହୁଛନ୍ତି, ସାର ବହୁତ ଚିନ୍ତାରେ ଅଛି କାମ କିଛି ହୋଇପାରୁନି। ହଉ ନହେଲେ ଠିକ ଅଛି ୩ କରିଦେ ।

# ବେଲଗାମ ଘରୋଇ ହଷ୍ଟେଲ ଭଡ଼ା: ପ୍ରଶାସନର ନିୟନ୍ତ୍ରଣ ନାହିଁ, ମାଲିକ ମାଲେମାଲ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉ ଅଥବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ, ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ଭୁବନେଶ୍ୱରମୁହାଁ ହେଉଛନ୍ତି। ମାତ୍ର ସେମାନଙ୍କ ରହିବା ପାଇଁ ସହରରେ ଯଥେଷ୍ଟ ହଷ୍ଟେଲ ନାହିଁ। କେତେକ ସରକାରୀ ଶିକ୍ଷାନୁଷ୍ଠାନରେ ହଷ୍ଟେଲରେ ରହିଥିଲେ ମଧ୍ୟ ସେଥିରେ ଆବଶ୍ୟକୀୟ ସିଟ୍ ନାହିଁ। ପରିଣାମ ସ୍ୱରୂପ ଛାତ୍ରଛାତ୍ରୀ ବାଧ୍ୟ ହୋଇ କ୍ୟାମ୍ପସ ବାହାରେ ହଷ୍ଟେଲ କିମ୍ବା ପେଇଙ୍ଗ୍ ଗେଷ୍ଟରେ ରହିବାକୁ ବାଧ୍ୟ ହେଉଛନ୍ତି। ଆଉ ଏହାର ଫାଇଦା ନେଇ ହଷ୍ଟେଲ ମାଲିକମାନେ ଏବେ ପ୍ରତିବର୍ଷ ଘର ଭଡ଼ା ବଢ଼ାଇ ଚାଲିଛନ୍ତି। କେହି କେହି ଆଗୁଆ ଦୁଇ ମାସର ଭଡ଼ା ନେଇଯାଉଛନ୍ତି। କେଉଁଠି ବେଡ୍ ଅନୁଯାୟୀ ଭଡ଼ା ବଢୁଛି ତ ଆଉ କେଉଁଠି ଘରର ଆକାର ହିସାବରେ। ତା'ପରେ ମଧ୍ୟ ଅଧିକାଂଶ ହଷ୍ଟେଲରେ ସୁରକ୍ଷା ଓ ସ୍ୱଚ୍ଛତା ବ୍ୟବସ୍ଥା ଠିକ୍ ରହୁ ନାହିଁ। ହଷ୍ଟେଲ୍‌ରେ ଗାଡ଼ି, ସାଇକେଲ ରଖିବାକୁ ଜାଗା ନ ଥିବାରୁ ଛାତ୍ରଛାତ୍ରୀ ହଇରାଣ ହେବାକୁ ପଡ଼ିଛି।

ଉତ୍କଳ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିକଟରେ ରହିବାକୁ ଛାତ୍ରଛାତ୍ରୀ ଅଧିକ ଆଗ୍ରହ ଦେଖାଉଛନ୍ତି। ଏଥିସହ ଜାତୀୟ ରାଜପଥ ନିକଟରେ ଥିବା ଆଚାର୍ଯ୍ୟବିହାର, ଜୟଦେବବିହାର ଓ ବାଣୀବିହାର ଛକରେ ୫୦ରୁ ଅଧିକ କୋଚିଂ ସେଣ୍ଟର ତଥା ସରକାରୀ, ବେସରକାରୀ ପ୍ରତିଷ୍ଠାନ ଖୋଲିଛି। ତେଣୁ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଏହି ଅଞ୍ଚଳ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ହେଲେ ଆବଶ୍ୟକତା ଅନୁଯାୟୀ ଘର ମିଳୁ ନାହିଁ। ଘର ଖଣ୍ଡେ ପାଇବାକୁ ପିଲାମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଏଠାକାର ହଷ୍ଟେଲଗୁଡ଼ିକରେ ସାଧାରଣତଃ ଚାରିପ୍ରକାର ଭଡ଼ା ଦିଆଯାଉଛି। ୧୮୦୦ ଟଙ୍କାରେ ଗୋଟିଏ କଠୋରିରେ ୪ ରୁ ୫ଜଣ ଛାତ୍ରଛାତ୍ରୀ ରହୁଛନ୍ତି। ସେମାନଙ୍କୁ ୭୦ରୁ ୮୦ ସେମି ଚଉଡ଼ାର ଏକ ଖଟ ସହ ଗୋଟିଏ ଶୌଚାଳୟ ବ୍ୟବହାର କରିବାକୁ ଦିଆଯାଉଛି। ସେହିପରି ୨୨୦୦ ଟଙ୍କାରେ ଗୋଟିଏ କୋଠରିରେ ତିନିଜଣ ରହିବାର ସୁବିଧା ହୋଇଛି ଏବଂ ଖଟ ସହ ଜିନିଷପତ୍ର ରଖିବାକୁ ଗୋଟିଏ କପବୋର୍ଡ ରହିଛି। ୩୦୦୦ ଟଙ୍କାରେ ଗୋଟିଏ ପ୍ରକୋଷ୍ଠରେ ଦୁଇ ଜଣ ସହିତ ଏକ କପ୍ ବୋର୍ଡ, ସ୍ୱତନ୍ତ୍ର ରୋଷେଇ ଘର, ଇଲେକ୍‌ଟ୍ରୋନିକ୍ସ ଜିନିଷ ଯେପରିକି ଗ୍ରାଇଣ୍ଡର, ଆଇରନ ବ୍ୟବହାର କରିବାକୁ ଅନୁମତି ମିଳୁଛି। ହଷ୍ଟେଲରେ ଯେଉଁ ରୋଷେଇ ଘର ରହିଛି ତାହା ବହୁତ ଛୋଟ କଠୋରି। ଏପରିକି ଯେଉଁଠି କମ୍ ମୂଲ୍ୟରେ ଭଡ଼ା ମିଳିଛି ସେଠାରେ ବେଡ୍ ପାଖରେ ରୋଷେଇ କରିବାକୁ ସୁଯୋଗ ଦିଆଯାଇଛି। କେତେକ ସ୍ଥାନରେ କୋଟିଏ କୋଠରିରେ ଲାଇନରେ ଚୁଲା ଥୁଆ ହୋଇଛି। ହେଲେ ହଷ୍ଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ନ ଥିବାରୁ ଏବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ନିକଟରେ ଦିଲ୍ଲୀରେ ଘଟିଥିବା ଦୁର୍ଘଟଣା ଭଳି ଏଠାରେ ମଧ୍ୟ କେତେବେଳେ କ'ଣ ହୋଇଯିବ ତାହାକୁ ନେଇ ଛାତ୍ରଛାତ୍ରୀ ଆଶଙ୍କାରେ ରହିଛନ୍ତି। ୫ ବର୍ଷ ଧରି ଆଚାର୍ଯ୍ୟବିହାରରେ ରହୁଥିବା ମାନସ ସାମଲଙ୍କ କହିବାନୁଯାୟୀ, ପୂର୍ବରୁ ଏଠାରେ ଗୋଟିଏ କୋଠରୀରେ ସମସ୍ତ ସୁବିଧା ଥିବା ଘର ୪୦୦୦ ଟଙ୍କାରେ ମିଳିଯାଉଥିଲା। ବର୍ତ୍ତମାନ ତାହା ୬ରୁ ୭୦୦୦ରେ ପହଞ୍ଚିଲାଣି। ହଷ୍ଟେଲଗୁଡ଼ିକରେ ସିଟ୍‌ପିଛା ଭଡ଼ା ବଢୁଛି। ମାତ୍ର ମୌଳିକ ସୁବିଧାରେ କୌଣସି ସୁଧାର ଆସିନାହିଁ। ଘରଛାତରୁ ପାଣି ଗଳିବା ନେଇ ଅଭିଯୋଗ କଲେ ଛାଡ଼ି ଦେବାକୁ ମାଲିକ ଧମକ ଦେଉଛନ୍ତି। ପୁଲିସ କିମ୍ବା ମହାନଗର ପ୍ରଶାସନ ପକ୍ଷରୁ କୌଣସି ପ୍ରକାର କଟକଣା ନ ଥିବାରୁ ମାଲିକମାନଙ୍କ ମନମାନୀ ବଢ଼ି ଚାଲିଛି। ନୂଆକରି ଭୁବନେଶ୍ୱର ଆସିଥିବା ଛାତ୍ରୀ କଳ୍ପନା ମହାନ୍ତି କହନ୍ତି, ''କୋଚିଂ ସେଣ୍ଟର ନିକଟରେ ଘର ପାଇବାକୁ ମାସେ ହେଲା ବୁଲୁଛି। ଯେଉଁ କିଛି ସ୍ଥାନରେ ଖାଲି ଅଛି, ସେଠାରେ ଅଧିକ ଦର କହୁଛନ୍ତି। ମାତ୍ର ଆବଶ୍ୟକ ଅନୁଯାୟୀ ସୁବିଧା ନାହିଁ। ବସ୍ତି ଅଞ୍ଚଳରେ କମ୍‌ଦାମରେ ଘରଭଡ଼ା ମିଳୁଥିଲେ ମଧ୍ୟ ସେଠାରେ ରହିବା ସୁରକ୍ଷିତ ନୁହେଁ। ତେଣୁ ବାଧ୍ୟ ହୋଇ ଏବେ ଜଣେ ସମ୍ପର୍କୀୟଙ୍କ ଘରେ ରହୁଛି।''

# ନିଶାମୁକ୍ତ ହେବ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସ, ସବୁଠି ଜୋରଦାର ହେବ ସଚେତନତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଶାମୁକ୍ତ ହେବ ସମସ୍ତ ଶିକ୍ଷାନୁଷ୍ଠାନ ପରିସର । ଆଜିର ସମୟରେ ନିଶା ସେବନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ । ଏହାର ପ୍ରଭାବରେ ଯୁବପିଢ଼ିଙ୍କ ମଧ୍ୟରେ ହିଂସା ହତ୍ୟା ଲୁଣ୍ଠନ ଭଳି ମନୋବାବ ବଢିବାରେ ଲାଗିଛି । ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବ ସମାଜ ପଥ ଭ୍ରଷ୍ଟ ହେଉଥିବାରୁ ଚିନ୍ତା ବଢ଼ାଇଛି । ଏନେଇ ନିଶାଦ୍ରବ୍ୟକୁ ନେଇ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତା କରାଯିବ। ଶିକ୍ଷାନୁଷ୍ଠାନରେ ସଚେତନତା କରାଯିବ । ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିଶାମୁକ୍ତ ଭାରତ ଅଭିଯାନକୁ ଜୋରଦାର କରିବାକୁ ୟୁଜିସି ନିର୍ଦ୍ଦେଶ ଦେଇଛି । ବେ?ଷୟିକ ଶିକ୍ଷା ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ସମନ୍ୱୟ ରଖି କାମ କରିବ ଉଚ୍ଚଶିକ୍ଷା ବିଭାଗ । ଉଭୟ କଲେଜ ଓ ହଷ୍ଟେଲ ଗୁଡ଼ିକରେ ଏହାକୁ କଡ଼ାକଡ଼ି କରାଯିବ ପାଇଁ ନିର୍ଦ୍ଦେଶ ରହୁଛି । ଏନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, 'ଟଏଉଙ୍କ ପରାମର୍ଶ କ୍ରମେ ଆମେ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡିକୁ ନିଶାମୁକ୍ତ କରିବା ଦିଗରେ ଅଗ୍ରସର ହେବୁ । ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷାକୁ ନେଇ କାମ କରିବୁ । ଏନେଇ ଟଏଉ ଏକ ନିର୍ଦ୍ଦେଶାବଳୀ ଦେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ ଅଟେ । କେମିତି କମିଟି ହେବ, ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ଓ ପାଠ୍ୟକ୍ରମରେ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯିବ । ଏହା ସାମାଜିକ ସୁରକ୍ଷା ପାଇଁ ପାଳନ ହେବାର ଆବଶ୍ୟକତା ଅଛି ।' ଏନେଇ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିରୁପମା ମଙ୍ଗରାଜ କହିଛନ୍ତି, 'ସ୍କୁଲ ହତା ମଧ୍ୟରେ ବା ହତା ବାହାର ପାଖରେ ନିଶାଦ୍ରବ୍ୟ ବିକ୍ରି କରିବା ନେଇ ନଜରକୁ ଆସିନାହିଁ । ପିଲାଙ୍କୁ ସବୁବେଳେ ନିଶାଦ୍ରବ୍ୟକୁ ନେଇ ସଚେତନତା କରାଯାଉଛି । ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଛି । ନିର୍ଦ୍ଦେଶ ଅନୁସାରେ ପିଲାମାନଙ୍କୁ ଆମେ ସଚେତନ କରୁଛୁ । ଏହାସହ ଅଭିଭାବକମାନଙ୍କୁ ମଧ୍ୟ ସ୍କୁଲ ବୈଠକରେ ସଚେତନତା କରାଯାଉଛି ।' ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଓ ଭେଷଜ ଅନୁଷ୍ଠାନ, ଆଇ ଆଇ ଏମ୍ ଓ ଆଇଆଇଟି ଆଦି ଶିକ୍ଷାନୁଷ୍ଠାନରେ ସଚେତନତା ପାଇଁ ଶପଥ ପାଠ ଗ୍ରହଣ କରାଯିବାର ଯୋଜନା କରାଯାଇଛି । ଏହା ସହ ସାଂସ୍କୃତିକ ସାମାଜିକ କ୍ରୀଡା ଓ ଗଣଦୌଡ ମାଧ୍ୟମରେ ନିଶା ନିବାରଣ ସମ୍ବନ୍ଧୀୟ ପ୍ରଚାରପ୍ରସାର କରାଯିବ ବୋଲି ୟୁଜିସି ପ୍ରକାଶ କରିଛନ୍ତି ।

# ଆମ ହସ୍ତତନ୍ତ ଆମ ଗୌରବ : ଶାଢ଼ି ପିନ୍ଧି ୱାକଥନରେ ସାମିଲ ହେଲେ ଶତାଧିକ ଓଡ଼ିଆଣୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ହସ୍ତତନ୍ତ କାରିଗରୀ ଓଡ଼ିଶାର ଅନ୍ୟତମ ପରିଚୟ । ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜଧାନୀ ଭୁବନେଶ୍ୱରରେ ସ୍ୱାଭିମାନୀ ଓଡ଼ିଆ ୱିମେନ' ୱାର୍ଲ୍ଡ ପକ୍ଷରୁ ଆୟୋଜିତ ହୋଇଯାଇଛି ହ୍ୟାଣ୍ଡଲୁମ ୱାକଥନ । ଓଡ଼ିଶାର କଳା ସଂସ୍କୃତି ପରମ୍ପରାକୁ ନେଇ ହୋଇଥିବା ଏହି ୱାକଥନ ଶିଖରଚଣ୍ଡୀରୁ ଇନଫୋସିଟି ପର୍ଯ୍ୟନ୍ତ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣର ୬୦୦ରୁ ଊର୍ଦ୍ଧ୍ୱ ମହିଳା ପାରମ୍ପରିକ ବେଶଭୂଷାରେ ସଜେଇ ହୋଇ ଏଥିରେ ସାମିଲ ହୋଇଥିଲେ । 'ଆମ ହସ୍ତତନ୍ତ ଆମ ଗୌରବ' ବାର୍ତ୍ତା ନେଇ ସାରା ଭାରତରେ ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳନ ହେଉଥିବାବେଳେ ରାଜ୍ୟ ସରକାର ମଧ୍ୟ ହସ୍ତତନ୍ତର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ଭୁବନେଶ୍ୱର ହେଉଥିବା ଏହି ହ୍ୟାଣ୍ଡଲୁମ ୱାକଥାନ ନିଶ୍ଚୟ ହସ୍ତତନ୍ତ ଓ ଆମ ବୁଣାକାରଙ୍କ କଳାକୃତିକୁ ସାରା ବିଶ୍ୱରେ ପ୍ରଦର୍ଶିତ କରିବ ବୋଲି କହିଛନ୍ତି ସ୍ୱାଭିମାନୀ ଓଡ଼ିଆ ୱିମେନ' ୱାର୍ଲ୍ଡର ସଦସ୍ୟ ପ୍ରମୋଦିନୀ ବେହେରା। ସେ କହିଛନ୍ତି, 'ଓଡ଼ିଶାର ହସ୍ତତନ୍ତର ପ୍ରଚାର ପାଇଁ ଓଡିଶା ମାଟିରେ ଦ୍ୱିତୀୟ ଥର ପାଇଁ ସଂଗଠନ ପକ୍ଷରୁ ୱାକଥାନ ହେଉଛି । ବିଶେଷ କରି ସ୍ୱନ୍ଦିତା ହ୍ୟାଣ୍ଡଲୁମର ପ୍ରତିଷ୍ଠାତା ସସ୍ମିତା ହୋତାଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ କରାଯାଇଛି । ଏନେଇ ଆମକୁ ବେଶ ଖୁସି ଲାଗୁଥିବାବେଳେ ଶହ ଶହ ସଂଖ୍ୟାର ଓଡ଼ିଆଣୀଙ୍କୁ ଏକାଠି ହୋଇଥିବା ଦେଖି ବେଶ ଖୁସି ଲାଗୁଛି ଓ ଗର୍ବ ଅନୁଭବ ହେଉଛି । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବପିଢ଼ି ମଧ୍ୟ ବେଶ ସୁନ୍ଦର ଭାବେ ପାରମ୍ପରିକ ହସ୍ତତନ୍ତର ପୋଷାକ ପରିଧାନ କରି ଶୋଭାକୁ ବଢାଉଛନ୍ତି। ଆମ ପରମ୍ପରାକୁ ନେଇ ଆମେ ଗର୍ବ କରୁ ଓ ଏହାକୁ ଉଜ୍ଜୀବିତ କରି ରଖିବା ନେଇ ଆମର ପ୍ରୟାସ ଜାରି ରହିବ । 'ଅନ୍ୟପଟେ ଏନେଇ ଅଭିନେତ୍ରୀ ଭୂମିକା କହିଛନ୍ତି, 'ଓଡ଼ିଶାରେ ବହୁତ ଦକ୍ଷତା ସମ୍ପନ୍ନ ବୁଣାକାରମାନେ ଅଛନ୍ତି। ଯେଉଁମାନେ ସ୍ଥାନୀୟ କଳା ଓ ସଂସ୍କୃତିକୁ ବଜାୟ ରଖିଛନ୍ତି । ସେମାନଙ୍କୁ ସମର୍ଥନ କରିବା ନିହାତି ଦରକାର ।' ସେହିପରି ଅଭିନେତ୍ରୀ ଗୁନଗୁନ କହିଛନ୍ତି, 'ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଓଡ଼ିଆର ସ୍ୱାଭିମାନ, ଆମ ଭାଷା, ଓଡ଼ିଆ ଅସ୍ମିତା ଓ କଳାର ପ୍ରଚାର ସହ ମହିଳାଙ୍କ ନେତୃତ୍ୱ ପ୍ରଦର୍ଶିତ ହୋଇଛି । ଯାହା ସ୍ୱାଗତଯୋଗ୍ୟ । ଭିନ୍ନତା ଭିତରେ ଏକତାର ବାର୍ତ୍ତା ଦେଉଥିବା ଆମ ରାଜ୍ୟରେ ଆଜି ସମସ୍ତେ ହସ୍ତତନ୍ତର କଳାରେ ଆଚ୍ଛାଦିତ ହୋଇ ସୁନ୍ଦର ଦେଖାଯାଉଛନ୍ତି । 'ଏହି କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟ, ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିଜେପି ନେତା ପ୍ରିୟଦର୍ଶୀ ମିଶ୍ରଙ୍କ ସହ ଅଭିନେତ୍ରୀ ଭୂମିକା, ଗୁନଗୁନ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ୱାକଥନର ଶୁଭାରମ୍ଭ କରିଥିଲେ । ଜଣେ ଓଡ଼ିଆ ଭାବେ ଆମ ପରିଚୟ ଆମ କଳା ହୋଇଥିବା ବେଳେ ଏହାର ପ୍ରଚାର ପ୍ରସାର ସହ ବିଶ୍ୱରେ କିଭଳି ଆମ ହସ୍ତତନ୍ତ ବିଦିତ ହୋଇପାରିବ ସେ ଦିଗରେ ସର୍ବଦା ପ୍ରୟାସ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ଉପସ୍ଥିତ ଅତିଥି ।

# ଦଶପଲ୍ଲାର ଭିନ୍ନ ଏକ ନଗଡ଼ା : ଅପପୁଷ୍ଟିରେ ଶଢୁଛନ୍ତି, ଚିକିତ୍ସା ପାଇଁ ମୁହଁ ମୋଡୁଛନ୍ତି

**ଦଶପଲ୍ଲା, ନ୍ୟୁଜ ବ୍ୟୁରୋ**



ଫୁଙ୍ଗୁଳା ଦେହ ସାଙ୍ଗକୁ ନୁଖୁରା ମୁଣ୍ଡ। ଆଖି କୋରଡ଼କୁ ପଶି ଯାଇଛି। କିଏ ବଣପାହାଡ଼ ବୁଲି ପାଚିଲା ତାଳ ଖାଉଛି ତ କାହା ହାତରେ ଲୁଣ ସାଙ୍ଗକୁ ବାସି ତୋରାଣି। ଅପପୁଷ୍ଟିର ଶିକାର ହୋଇଥିବା ଗାଁର ଏମିତି ମାଳମାଳ ପିଲା ଘୂରି ବୁଲୁଛନ୍ତି। ହେଲେ ଡାକ୍ତରଖାନା ନାଁ ଧରିଲେ ସେମାନଙ୍କ ପରିବାର ମୁହଁ ମୋଡୁଛନ୍ତି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ କୁଲୁରୁକୁମ୍ପା ପଞ୍ଚାୟତର ବଣପାହାଡ଼ ଘେରା କୋହ୍ଲସାହିରେ ନଗଡ଼ାର ଏଭଳି ଭିନ୍ନ ଏକ ଚିତ୍ର ପ୍ରାଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋହ୍ଲସାହି କହିଲେ ଦଶପଲ୍ଲା ସମେତ ଆଖପାଖ ଗ୍ରାମର ଲୋକ ବେଶ୍ ଜାଣନ୍ତି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ, ସେମାନେ ହେଉଛନ୍ତି ଶବର ବା ଶବର ସମାଜ। ଗାଁରେ ୪୦ ପରିବାର ଦୀର୍ଘବର୍ଷ ସ୍ଥାୟୀ ଭାବେ ବସବାସ କରି ଆସୁଛନ୍ତି। ପ୍ରତି ପରିବାରରେ ୫ରୁ ୭ଟି ଛୁଆ ରହିଛନ୍ତି। ବିଦ୍ୟାଳୟରେ ନାଁ ଲେଖା ହୋଇଛି ସତ, ହେଲେ କେହି ବିଦ୍ୟାଳୟ ବାରଣ୍ଡା ମାଡ଼ନ୍ତି ନାହିଁ। ଗାଁରେ କେହି ସାର୍ଟ-ପ୍ୟାଣ୍ଟ ପିନ୍ଧା ଲୋକ ପହଞ୍ଚିଲେ, ବାବୁ ଆସିଛନ୍ତି କହି କିଏ ଘରକୁ ଦୌଡ଼ି ପଳାଉଛି ତ ପୁଣି କିଏ ବାବୁ ଚକୋଲେଟ୍ ଦେବେ କହି ଧାଇଁ ଆସିଥାନ୍ତି। ଗାଁରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଦିଦି କେବେ ଆସନ୍ତି ଓ ଯାଆନ୍ତି କେହି ଜାଣନ୍ତି ନାହିଁ। ବିଭିନ୍ନ ସମୟରେ ଅଙ୍ଗନବାଡ଼ିକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆରବିଏସ୍‌କେ ଟିମ୍ ପହଞ୍ଚୁଛି। ମାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୩ରୁ ୪ଟି ପିଲା ନିଶ୍ଚୟ ଅପପୁଷ୍ଟିର ଶିକାର ଥିବା ଚିହ୍ନଟ ହେଉଛନ୍ତି। କିନ୍ତୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ କେହି ରାଜି ହେଉନାହାନ୍ତି। ଗାଁର ଅଧିକାଂଶ ଶିଶୁ ଚର୍ମରୋଗରେ ଆକ୍ରାନ୍ତ। ବିଦ୍ୟାଳୟରେ ନାମ ଲେଖା ଯାଉଥିଲେ ବି ଏଯାଏଁ ଗ୍ରାମର କେହି ଦଶମ ଡେଇଁ ନାହାନ୍ତି। ଗାଁ ଲୋକେ ଜଙ୍ଗଲରୁ ମହୁଲ, ଲାଖ, ଝୁଣା ଆଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ଚଳାନ୍ତି। ବଡ଼କଥା ହେଉଛି, ଅନେକ ପରିବାରକୁ ଆବାସ ଯୋଜନାରେ ଘର ମିଳିଛି। ମାତ୍ର ଘର ନିର୍ମାଣ ନ ହୋଇ ଲକ୍ଷଲକ୍ଷ ଟଙ୍କା ହଡ଼ପ କରାଯାଇଛି। ଯେଉଁଥିରେ ଠିକାଦାରଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନର ପ୍ରଚ୍ଛନ୍ନ ଭୂମିକା ରହିଛି। ଫଳରେ ବହୁ ପରିବାର ଏବେ ଝଟିମାଟି ଘେରା ଭଙ୍ଗାକୁଡ଼ିଆରେ ପଡ଼ି ରହିଛନ୍ତି। ଅନେକ ପରିବାର ମଧ୍ୟ ଆଧାର କାର୍ଡ ନଥିବାରୁ ରାସନ୍ ପାଇବାରୁ ବଞ୍ଚିତ। ଏ ସମ୍ପର୍କରେ ସରପଞ୍ଚ ଅଶୋକ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଆଧାରକାର୍ଡ ନଥିବାରୁ ଅନେକ ରାସନ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଧାରକାର୍ଡ କରିବାକୁ ଯେତେ କହିଲେ ମଧ୍ୟ କେହି ଶୁଣୁନାହାନ୍ତି।

# ଆର୍ଯ୍ୟ ସଂସ୍କୃତି ମନ୍ଦିର: ଭୋଗ ବାସ୍ନାରେ ମହକୁଛି ଦିବ୍ୟ ଭୋଜନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ୟୁନିଟ-୨ ଅଶୋକନଗର ରାସ୍ତାକଡ଼କୁ ଲାଗି ରହିଛି ଆର୍ଯ୍ୟ ସଂସ୍କୃତି ମନ୍ଦିର। ଯେଉଁଠି ଶିବ, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ, ରାଧାକୃଷ୍ଣ, ଜଗନ୍ନାଥ, ହନୁମାନ ପୂଜା ପାଇଥାନ୍ତି। କିନ୍ତୁ ପ୍ରଥମେ ଏଠାରେ ଶିବ ପୂଜା ପାଉଥିଲେ। ୨୦୧୫ ମସିହାରୁ ମନ୍ଦିର ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲେ ହେଁ କେବଳ ପାର୍ସଲ ଦିଆଯାଉଥିଲା। କିନ୍ତୁ ଗତ ୫ ବର୍ଷ ହେଲା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ଏଠାରେ ୨ଶହ ଲୋକଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହୁଏ। କିନ୍ତୁ ସୋମବାର ଏହା ସାଢ଼େ ତିନିଶହକୁ ଛୁଇଁଥାଏ। ଅନ୍ନ, ଡାଲମା, ଶାଗମୁଗ, ଖଟା, ଖିରି, ମିକ୍ସି ତରକାରି ଆଦି ପ୍ରସାଦରେ ମିଳେ। ଯାହାର ମୂଲ୍ୟ ୭୦ ଟଙ୍କା ରହିଛି। ଯଦି ପାର୍ସଲ ନିଅନ୍ତି ତେବେ ଏହା ୭୫ଟଙ୍କା ଦର ରହିଥାଏ। ଦିନ ୧୨ ଟା ୩୦ରୁ ଅପରାହ୍ନ ୩ଟା ଯାଏ ଏଠାରେ ପ୍ରସାଦ ମିଳେ। ବିଭିନ୍ନ ବ୍ରତଘର, ଶ୍ରାଦ୍ଧ ଆଦିରେ ମଧ୍ୟ ଅର୍ଡର ରଖାଯାଏ। ମନ୍ଦିରରେ ଏକ ସାଙ୍ଗରେ ପ୍ରାୟ ୫୦ ଜଣ ଲୋକ ଖାଇବାର ବ୍ୟବସ୍ଥା କରାଯାଇଛି। ମନ୍ଦିର କମିଟି ପ୍ରସାଦ ପ୍ରସ୍ତୁତି କଥା ବୁଝିଥାଏ। ଏହି ଟଙ୍କାକୁ ମନ୍ଦିରର ଉନ୍ନତୀକରଣ, ନୀତିକାନ୍ତି ଓ ପୂଜକ ଦରମା ଆଦିରେ ଖର୍ଚ୍ଚ କରାଯାଇଥାଏ। ମନ୍ଦିରର ପୂଜକ ସୁକାନ୍ତ ପଣ୍ଡାଙ୍କ କହିବା ଅନୁଯାୟୀ, ମନ୍ଦିରଟି ପ୍ରାୟ ୬୯ ବର୍ଷ ପୁରୁଣା। ଏହି ମନ୍ଦିରକୁ କେବଳ ହିନ୍ଦୁମାନଙ୍କ ପ୍ରବେଶ ଥିବାରୁ ଏହାର ନାମ ଆର୍ଯ୍ୟ ସଂସ୍କୃତି ମନ୍ଦିର ରଖାଯାଇଛି। ମନ୍ଦିର ଥିବା ସ୍ଥାନଟି ପୂର୍ବରୁ ଜଙ୍ଗଲ ଥିଲା। ସେହି ପାଖାପାଖି କଂଗ୍ରେସ ଭବନ ଥିଲା। ଅଶୋକନଗରର ଲୋକେ ସେହି ବାଟ ଦେଇ ଯିବା ସମୟରେ ଗୋଟିଏ ଶିବଲିଙ୍ଗ ଦେଖିଥିଲେ। ଏହା ପ୍ରଭୁଙ୍କ ଆବିର୍ଭାବ ଭାବି ସେଠାରେ ଏକ ଚାଳ ଘର ତିଆରି କରି ଲିଙ୍ଗଙ୍କୁ ପୂଜା କଲେ। କାଳକ୍ରମେ ସେହି ଅଞ୍ଚଳର ବୈକୁଣ୍ଠନାଥ ଜେନା, ରାଜେନ୍ଦ୍ର ମଲ୍ଲ, ଶମ୍ଭୁନାଥ ପଣ୍ଡା, ଭକ୍ତ ବାବୁ ପ୍ରମୁଖ ମିଶି ସେଠାରେ ଏକ ଶିବ ମନ୍ଦିର ସ୍ଥାପନ କଲେ। ପରେ ଏହି ଅଞ୍ଚଳରେ ବଜାର ଗଢ଼ି ଉଠିଲା ଓ ସରକାରୀ ବାସଭବନ ହେଲା। କିଛି ଭକ୍ତ ଜଗନ୍ନାଥ ମନ୍ଦିର ନିର୍ମାଣ କଲେ। ୧୯୯୮ ମସିହାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଏଠାକୁ ଆସି ପାର୍ବତୀ ମନ୍ଦିରରେ ବିଗ୍ରହ ସ୍ଥାପନ କରିଥିଲେ। ସେହିପରି ୨୦୦୧ ମସିହାରେ ରାଧାକୃଷ୍ଣ ମନ୍ଦିରର ସ୍ଥାପନ ହୋଇଥିଲା। ପରେ ହନୁମାନ, ସରସ୍ୱତୀ ମନ୍ଦିର ନିର୍ମାଣ କରାଯାଇଥିଲା। କିନ୍ତୁ ମୂଳ ମନ୍ଦିରଟି କେବେ ପ୍ରତିଷ୍ଠା ହୋଇଥିଲା କାହାକୁ ଜଣାନାହିଁ।

# ଓଡ଼ିଶା ନିଟ୍ କାଉନସିଲିଂ-୨୦୨୪: ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏନ୍‌ଇଇଟି-ୟୁଜି କୃତି ଛାତ୍ରଛାତ୍ରୀ ରାଜ୍ୟରେ ଥିବା ଡାକ୍ତରୀ ମେଡିକାଲ କଲେଜରେ ପଢ଼ିବା ପାଇଁ ପଞ୍ଜୀକରଣ କରିପାରିବେ । ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପକ୍ଷରୁ ଠାରୁ ଏଥିପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତମାସ ୧୪ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ । ଅଗଷ୍ଟ ୧୮ ତାରିଖରେ କାଉନସିଲିଂ ପ୍ରୋଭିଜିନାଲ ବା ପ୍ରାଥମିକ ମେଧା ତାଲିକା ପ୍ରକାଶ ପାଇବ। ଏହା ସହ ଯୁକ୍ତ ତିନି ଏବଂ ବିଏଡ୍, ବିଏଚ୍‌ଏଡ୍ ଏବଂ ଏମ୍‌ଏଡ୍ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା ପରୀକ୍ଷାର ମେଧା ତାଲିକା ପ୍ରକାଶ ପାଇବ । ଦିବ୍ୟାଙ୍ଗ ପ୍ରାର୍ଥୀମାନେ କଟକ ବଡ ମେଡିକାଲ (ଏସ୍‌ସିବି)ର ମେଡିକାଲ ବୋର୍ଡ ନିକଟରେ ଉପସ୍ଥିତ ରହିବେ । ସେହିପରି ସେନାରେ କାର୍ଯ୍ୟରତ ବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସନ୍ତାନ ହୋଇଥିଲେ ନୟାପଲ୍ଲୀ ଆଇଆରସି ଭିଲେଜ ସ୍ଥିତ ରାଜ୍ୟ ସୈନିକ ବୋର୍ଡ ନିକଟରେ ଉପସ୍ଥିତ ହେବେ । ସେଠାରୁ ସୁପାରିଶ ପାଇବା ପରେ ସଂରକ୍ଷିତ କୋଟାରେ ନାମଲେଖା ପ୍ରକ୍ରିୟା ପାଇଁ ସେମାନଙ୍କୁ ବିଚାରକୁ ନିଆଯିବ । ନିର୍ଦ୍ଧାରିତ ସମୟରେ ବୋର୍ଡ ନିକଟରେ ଉପସ୍ଥିତ ନହେଲେ ସଂରକ୍ଷିତ କୋଟା ପାଇଁ ସେମାନଙ୍କୁ ବିଚାରକୁ ନିଆଯିବ ନାହିଁ ବୋଲି ଓଜେଇଇ ସ୍ପଷ୍ଟ କରିଛି। କାଉନସିଲିଂ ପ୍ରକ୍ରିୟା ଶେଷ ହେବା ପରେ ୧୮ ତାରିଖ ସନ୍ଧ୍ୟା ୫ଟାରେ ପ୍ରାଥମିକ ମେଧା ତାଲିକା ପ୍ରକାଶ ପାଇବ । ମେଧା ତାଲିକାକୁ ନେଇ ଆବେଦନକାରୀଙ୍କ କୌଣସି ଦ୍ୱନ୍ଦ୍ୱ ଥିଲେ ୨୪ ଘଣ୍ଟା ମଧ୍ୟରେ, ଅର୍ଥାତ ୧୯ ତାରିଖ ସଂଧ୍ୟା ୫ଟା ମଧ୍ୟରେ ଆବେଦନ କରିପାରିବେ । ଚୂଡ଼ାନ୍ତ ମେଧା ତାଲିକା ୨୦ ତାରିଖରେ ପ୍ରକାଶ ପାଇବ। ରାଜ୍ୟର ଛାତ୍ରଛାତ୍ରୀଙ୍କୁ କେବଳ ରାଜ୍ୟ କୋଟାରେ ଥିବା ସିଟ୍ ପାଇଁ ଚୟନ କରାଯିବ । ସେହିପରି ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀ ଓ ଏନ୍‌ଆରଆଇଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସିଟ ପାଇଁ ଚୟନ କରାଯିବ ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି । ୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତତିନି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ୧୨ ତାରିଖରୁ ଆରମ୍ଭ ହେବ । 'ସାମ୍ସ' ପୋର୍ଟାଲରେ ୧୨ ତାରିଖ ଅପରାହ୍ନ ୪ ଟାରୁ କମନ ଆପ୍ଲିକେସନ ଫର୍ମ (ସିଏଏଫ୍) ଉପଲବ୍ଧ ହେବ। ନାମଲେଖା ଆବେଦନ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ୨୯ ତାରିଖ ରାତି ୧୧ ଟା ୪୫ ମଧ୍ୟରେ ଆବେଦନ କରିପାରିବେ । ସେପ୍ଟେମ୍ବର ୨ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଅଗଷ୍ଟ ୨୦୨୪ ରବିବାର





# କେନ୍ଦୁଝରଗଡ଼ ରେଲୱେ କଲୋନୀରେ ଅଳିଆ ଗଦା:ବର୍ଷ ବର୍ଷ ଧରି ସଫା ହେଉନି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରଗଡ଼ ରେଲୱେ ଷ୍ଟେସନ୍‌ର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ରେଲୱେ କଲୋନୀ ବର୍ଷ ବର୍ଷ ଧରି ସଫେଇ ହେଉନଥିବା କାରଣରୁ କୁଡ଼ କୁଡ଼ ଅଳିଆ ଗଦା ସୃଷ୍ଟି ହୋଇ ରହିଛି କଲୋନୀ ମଧରେ । ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେବା କାରଣରୁ ବିଭିନ୍ନ ସଂକ୍ରମକ ରୋଗ ବ୍ୟାପୁଥିବା କଲୋନୀର ମହିଳାମାନେ ଅଭିଯୋଗ କରିଛନ୍ତି । ଏହି ଅପରିଷ୍କାର ଅଳିଆ ଗଦା ନିକଟରେ ମଶା ବଂଶ ବୃଦ୍ଧି ପାଇବା ଯୋଗୁ ଘରେ ଘରେ ମେଲେରିଆ, ଡେଙ୍ଗୁ, ଫାଇଲେରିଆ ପରି ରୋଗ ବ୍ୟାପିବାର ଆଶଙ୍କା ରହିଛି । ଅନେକ ଅଭିଯୋଗ କରିବା ପରେ ମଧ ଏହି ଅଳିଆ ସବୁକୁ ସଫା କରାଯାଉନାହିଁ । ଏହି ଅଳିଆ ସବୁକୁ



ଉଠାଯାଉନଥିବାରୁ କୁକୁରମାନେ ସେସବୁକୁ ଆଣି କଲୋନୀ ମଧରେ ଟାଣି ଆଣି ପକାଉଛନ୍ତି । ଗାଈ ଗୋରୁ, ଛେଳି ପରି ଅନେକ ଗୃହପାଳିତ ପଶୁ ଏସବୁ ଅଳିଆ ଓ ପଲିଥିନକୁ ଖାଇ ରୋଗାକ୍ରାନ୍ତ ହେଉଛନ୍ତି । କଲୋନୀ ମଧ୍ୟକୁ ସଫା ସୁତର ରଖିବା ପାଇଁ ପୂର୍ବତଟ ରେଳ ବିଭାଗ ତରଫରୁ ପ୍ରତିବର୍ଷ ଅର୍ଥ ମଞ୍ଜୁରୀ ହୋଇ ରହିଥିବା ବେଳେ କାହିଁକି ସଫା କରାଯାଉନାହିଁ ବୋଲି ମହିଳାମାନେ ପ୍ରଶ୍ନ କରିଥିଲେ । ସେ ଟଙ୍କା କୁଆଡେ ଯାଉଛି ଓ କେଉଁ ଉଦ୍ଦେଶ୍ୟରେ ବିନିଯୋଗ ହେଉଛି ବୋଲି ମହିଳାମାନେ ପ୍ରଶ୍ନ ଉଠାଇଥିଲେ । ଅନେକ କଲୋନୀର ମହିଳା କେନ୍ଦୁଝରଗଡ଼ ରେଳଷ୍ଟେସନ୍ ପରିସରରେ ଥିବା ସହକାରୀ ମଣ୍ଡଳ ଯନ୍ତ୍ରୀ ଓ୍ୱାର୍କସଙ୍କୁ ଏ ସମ୍ବନ୍ଧରେ ଅଭିଯୋଗ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ସାତଦିନ ଭିତରେ ଏହି ଅଳିଆଗଦା ସଫା ନହେଲେ ଘରର ସମସ୍ତ ଅଳିଆ କଲୋନୀର ମହିଳାମାନେ ଆଣି ସହକାରୀ ମଣ୍ଡଳଯନ୍ତ୍ରୀ ଓ୍ୱାର୍କସଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫୋପାଡିବେ ବୋଲି ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ନହେଲେ ମହିଳାମାନେ ଅଫିସ୍ ଘେରାଉ କରିବେ ବୋଲି ମଧ ଜଣାଇଛନ୍ତି । ଅଭିଯୋଗ ପ୍ରଦାନ କରିଥିବା ମହିଳାଙ୍କ ମଧରେ ଡି ମୁର୍ମୁ, ମଞ୍ଜୁଳା କୁମାରୀ, ଅମ୍ୱେ କୁମାରୀ, ଇ.ଭି. ଉଇଲିୟମ୍, ଅରୁନ୍ଧତୀ ପୃଷ୍ଟି, ଅନନ୍ୟା ପାତ୍ର, ସୁମିତ୍ରା ବନାରା, ସୁମନ କୁମାରୀ, ପ୍ରୀତି ଟପନୋ, ଉର୍ମିଳା କେରେକେଟା, କବିକ୍ରିଷ୍ଟାବତୀ ମହାନ୍ତ, ବସନ୍ତି ହେମ୍ବ୍ରମ ପ୍ରମୁଖ ସହକାରୀ ମଣ୍ଡଳ ଅଧିକାରୀଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ ।



# 'ମହିଳାମାନଙ୍କ ଆର୍ଥିକ ବିକାଶରେ ସହାୟକ ହେବ ସୁଭଦ୍ରା ଯୋଜନା'

**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ସୁଭଦ୍ରା ଯୋଜନା ନିମିତ୍ତ ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଓଡ଼ିଶା ସରକାର ମହିଳାମାନଙ୍କର ଆର୍ଥିକ, ସାମାଜିକ ତଥା ମାନସିକ ସଶକ୍ତିକରଣ କରି ସେମାନଙ୍କର ସ୍ୱାଧୀନତାକୁ ବୃଦ୍ଧି କରାଇବା ସହିତ ତାଙ୍କର ପରିବାରକୁ ସୁରକ୍ଷା ଯୋଗାଇବା ନିମନ୍ତେ ସୁଭଦ୍ରା ଯୋଜନା–୨୦୨୪ ନାମରେ ଏକ ପ୍ରମୁଖ ଯୋଜନା ଆରମ୍ଭ କରିବାପାଇଁ ଏକ ବାସ୍ତବ ରୂପରେଖ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଛି । ଏଥିପାଇଁ ସବୁ ବର୍ଗର ମହିଳା ଅନୁଷ୍ଠାନ ବିଶେଷକରି ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନଶକ୍ତି ମହିଳା ମାନଙ୍କର ମତାମତ ନିଆଯାଉଛି । ଏହି ଯୋଜନା ମାଧ୍ୟମରେ ସରକାର ମହିଳା ମାନଙ୍କୁ ତାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରାଇବା ସହିତ ସମାଜର ମୂଲ୍ୟବାନ୍ ସଦସ୍ୟରୂପେ ସେମାନଙ୍କର ଭୂମିକାକୁ ପ୍ରୋତ୍ସାହନ କରାଇବେ । ଏଥିସହ ମହିଳାମାନଙ୍କର ଏକାଧିକ ଦିଗରୁ ଉନ୍ନତି କରିବାର ଯୋଜନାର ସେମାନଙ୍କୁ ବୃତ୍ତିଗତ ଓ ବ୍ୟକ୍ତିଗତ ସଫଳ କରାଇବାର ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । କେଉଁ ଆଧାରରେ କେଉଁ ମାନଙ୍କୁ ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ବିବେଚିତ କରାଯିବ ସେହି ପ୍ରସଙ୍ଗରେ ପରାମର୍ଶ ବୈଠକରେ ମାହାଙ୍ଗା ବିଧାୟକ, ସାରଦା ପ୍ରସନ୍ନ ପ୍ରଧାନ, ବାରବାଟୀ-କଟକ ବିଧାୟକ, ଇଂ ସୋଫିୟା ଫିରଦସ, କଟକ ସଦର ବିଧାୟକ, ପ୍ରକାଶ ଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ, ବିଜୟ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ପରାମର୍ଶ ସ୍ୱରୂପ ବୈଠକରେ ଆଲୋଚନା କରିଥିଲେ । ଅବିବାହିତ, ନୁରୂପାୟ, ନିର୍ଯାତିତ ମହିଳାମାନଙ୍କ କଥାକୁ ବିଚାରକୁ ନେଇ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସାମିଲ୍ କରାଯିବାନେଇ ବୈଠକରେ ଆଲୋଚନ କରାଯାଇଥିଲା । ଏଥିସହ ମହିଳାମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଚଲୁରହିଥିବା ଯୋଜନା ଗୁଡିକର ଆଗାମୀ ଦିନରେ ସଫଳ ରୂପାୟନ ଓ କାର୍ଯ୍ୟକାରିତା ତଥା ସେମାନଙ୍କୁ ଅଧିକ ସ୍ୱାବଲମ୍ବୀ କରାଯିବା ସମ୍ପର୍କରେ ମଧ ଉକ୍ତ ବୈଠକରେ ଆଲୋଚନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନଶକ୍ତି ମହିଳା ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉନ୍ନୟନ ଡଃ ଦିବ୍ୟଲୋଚନ ମୋହାନ୍ତ ଅତିଥି ମାନଙ୍କ ସ୍ୱାଗତ ସହ ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ସୁବାଶ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, କଟକ ଲୋକସଭା ସାଂସଦଙ୍କ ପ୍ରତିନିଧି ପ୍ରତିଭା ଶତପଥୀଙ୍କ ସମେତ କଟକ ସଦର, ବାଙ୍କି ଏବଂ ଆଠଗଡ ଉପ ଜିଲ୍ଲାପାଳମାନେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ବ୍ୟବହାର ପ୍ରତିବାଦରେ ସାମ୍ବାଦିକମାନଙ୍କ ଧାରଣା

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ନବରଙ୍ଗପୁର ଷ୍ଟାଡିୟମ୍ ଠାରେ ପାଳିତ ହୋଇଯାଇଛି । ସମାରୋହର ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ । ତେବେ ମୁଖ୍ୟ ଅତିଥି ଆସିବା ଓ ପତାକା ଉତ୍ତୋଳନ ପୂର୍ବରୁ ଷ୍ଟାଡିୟମ୍ ଭିତରକୁ ଛଡ଼ାଯିବା ପାଇଁ ରହିଥିବା ଫାଟକ ନିକଟରେ ଖବରଦାତାକୁ ଡିୟୁଟିରେ ଥିବା ପୋଲିସ କର୍ମଚାରୀ ଖରାପ ବ୍ୟବହାର କରିଥିଲେ । ଅନେକ ସାଧାରଣ ଲୋକ, ତଳକର୍ମଚାରୀ ଓ ଚିହ୍ନା ଜଣା ଲୋକଙ୍କୁ ଭିଆଇପି ଗ୍ୟାଲେରୀ ରାସ୍ତା ଆଡକୁ ଛାଡିଥିଲେ । କିନ୍ତୁ ଖବରଦାତାଙ୍କ ଉପରେ ଅନେକ କଟକଣା ଲଗାଇଥିଲେ ଜଗିଥିବା ପୋଲିସ କର୍ମଚାରୀ ।

# ରାଜଧାନୀ ଭୁବନେଶ୍ୱରରେ ଆଡ୍ଡା ଜମାଇଛନ୍ତି ୬୦ ହଜାର ଅନୁପ୍ରବେଶକାରୀ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପ୍ରାୟ ୪ ରୁ ୫ ଲକ୍ଷ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀ ରହୁଛନ୍ତି । ସେମାନଙ୍କୁ ତୁରନ୍ତ ଚିହ୍ନଟ କରିବା ସହିତ ସେମାନେ ପାଉଥିବା ବିଭିନ୍ନ ସରକାରୀ ସୁବିଧା ଓ ସୁଯୋଗକୁ ତୁରନ୍ତ ବନ୍ଦ କରାଯିବା ଲାଗି ଭାରତ ସୁରକ୍ଷା ମଞ୍ଚ ଶୁକ୍ରବାର ଦିନ ଦାବି କରିଛି । ଏଠାରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଭାରତ ସୁରକ୍ଷା ମଞ୍ଚର ରାଷ୍ଟ୍ରୀୟ ମହାସଚିବ ଡାକ୍ତର ଅଶୋକ ଆଚାର୍ଯ୍ୟ କହିଛନ୍ତି ଯେ ଭାରତରେ ଅସ୍ଥିରତା ସୃଷ୍ଟି କରୁଥିବା କିଛି ଆନ୍ତରାଷ୍ଟ୍ରିୟ ମୌଳବାଦୀ ଇସ୍‌ଲାମିକ୍ ସଂଗଠନ ସେମାନଙ୍କୁ ସଙ୍ଗଠିତ ଉପାୟରେ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ମୁସଲମାନଙ୍କୁ ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟକୁ ପଠାଉଛନ୍ତି । ଏମାନେ ସ୍ଥାନୀୟ ରାଜନେତାମାନଙ୍କ ସହାୟତାରେ ଭୋଟର ପରିଚୟ ପତ୍ର ତଥା ଆଧାରକାର୍ଡ ତିଆରି କରି ବିଭିନ୍ନ ସରକାରୀ ସୁବିଧା ଓ ସୁଯୋଗ ପାଉଛନ୍ତି । ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଚୋରି, ଡକାୟତି, ହିନ୍ଦୁ ଦେବାଦେବୀ ମୂର୍ତ୍ତିଚୋରୀ, ତସ୍କରି ଓ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ବହୁ ସମୟରେ ଦେଖାଯାଇଛି । ଯେଉଁ ରାଜନେତାମାନେ ରାଜନୈତିକ ସ୍ୱାର୍ଥ ଲାଗି ଏଭଳି ଦେଶ ବିରୋଧୀ ତତ୍ତ୍ୱମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି, ସେମାନଙ୍କ ବିରୋଧରେ ମଧ ଦୃଢ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଯେଉଁଭଳି ଭାବେ ଜିହାଦି ମାନସିକତା ରଖୁଥିବା ସଂଗଠନ ଗୁଡ଼ିକ ପକ୍ଷରୁ ଭାରତରେ ବ୍ୟାପକ ଭାବେ ଅନୁପ୍ରବେଶକାରୀ ମାନଙ୍କୁ ସୁଚିନ୍ତିତ ଭାବେ ସେମାନଙ୍କ ଦେଶରୁ ବିସ୍ଥାପିତ କରାଇ ଭାରତରେ ପ୍ରବେଶ କରାଯାଉଛି, ତାହା ଅତ୍ୟନ୍ତ ଜଘନ୍ୟ ଘଟଣା । ସେମାନଙ୍କୁ କିଛି ନେତା ଓ ଦଲାଲ ପରିଚୟପତ୍ର ଓ ଅନ୍ୟାନ୍ୟ ସରକାରୀ ତଥ୍ୟ ତିଆରି କରି ଆମ ଦେଶର ନାଗରିକତା ଲାଭ ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି । ଦଳମତ ନିର୍ବିଶେଷର ପ୍ରତ୍ୟେକ ଭାରତୀୟ ନାଗରିକ ଏହାର ବିରୋଧ କରିବା ଦରକାର । ଏହା ନହେଲେ ଏହି ଅନୁପ୍ରବେଶକାରୀଙ୍କ ଦ୍ୱାରା ଭାରତର ଜନସଂଖ୍ୟାରେ ଅସ୍ୱାଭିବିକ ଭାବେ ପରିବର୍ତ୍ତନ ହେବା ସହିତ ଦେଶର ସମ୍ପଦ ବିତରଣ, ମୂଳନିବାସୀ ମାନଙ୍କ ଅଧିକାର ବ୍ୟାହତ ହେବ ବୋଲି ଡାକ୍ତର ଆଚାର୍ଯ୍ୟ ସତର୍କ କରାଇଦେଇଛନ୍ତି । ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଲାଗି ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଆସନ୍ତା ୨୩ ତାରିଖ ଦିନ ରାଜଧାନୀ ଭୁବନେଶ୍ୱର ସହରର ଲୋୟର ପିଏମ୍‌ଜି ଠାରେ ଭାରତ ରକ୍ଷା ମଞ୍ଚ ଏକ ବିଶାଳ ରାଲି କରିବ ବୋଲି ଘୋଷଣା କରିଛି । ଏହି ରାଲିରେ ବହୁ ପରିମାଣରେ ସାଧୁସ୍ୟ, ବିଭିନ୍ନ ହିନ୍ଦୁ ସଙ୍ଗଠନ ଓ ଅନ୍ୟାନ ବର୍ଗର ଜାତୀୟବାଦୀ ଜନସାଧାରଣ ଯୋଗଦାନ କରିବା ପାଇଁ ଡାକ୍ତର ଆଚାର୍ଯ୍ୟ ଅନୁରୋଧ କରିଛନ୍ତି । ଏହି ସମ୍ବାଦିକ ସମ୍ମିଳନୀରେ ପୁରଞ୍ଜନ ପାଢ଼ୀ, ସୁବ୍ରତ ମିଶ୍ର, ମନୋଜ ଆଚାର୍ଯ୍ୟ, ବିଦ୍ୟାଧର ନାୟକ, ପ୍ରମୋଦ ଧଳ ଓ ସୁଦାମ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବିକଶିତ ଓଡ଼ିଶା ଓ ଭାରତ ଗଠନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ଦିବସ ଆମ ପାଇଁ ଆତ୍ମୋତ୍ସର୍ଗ, ଆତ୍ମସମୀକ୍ଷା ଓ ନବନିର୍ମାଣ ସଙ୍କଳ୍ପର ଦିବସ। ସ୍ୱାଧୀନତା ହେଉଛି ସହଯୋଗ, ଶାନ୍ତି, ପ୍ରଗତି ଓ ସହାବସ୍ଥାନର ଅର୍ଥପୂର୍ଣ୍ଣ ପରିବେଶ। ସମ୍ପ୍ରୀତି ଓ ସଦ୍‌ଭାବନାକୁ ଅକ୍ଷୁର୍ଣ୍ଣ ରଖି ତୃଣମୂଳ ସ୍ତରରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବର୍ଗର ଉନ୍ନତି ପାଇଁ ଚିନ୍ତା କରିବା ଓ କାର୍ଯ୍ୟ କରିବା ହେଉଛି ସ୍ୱାଧୀନତାର ଯଥାର୍ଥତା। ଏହି ପବିତ୍ର ଦିବସରେ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଏ ଦିଗରେ ତାଙ୍କ ସରକାର କାର୍ଯ୍ୟ ଅବ୍ୟାହତ ରଖିଛି ବୋଲି ୭୮ତମ ସ୍ୱାଧୀନତା ଦିବସ ଅବସରରେ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ତାଙ୍କ ଅଭିଭାଷଣରେ କହିଛନ୍ତି, ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ ଏକ ବର୍ଷ ଧରି 'ଆଜାଦି କା ଅମୃତ ମହୋତ୍ସବ'



ପାଳନ କରାଯାଇଥିବାବେଳେ ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟକୁ 'ଅମୃତକାଳ' ଆଖ୍ୟା ଦିଆଯିବା ସହ ନୂଆ ଭାରତର ନିର୍ମାଣ ଯୁଗର ମାନ୍ୟତା ଦିଆଯାଇଛି । ରାଜ୍ୟ ସରକାର ବିକଶିତ ଭାରତ, ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇଥିବା ବିଷୟ ଉଲ୍ଲେଖ କରି ସେ କହିଥିଲେ, ଓଡ଼ିଶା ଅସ୍ମିତାର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହା ଅଧିନରେ ପାଇକ ବିଦ୍ରୋହ ସ୍ମାରକୀ ଉନ୍ନତିକରଣ, ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପାଇଁ ପ୍ରୟାସ, ଜାତୀୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା, ଜିଲ୍ଲାସ୍ତରୀୟ ଇ-ଗ୍ରନ୍ଥାଳୟ ପ୍ରତିଷ୍ଠା ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରିବାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉଛି । ଏଥିସହ ରାଜ୍ୟ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ପ୍ରଶାସନିକ ଦୂରତ୍ୱ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକ୍ଷମ କରାଯିବା ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ମଧ ଅଭିଯୋଗ ଶୁଣାଣି ଓ ତତ୍କାଳ ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୨୪-୨୫ ବଜେଟ୍‌ରେ ଜନସାଧାରଣଙ୍କ ଆଶା ଆକାଂକ୍ଷା ପ୍ରତିଫଳିତ ହେବା ସହିତ ରାଜ୍ୟ ସରକାର ମହିଳା ସଶକ୍ତିକରଣ ଓ ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେଇ ବହୁ ଯୋଜନା ଉପସ୍ଥାପିତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି । ମହିଳା ସମୂହଙ୍କୁ ଶକ୍ତିଶାଳୀ କରିବା, କୁଟୀର ଶିଳ୍ପକୁ ଅଗ୍ରାଧିକାର ଦେବା, ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକମାନ ବୃଦ୍ଧି ସହ ବଜାର ଉପଲବ୍ଧ କରି ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ସେ ଜୋର୍ ଦେଇଥିଲେ ।

# ଇରମ୍ ଓ ଲୁଣିଆ ଗୁଳିକାଣ୍ଡରେ ଶହୀଦ୍‌ମାନଙ୍କ ତ୍ୟାଗ ଉପରେ ଆଲୋକପାତ




**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ପ୍ରସ୍ତୁତି ଅନୁଯାୟୀ ୭୮ତମ ସ୍ୱାଧୀନତା ଦିବସ-୨୦୨୪କୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରରେ ସଦର ମହକୁମାସ୍ଥ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମହାସମାରୋହରେ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ୍ ରାଉତରାଏ ପତାକା ମଞ୍ଚରେ ପହଞ୍ଚି ପୂର୍ବାହ୍ନ ଠିକ୍ ୯.୧୫ ମିନିଟ୍ ସମୟରେ ପତାକା ଉତ୍ତୋଳନ କରି ପତାକାକୁ ସାଲ୍ୟୁଟ୍ କରିଥିଲେ । ସୁସଜ୍ଜିତ ଖୋଲା ଗାଡ଼ିରେ ପରେଡ୍‌ରେ ଅଂଶ ଗ୍ରହଣ କରିଥିବା ୩୭ ଗୋଟି ଦଳକୁ ପରିଦର୍ଶନ କରିଥିଲେ । ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବାକୁ ଯାଇ ଅତ୍ୟାଚାରୀ ଇଂରେଜ୍ କବଳରୁ ସ୍ୱାଧୀନ ଭାରତ ହାସଲ ପାଇଁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସଂଘର୍ଷମୟ କାହାଣୀର ଅବତାରଣା ଆଧାରରେ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିବା ଆମର ପୂର୍ବସୂରୀ ମହାମନିଷୀମାନଙ୍କ ଅନନ୍ୟ ଅବଦାନର ସ୍ମୃତି ଚାରଣ କରିଥିଲେ । ସଂଗ୍ରାମ ଓ ବଳିଦାନର ମାଟି ଭଦ୍ରକରେ ଘଟି ଯାଇଥିବା ଦ୍ୱିତୀୟ ଜାଲିଆନାବାଗ୍ ଭାବେ ଅଭିହିତ ଶହୀଦତୀର୍ଥ ଇରମ୍ ଓ ଲୁଣିଆ ଗୁଳିକାଣ୍ଡରେ ଅମର ଶହୀଦ୍‌ମାନଙ୍କ ତ୍ୟାଗ ତିତିକ୍ଷା ଉପରେ ଆଲୋକପାତ କରିଥିଲେ । କଳା, ସାହିତ୍ୟ, ସଂସ୍କୃତି ସମୃଦ୍ଧ ଏ ମାଟିର ତଥା ଆମ ରାଜ୍ୟର ଅସ୍ମିତା ଆଧାରରେ କାର୍ଯ୍ୟକରି ଆମ ଜିଲ୍ଲା ତଥା ରାଜ୍ୟକୁ ସର୍ବୋତ୍ତମ ଭାବେ ଗଢ଼ି ତୋଳିବା ପାଇଁ ଏକ ନୂତନ ଦିଶା ଦେବାରେ ଜନସାଧାରଣଙ୍କ ସହଯୋଗିତା ସହଭାଗିତାର କାମନା କରିଥିଲେ । ଭଦ୍ରକ ଏସ୍.ପି. ବରୁଣଗୁଣ୍ଟୁପାଲ୍ଲି ମୁଖ୍ୟ ଅତିଥିଙ୍କ ସହ ପତାକା ମଞ୍ଚରେ ଉପସ୍ଥିତ ଥିଲେ । ପୋଲିସ୍ ଆର.ଆଇ. ରାକେଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସର୍ଜେଣ୍ଟ ଅଭିରାମ ଖଟୁଆଙ୍କ ସହଯୋଗରେ ସଶସ୍ତ୍ର ପୋଲିସ୍ ବାହିନୀ ସହ ଏନ୍.ସି.ସି. ଆର୍ମି, ନେଭି, ସ୍କାଉଟ୍, ଗାଇଡ୍, ରେଡ଼କ୍ରସ୍, ସିଭିଲିୟାନ୍ ଆଦିରେ ସିନିୟର ଓ ଜୁନିୟର ବିଭାଗରେ ଭାଗ ନେଇଥିବା ସମସ୍ତ ପ୍ୟାରେଡ୍ ଟ୍ରୁପଙ୍କ ମାର୍ଚ୍ଚ ପାଷ୍ଟରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ । ଉପଜିଲ୍ଲାପାଳ ମନୋଜ ପାତ୍ର, ସି.ଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଅବସରପ୍ରାପ୍ତ ଅତିରିକ୍ତ ଏସ୍.ପି. ଭିଜିଲାନ୍ସ ଗଣେଶ୍ୱର ସେଠୀ ପରେଡ୍ ପ୍ରତିଯୋଗିତା ପାଇଁ ମୂଲ୍ୟାଙ୍କନ କରିଥିଲେ । ପଦକ ବିଜେତା, ଆନ୍ତର୍ଜାତୀକ ପାରା କ୍ରୀଡ଼ାବିତ୍ ରାଖାଲ କୁମାର ସେଠୀ, ଜାତୀୟସ୍ତରର ପଦକ ବିଜେତା ହ୍ୱିଲ୍‌ଚେୟାରରେ ଅସୀଚାଳନା କ୍ରୀଡ଼ାବିତ୍ ମଧୁସ୍ମିତା ସାହୁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଉତ୍ସର୍ଗୀକୃତ ସେବା ପାଇଁ ପୋଲିସ କମ୍ପାନୀ କମାଣ୍ଡର ବରୁଣ ମିତ୍ରଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସାଲ, ଟ୍ରଫି, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରେଡ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ କୃତୀ ଦଳମାନଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା ।

# ରାୟଗଡ଼ ଜିଲ୍ଲା ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

'ଅସ୍ମିତା ଏକ ଜାତିର ସ୍ୱାଭିମାନର ଆତ୍ମ ପରିଚୟ' ମନ୍ତ୍ରୀ, ଜିଲ୍ଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ରାୟଗଡ ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଜି.ସି.ଡି ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା, ମୁଖ୍ୟଅତିଥି ଭାବେ ଯୋଗଦେଇ ସକାଳ ଘ.୯.୧୫ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗ ସଙ୍ଗେ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ ଓ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦେଶର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀଙ୍କୁ ଆତ୍ମ ବଳିଦାନ ଦେବାକୁ ପଡିଛି । ସେହି ଦେଶ ଭକ୍ତମାନଙ୍କୁ ସ୍ମୃତିଚାରଣ କରିଥିଲେ । ବାଣ ପାହାଡ଼ ଘେରା ରାୟଗଡ ଜିଲ୍ଲାର ନିରୀହ ଅଦବାସୀ ମାନେ ଦେଶ ମାତୃକା ପାଇଁ ପ୍ରାଣ ବଳି ଦେବାକୁ ଆଗେଇ ଆସିଥିଲେ । ଏହା ହିଁ ଥିଲା ପ୍ରକୃତ ଓଡ଼ିଆ ଅସ୍ମିତା । ଅସ୍ମିତା ଏକ ଜାତିର ସ୍ୱାଭିମାନର ଆତ୍ମ ପରିଚୟ । ତାର ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଗାରିମାମୟ ପରିଚିତ । ଅସ୍ମିତାକୁ ନେଇ ବଞ୍ଚିବା ଆମର ଗର୍ବ ଗୌରବ । ପ୍ରାଚୁର୍ଯ୍ୟଭରା ରାୟଗଡ ଜିଲ୍ଲାରେ ଅନେକ ଶିଳ୍ପ ସଂସ୍ଥା ଗଢି ଉଠିଛି । ଯାହାକି ଜାତୀୟ ଓ ସ୍ଥାନୀୟ ନିଯୁକ୍ତି ଭିତିରେ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଜିଲ୍ଲାରୁ ଦାଦନ ସମସ୍ୟା କ୍ରମଶଃ ହ୍ରାସ ପାଉଛି ବୋଲି କହିଥିଲେ । ମନ୍ତ୍ରୀ ନିଜ ବକ୍ତବ୍ୟରେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଉଲ୍ଲେଖ କରିବାକୁଯାଇ କହିଲେ ଯେ ଶ୍ରୀମନ୍ଦିର ପାଇଁ ୫ ଶହ କୋଟି ଟାଙ୍କର କରପସ ଫଣ୍ଡ ଗଠନ, ଓଡ଼ିଆ ଅସ୍ମିତାର ପୁନ୍ନରୁଦ୍ଧାର ନିମନ୍ତେ ୨ ଶହ କୋଟିର ସ୍ୱତନ୍ତ୍ର ବ୍ୟବସ୍ଥା, ବିକଶିତ ଓଡ଼ିଶା ଗଠନ ପାଇଁ ଭିଜନ୍ ଡକ୍ୟୁମେଣ୍ଟ–୨୦୩୬ ଏବଂ ୨୦୪୭ ପ୍ରସ୍ତୁତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକଙ୍କ ସରକାର ଓ ଲୋକାଭିମୁଖୀ ସରକାର, କଥା କହିଥିଲେ କୃଷକ ସଶକ୍ତିକରଣ, ମହିଳା ସଶକ୍ତିକରଣ ନିମନ୍ତେ ସୁଭଦ୍ରା ଯୋଜନା, ମା' ପାଇଁ ଗଛଟିଏ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନା, ଶିକ୍ଷା, ଶିଳ୍ପ ଆଦି ବିଭିନ୍ନ ଯୋଜନା ଉପରେ ଆଲୋକ ପାତ କରିଥିଲେ । ଏହାପରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ରଙ୍ଗା ରଙ୍ଗ କ୍ରୀଡା କୌଶଳ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ଓ ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗୀତାର ଅଣଚାଳିଶ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଉତ୍କଳ ଆଲୁମିନାର ସ୍ୱାଧୀନତା ଦିବସ ପାଳନ

**ଟିକିରି/ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ୨୦୨୪ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସ ପାଳନ କରିଛି । ଯାହା ଏକତା ଏବଂ ରାଷ୍ଟ୍ରୀୟ ଗୌରବର ମନୋଭାବକୁ ପ୍ରତିଫଳିତ କରିଛି । ଏହି କାର୍ଯ୍ୟକ୍ରମ ନୂଆପଡା ଟାଉନ୍‌ସିପରେ ଆୟୋଜିତ ହୋଇଥିଲା ଏବଂ ଏହା ସ୍ୱାଧୀନତା ଓ ପ୍ରଗତି ଦିଗରେ ରାଷ୍ଟ୍ରର ଯାତ୍ରା ପ୍ରତି ଏକ ଯଥୋଚିତ ସମ୍ମାନ ପ୍ରଦର୍ଶନ ଥିଲା । ରବି ମିଶ୍ର, ୟୁନିଟ ହେଡ୍, ଉତ୍କଳ ଆଲୁମିନାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ତାଙ୍କର ପ୍ରେରଣାଦାୟୀ ଉଦ୍‌ବୋଧନରେ ସେ ନିରାପତ୍ତା ଓ ସୁରକ୍ଷା ବିଭାଗର ଅତ୍ୟନ୍ତ ନିଖୁଣ ଯୋଜନା ଏବଂ ତାହାର ରୂପାୟନ ପ୍ରୟାସ ନିମନ୍ତେ ପ୍ରଶଂସା କରିଥିଲେ, ଯାହା ଏହି କାର୍ଯ୍ୟକ୍ରମର ସଫଳତାକୁ ସୁନିଶ୍ଚିତ କରିଥିଲା । ସେ ଏକତା ଓ ସମାନତା ଉପରେ ଗୁରୁତ୍ୱ ଦେବା ସହିତ ଆମର ମତପାର୍ଥକ୍ୟ ସତ୍ତ୍ୱେ ଏହି ସମସ୍ତ




ମୂଲ୍ୟବୋଧ ପ୍ରତ୍ୟେକ ବ୍ୟକ୍ତି ଆପଣେଇବାକୁ ସେ ଉତ୍ସାହିତ କରିଥିଲେ । ଏହି ଉତ୍ସବ ପାଳନ ଅବସରରେ ଏକ ଭବ୍ୟ ମାର୍ଚ୍ଚ ପାଷ୍ଟ ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ମଚାରୀ ମାନଙ୍କର ଶୃଙ୍ଖଳା ଏବଂ ସମନ୍ୱିତ ପ୍ରୟାସ ପ୍ରଦର୍ଶିତ ହୋଇଥିଲା । ଏହା ପରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା, ଯାହା ବ୍ୟକ୍ତିବିଶେଷ ଏବଂ ଟିମ୍‌ଗୁଡିକୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ସଫଳତା ନିମନ୍ତେ ସ୍ୱୀକୃତି ପ୍ରଦାନ କରିଥିଲା । ସନ୍ଧ୍ୟାରେ ଏକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରତିଭାଧାରୀ ନିଜସ୍ୱ କଳାକାରମାନେ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ବିବିଧ ପ୍ରତିଭାମାନଙ୍କ ଉପରେ ଆଲୋକପାତ କରିବା ସହିତ ସମୁଦାୟ ଉତ୍ସବକୁ ଏକ ପାର୍ବଣ ସ୍ପର୍ଶ ପ୍ରଦାନ କରି ଏକତ୍ର ଏବଂ ସାଂସ୍କୃତିକ ସଦ୍‌ଭାବର ଭାବଧାରାକୁ ଦୃଢ଼ୀଭୂତ କରିଥିଲା । ଉତ୍କଳ ଆଲୁମିନାର ସ୍ୱାଧୀନତା ଦିବସ ପାଳନ କେବଳ ରାଷ୍ଟ୍ରର ଅତୀତ ପ୍ରତି ସମ୍ମାନ ପ୍ରଦର୍ଶନ ନଥିଲା, ତାହାସହିତ ପ୍ରଗତି ଏବଂ ଏକତା ନିମନ୍ତେ ଏହାର ପ୍ରତିବଦ୍ଧତାର ପୁନଃ ସୁଦୃଢ଼ିକରଣ ଥିଲା । ଏହି କାର୍ଯ୍ୟକ୍ରମ ପୂର୍ଣ୍ଣ ଭାବରେ ସଫଳତ ହୋଇଥିଲା ଏବଂ ଏହା ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଗୌରବ ଏବଂ ସୌହାର୍ଦ୍ଦ୍ୟର ମନୋଭାବକୁ ପ୍ରୋତ୍ସାହିତ କରିଥିଲା ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୮।୮।୨୦୨୪, ଭାଦ୍ରବ ଦି୩ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୫।୨୫।୪୮ **ଚନ୍ଦ୍ରୋଦୟ-** ସଂଘ୫।୨୦।୧୭

**ତ୍ରୟୋଦଶୀ-** ପ୍ରାଘ ୫।୫୨ ପର୍ଯ୍ୟନ୍ତ । **ଚତୁର୍ଦ୍ଦଶୀ କ୍ଷୟ -** ରାଘ ୩।୦୫ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୧୦।୧୪ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ ୫।୫୨ ପରେ ବିରି ରାଘ ୩।୦୫ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୧ ଗତେ ଘ ୯।୪୪ ମଧ୍ୟେ । ଦିଘ ୧।୨୫ ଗତେ ଘ୧।୫୬ ମଧ୍ୟେ । **ପର୍ବୋତ୍ସବ -** ଶ୍ରୀ ଶିବ ପବିତ୍ରାରୋପଣ, ତ୍ର୍ୟହସ୍ପର୍ଶ ତିଥି ।



**ମେଷ:** ମନରେ ଉତ୍ସାହ ଆସିବ । ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ପାଇ କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । କର୍ମଚଞ୍ଚଳ ରହିବେ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଲାଭ ।



**ବୃଷ:** ସାଙ୍ଗ ସୁଖ ସହିତ ପଦସ୍ଥ ବ୍ୟକ୍ତିଗତ ସହଚର୍ଯ୍ୟ ଲାଭ କରିବେ । ଭକ୍ତି ମାର୍ଗରେ ପରିଚାଳିତ ହେବେ । ସେବା ପୂଜାରେ ସମୟ ଅତିବାହିତ ହେବ । ରୋଜଗାର ମଧ୍ୟମ ହେବ । ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତ ରହିବେ ।



**ମିଥୁନ:** ନୂତନ ଯୋଜନା ପାଇଁ ଆନୁସଙ୍ଗିକ ସହଯୋଗର ଅଭାବ । ପରିଶ୍ରମକୁ ଦ୍ୱିଗୁଣିତ କରିଦେବ । ରୋଜଗାରରେ ପଥରୋଧ ସହିତ ପାରିବାରିକ ଅଡୁଆ ଦେଖାଦେବ । ଯଶସ୍ୱୀ ହେବେ । ଆଳସ୍ୟ ପରାୟଣା ହେବେ ।



**କର୍କଟ:** ଦୂରଯାତ୍ରା କରି ସାଫଲ୍ୟତା ଦିଗରେ ଅଗ୍ରସର ହେବେ । ଗୁରୁଜନ ମାନଙ୍କ ପ୍ରେରଣାରୁ ଦିନ ଦୁଃସାଧ କାର୍ଯ୍ୟ ସାଧନ କରିବେ । ବିଦ୍ରୋହର ସୂଚନା । କର୍ମକ୍ଷେତ୍ରରେ ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବ ।



**ସିଂହ:** ସବୁ ପ୍ରକାର ସୁବିଧା ଥିଲେ ମଧ ଆକସ୍ମିକ ସମସ୍ୟା ହଠାତ୍ ଅସୁବିଧା ସୃଷ୍ଟି କରିବ । କୌଣସି ନୂଆ କାମରେ ହାତ ଦେବେ । ଆୟର ପଥ ପରିଷ୍କାର ହେବ । ପାରିବାରିକ କଳହ ସୃଷ୍ଟି ହେବାର ସୂଚନା ।



**କନ୍ୟା:** ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ । ଉଦାସୀନତା ହେତୁ ଅନ୍ୟମାନଙ୍କ ସନ୍ଦେହର ଶିକାର ହେବେ । ଆୟରେ ବାଧା ଉପୁଜିବ । ପରିବାରରେ ପଥରୋଧର ଶିକାର ହୋଇପାରନ୍ତି ।



**ତୁଳା:** ଯାହା କହିବେ ବା ଯାହା କରିବେ ତାହା ଭଲ ଭାବରେ ବାରମ୍ବାର ଚିନ୍ତା କରି କରନ୍ତୁ । ନଚେତ୍ ଅସୁବିଧା ଉପୁଜିବ । ଅଳ୍ପ ଆୟ ଏବଂ ଖର୍ଚ୍ଚ ଅଧିକ ହେତୁ ବିରକ୍ତି ଲାଗିବ । ପରିବାରରେ କର୍ମପ୍ରାପ୍ତି ହେବ ।



**ବିଛା:** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଦୂରଯାତ୍ରା କରିପାରନ୍ତି । ବନ୍ଧୁ ସହଯୋଗ ଲାଭ କରିବେ । କାର୍ଯ୍ୟ ସାଫଲ୍ୟ ଦିଗରେ ଅଗ୍ରସର ହେବେ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଘରେ ଅଶାନ୍ତି ଦେଖାଦେବ ।



**ଧନୁ:** ପାରିବାରିକ ଆନନ୍ଦ ଆପଣଙ୍କୁ ଉତ୍ସାହିତ କରିବ । କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟତା ପ୍ରକାଶ ପାଇବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ସୁଖ ଶାନ୍ତି ପ୍ରାପ୍ତ ହେବାର ସୂଚନା ।



**ମକର:** ଆଜି ଦିନଟି ଭଲରେ କଟିବ । ଯାହାକୁ ଯାହା କହିବେ ସେ ତାହା ଗ୍ରହଣ କରିବ । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ । ବ୍ୟୟ ଯୋଗ ରହିଛି । ଘରେ ବିଶୃଙ୍ଖଳା ଦେଖାଦେବ । କୌଣସି କାମରେ ମନ ଲାଗିବ ନାହିଁ ।



**କୁମ୍ଭ:** ସବୁ ପ୍ରକାର ସମସ୍ୟାକୁ ସାମ୍ନା କରି ନିଜ ଦକ୍ଷତା ପ୍ରଦର୍ଶନ କରିବେ । କ୍ରମଶଃ ଜନସମ୍ପର୍କ ବୃଦ୍ଧି ପାଇବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ମୀନ:** କେତେକ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ମନରେ ଅହଂକାର ଆସିବ । ଆବଶ୍ୟକତା ପୂରଣ ପାଇଁ କରଜ କରିପାରନ୍ତି । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ବ୍ୟସ୍ତତା ରହିବ ।

# ପ୍ରଧାନଶିକ୍ଷକଙ୍କ ଯୌନ ନିର୍ଯାତନା ଅଭିଯୋଗ ପ୍ରତିବାଦରେ ସ୍କୁଲ୍ ଛାଡ଼ି ରାସ୍ତା ରୋକ କଲେ ଛାତ୍ରୀ

**ସୁନ୍ଦରଗଡ଼, ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ସାଂଘାତିକ ଅଭିଯୋଗ । ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ସ୍ପର୍ଶ କରିବା ସହ ଯୌନ ନିର୍ଯାତନା । ପ୍ରତିବାଦରେ ସକାଳୁ ଛାତ୍ରୀମାନେ ସ୍କୁଲ ଛାଡ଼ି ରାସ୍ତାରୋକ କରିଛନ୍ତି । ପ୍ରଧାନ ଶିକ୍ଷକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶ୍ରେଣୀ କକ୍ଷରେ ଓ ନିଜ ସରକାରୀ ଆବାସକୁ ଛାତ୍ରୀଙ୍କୁ ଡାକି ଅଶ୍ଳୀଳ କଥା କହି ଅନ୍ତବସ୍ତ୍ରରେ ହାତ ମାରୁଥିବା ଛାତ୍ରୀମାନେ ସିଧାସଳଖ ଅଭିଯୋଗ କରିଛନ୍ତି । କେହି ଏହାର ବିରୋଧ କଲେ ସାର୍ଟିଫିକେଟ୍ ଦେଇ ବାହାର କରିଦେବାର ଧମକ ଦେଉଥିବା ଅଭିଯୋଗ ହୋଇଛି । ରାସ୍ତାରେ ଛାତ୍ରୀମାନଙ୍କ ପ୍ରତିବାଦ ଜାରି ରହିଥିବାବେଳେ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳିନାହିଁ । ଘଟଣାସ୍ଥଳରେ ପୋଲିସ୍, ପ୍ରଶାସନ ପହଞ୍ଚି ଛାତ୍ରୀମାନଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବା ସହ ବୁଝାଶୁଝା କରୁଛନ୍ତି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୯।୮।୨୦୨୪, ଭାଦ୍ରବ ଦି୪ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୨୮।୦୫ **ଚନ୍ଦ୍ରୋଦୟ-** ସଂଘ୬।୦୮।୦୮

**ପୂର୍ଣ୍ଣିମା-** ରାଘ ୧୦।୫୬ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର -** ଦିଘ ୮।୧୦ ପର୍ଯ୍ୟନ୍ତ । ମକର ସଂଘ ୬।୫୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ସଂଘ ୬।୫୯ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ସଂଘ ୬।୫୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୧।୫୬ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୨ ଗତେ ଘ ୭।୦୬ ମଧ୍ୟେ । ଦିଘ ୧୦।୩୪ ଗତେ ଘ୧।୦୬ ମଧ୍ୟେ । **ପର୍ବୋତ୍ସବ -** ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ, ଝୁଲଣ ଯାତ୍ରା ଶେଷ, ଶ୍ରୀବଳଦେବ ଜନ୍ମ, ସଂସ୍କୃତି ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବଢିବ ଭାରତୀୟ ଅର୍ଥବ୍ୟବସ୍ଥା

ଚଳିତ ବର୍ଷ ଖନନ, ବିନିର୍ମାଣ ଓ ସେବା କ୍ଷେତ୍ରରେ ଉତ୍ସାହଜନକ ପ୍ରଦର୍ଶନ କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥାର ବୃଦ୍ଧିହାର ୭.୩ ପ୍ରତିଶତ ରହିପାରେ, ଯାହା ଗୋଟିଏ ବର୍ଷ ପୂର୍ବେ ଏହା ୭.୨ ପ୍ରତିଶତ ରହିଥିଲା। ଶୁକ୍ରବାର ଜାରି ଏକ ସରକାରୀ ତଥ୍ୟରେ ଏହି ପୂର୍ବାନୁମାନ କରାଯାଇଛି। ଏହି ପୂର୍ବାନୁମାନ ନିଶ୍ଚିତ ରୂପେ ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ଶୁଭ ସଙ୍କେତ।

ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ଜାତୀୟ ଆୟର ରିପୋର୍ଟ ଆସିବା ପୂର୍ବରୁ ପୂର୍ବାନୁମାନ ଜାରି କରିଛି। ଏଥିରେ ଉଲ୍ଲେଖ ରହିଛି ଯେ, ଆର୍ଥିକ ବର୍ଷ ୨୦୨୩-୨୪ରେ ବିନିର୍ମାଣ କ୍ଷେତ୍ରର ଉତ୍ପାଦନ ଗତ ଆର୍ଥିକ ବର୍ଷର ୧.୩ ପ୍ରତିଶତ ତୁଳନାରେ ୬.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଖନନ କ୍ଷେତ୍ରରେ ବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୮.୧ ପ୍ରତିଶତ ରହିପାରେ ଯାହା ୨୦୨୨-୨୩ରେ ୪.୧ ପ୍ରତିଶତ ରହିଥିଲା।

ବିତ୍ତୀୟ ସେବା, ରିଏଲ ଏଷ୍ଟେଟ୍ ଓ ପେଶାଦାର ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୮.୯ ପ୍ରତିଶତ ରହିବାର ପୂର୍ବାନୁମାନ କରାଯାଇଛି, ଯାହା ଆର୍ଥିକ ବର୍ଷ ୨୦୨୨-୨୩ରେ ୭.୧ ପ୍ରତିଶତ ରହିଥିଲା। ଏନଏସଓର ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୩-୨୪ ସମୟରେ ବାସ୍ତବିକ ଜିଡିପିର ବୃଦ୍ଧିହାର ୭.୩ ପ୍ରତିଶତ ରହିବ। ଗତ ଆର୍ଥିକ ବର୍ଷରେ ଏହା ୭.୨ ପ୍ରତିଶତ ରହିଥିଲା।

ଏନଏସଓ ଅନୁଯାୟୀ, ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ୨୦୨୩-୨୪ ଶେଷ ଆଡ଼କୁ ୨୯୬.୫୮ ଲକ୍ଷ କୋଟି ଅର୍ଥାତ ୩.୫୭ ଲକ୍ଷ କୋଟି ଡଲାର ରହିବ ବୋଲି ଆକଳନ କରାଯାଇଛି। ଏହିପରି ବ୍ୟବସାୟ, ହୋଟେଲ୍, ପରିବହନ, ସଞ୍ଚାର ଓ ପ୍ରସାରଣ କ୍ଷେତ୍ରରେ ବୃଦ୍ଧିହାର ଗତ ବର୍ଷର ୧୪ ପ୍ରତିଶତରୁ ହ୍ରାସ ପାଇ ୬.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଚତୁର୍ମାସ୍ୟା ବ୍ରତର ପାବନ କଥା



ଗୀତାଞ୍ଜଳି କର
ଝାଞ୍ଜିରୀମଙ୍ଗଳା, ମିଶ୍ରବିଲ୍ଲ,
ଲୁଣିଆସାହି, କଟକ ୭୫୩୦୦୯
ମୋବ -୭୦୦୮୯୪୭୫୨୬

ସନାତନ ସଂସ୍କୃତି ଓ ପରମ୍ପରାରେ ବ୍ରତର ବିଧାନକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ସୂର୍ଯ୍ୟଙ୍କର ଗତି ଅନୁସାରେ ଚତୁର୍ମାସ୍ୟା ବ୍ରତର ମହିମାକୁ ଅନୁଶୀଳନ କଲେ ଜଣାଯାଏ ଯେ ସୂର୍ଯ୍ୟ ଯେତେବେଳେ କର୍କଟ ରାଶିରେ ପ୍ରବେଶ କରନ୍ତି ସେତେବେଳେ ଦକ୍ଷିଣାୟନୀ ହୁଅନ୍ତି । ଦକ୍ଷିଣାୟନ କାଳ ଦେବତାଙ୍କର ରାତ୍ରି ହେଉଥିବା ହେତୁ ଏହି ସମୟରେ ଶ୍ରୀହରି ବିଷ୍ଣୁ ଶୟନ କରିଥାନ୍ତି । ତେଣୁ ଏହା ନକାରାତ୍ମକତାର ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାସ୍ତ୍ର ଅନୁସାରେ ଉତ୍ତରାୟଣ ସମୟରେ ଦେବତାମାନେ ଜାଗ୍ରତ ରୁହନ୍ତି । ଦେବତାମାନଙ୍କ ଜାଗ୍ରତ ସମୟରେ ପର୍ବ ପର୍ବାଣୀ, ଉତ୍ସବ, ତଥା ଯାତ୍ରା କରିବା ଆଦି ଶୁଭର ପ୍ରତୀକ । କିନ୍ତୁ ଚତୁର୍ମାସ୍ୟା ସମୟରେ ଦେବତାମାନେ ଶୟନ କରିବା ହେତୁ କୌଣସି ଶୁଭକାର୍ଯ୍ୟ କରିବା ଅନାବଶ୍ୟକ । ନକାରାତ୍ମକତାକୁ ଦୂରେଇବା ପାଇଁ ଏହି ସମୟରେ ଯେତେସବୁ ବ୍ରତ, ତପ, ଧ୍ୟାନ, ଉପାସନା ତଥା ସାଧନା କରିବା ସମ୍ଭବ ତାହା କରିବା ଆବଶ୍ୟକ । ପୌରାଣିକ ମତରୁ ଜଣାଯାଏ ଆଷାଢ଼ ଶୁକ୍ଳ ଏକାଦଶୀରୁ ଶ୍ରୀହରି ବିଷ୍ଣୁ ଶୟନ କରିବାକୁ ଚାଲିଯାଆନ୍ତି । ତେଣୁ ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ ଚାରିମାସଯାକରେ ଚତୁର୍ମାସ୍ୟା ବ୍ରତ ବିଧାନ କରାଯାଇଥାଏ । ଅର୍ଥାତ ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଚତୁର୍ମାସ୍ୟା ବ୍ରତ ପାଳନ କରିବାର ସମୟ । ତେଣୁ ଦେବଶୟନୀ ଏକାଦଶୀରୁ ଦେବୋଥାପନ ଏକାଦଶୀ ପର୍ଯ୍ୟନ୍ତ ଯେତେ ଧ୍ୟାନ, ଜପ, ତପ, ଉପାସନା ଇତ୍ୟାଦି କରିବା ସୁଖଦାୟୀ।

ଭକ୍ତର ସଦିଚ୍ଛାକୁ ପାଥେୟ କରି ଭଗବାନ ଭକ୍ତ ନିକଟରେ ବାନ୍ଧି ହୋଇଯାଆନ୍ତି । ଏହି ସମୟରେ ବିଷ୍ଣୁ କାହିଁକି ଓ କାହାପାଇଁ ଶୋଇଲେ ? ଏ ସମ୍ବନ୍ଧରେ ବିଷ୍ଣୁପୁରାଣ କହେ ବାମନ ଅବତାରରେ ବିଷ୍ଣୁ ମହାଦାନୀ ବଳିରାଜାଠାରୁ ତିନିପାଦ ଭୂମି ମାଗିନେଇ ତ୍ରିଲୋକର ଅଧିକାରୀ ହୋଇଥିଲେ । ତତସହିତ ବଳିକୁ ପାତାଳପୁରୀର ରାଜା କରିଥିଲେ । ବଦଳରେ ବଳି ନିଜର ତ୍ୟାଗ ଓ ଭକ୍ତିରେ ବିଷ୍ଣୁଙ୍କୁ ତୋଷ କରି ପାତାଳ ପୁରୀର ସୁରକ୍ଷା ଦେବାକୁ ନିବେଦନ କରିଥିଲା । ସେଦିନ ବାନ୍ଧି ହୋଇଗଲା ଭଳି ବିଷ୍ଣୁ ବଳିକୁ ସୁରକ୍ଷା ଦେବା ପାଇଁ ପାତାଳପୁରୀକୁ ଚାଲିଗଲେ । ବିଷ୍ଣୁଙ୍କ ସାନିଧ୍ୟ ନ ପାଇ ଦେବତାମାନେ ବ୍ୟସ୍ତ ହୋଇପଡିଲେ। ତେଣୁ ଲକ୍ଷ୍ମୀ ସାଆନ୍ତାଣୀ ଗରିବ ଭଉଣୀ ବେଶରେ ବଳି ରାଜାକୁ ରାକ୍ଷୀ ବାନ୍ଧିଥିଲେ । ରାକ୍ଷୀର ପ୍ରାପ୍ୟ ସ୍ୱରୂପ ବିଷ୍ଣୁଙ୍କୁ ପାତାଳରୁ ମୁକ୍ତ କରିଥିଲେ । ହେଲେ ସେଦିନ ବଳିକୁ ନିରାଶ ନ କରି ବିଷ୍ଣୁ କଥା ଦେଇଥିଲେ ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ସେ ପାତାଳଲୋକରେ ନିଶ୍ଚୟ ବାସ କରିବେ । ତେଣୁ ଏହି ଚାରିମାସ ବିଷ୍ଣୁ ଯୋଗନିଦ୍ରାରେ ରୁହନ୍ତି । ଶାସ୍ତ୍ର କହେ ଏହି ଚତୁର୍ମାସ୍ୟାରେ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ବ୍ରତ ଓ ଅତିରିକ୍ତ ଭକ୍ତିରବିଧି ସମ୍ପର୍କରେ ।

'ବିଶେଷ ନିୟମୋ ଧୈର୍ଯ୍ୟଶ୍ଚତୁର୍ମାସେ ଖଲୈରପି
ଏକସ୍ମିନ ଶ୍ରାବଣେ ମାସି ସ ଦ୍ୱଶକ୍ତେଇସ୍ତୁ ମାନବୈହି ।'

ତେଣୁ ଏହି ଦିନ ମାନଙ୍କରେ ଅତିରିକ୍ତ ଭକ୍ତି, ଅନୁଷ୍ଠାନ, କଥା ଶ୍ରବଣ, ପଠନ, ମନ୍ତ୍ରଜପ, ପ୍ରଦକ୍ଷିଣ, ଦାନ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଭବିଷ୍ୟ ପୁରାଣ କହେ ଇନ୍ଦ୍ରିୟ ସଂଯମତା ରକ୍ଷା କରି ଭଗବାନଙ୍କର ନିକଟରେ ପୂର୍ଣ୍ଣ ସମର୍ପିତ ପ୍ରାଣର ମୋକ୍ଷ ଲାଭର ପ୍ରକୃଷ୍ଟ ସମୟ ହେଉଛି ଚତୁର୍ମାସ୍ୟା ବ୍ରତ । ସାଂସାରିକ କର୍ମ ଜଞ୍ଜାଳରୁ ମୁକ୍ତ ହୋଇ ଏକନିଷ୍ଠଭାବେ ପ୍ରଭୁଙ୍କର ଶରଣାପନ୍ନ ହୋଇପାରିଲେ ଚତୁର୍ମାସ୍ୟା ବ୍ରତ ସଫଳ ହୋଇଥାଏ । ଏଥିରୁ ଆତ୍ମନିରୀକ୍ଷଣ ସହିତ ପ୍ରଗତିର ମାର୍ଗ ଓ ସିଦ୍ଧି ଲାଭ ନିଶ୍ଚିତ ହୋଇଥାଏ।

ଚତୁର୍ମାସ୍ୟା ବ୍ରତାଧାରୀମାନଙ୍କ ମଧ୍ୟରୁ ଦେବର୍ଷି ନାରଦଙ୍କ କଥାବସ୍ତୁ ଆସେ । ଶ୍ରୀମଦଭାଗବତରେ ବେଦବ୍ୟାସଙ୍କୁ ନାରଦମୁନି ନିଜର ପୂର୍ବଜନ୍ମର ପ୍ରସଙ୍ଗରେ କହିଛନ୍ତି... ହେ ମୁନିବର ବିଗତ କଳ୍ପରେ ମୁଁ ପୂର୍ବଜନ୍ମରେ ବେଦବାଦୀ ବ୍ରାହ୍ମଣମାନଙ୍କର ଜଣେ ଦାସୀପୁତ୍ର ଥିଲି । କେତେକ ସାଧୁସନ୍ଥ ବର୍ଷାଋତୁରେ ଆମ ଗ୍ରାମର ଗୋଟିଏ ସ୍ଥାନରେ ରହି ଚତୁର୍ମାସ୍ୟା ବ୍ରତ ପାଳନ କରୁଥିଲେ। ବାଲ୍ୟକାଳରୁ ମୋତେ ସେମାନଙ୍କ ସେବାରେ ନିଯୁକ୍ତି କରିଦିଆଯାଇଥିଲା । ମୁଁ ପାଞ୍ଚ ବର୍ଷର ପିଲା ଥିଲି ସିନା ମୋ ନିକଟରେ ସେଭଳି ଚଞ୍ଚଳତା ନଥିଲା । ମୁଁ ଜିତେନ୍ଦ୍ରିୟ ରହି ଖେଳକୁଦରୁ ଦୂରେଇ ସେମାନଙ୍କ ଅଜ୍ଞାନୁସାରେ ସେବାଯତ୍ନ କରୁଥିଲି । ମୁଁ ନିରବ ଚିତ୍ତରେ ସେମାଙ୍କର ବ୍ରତ ପାଳନକୁ ଅନୁଧ୍ୟାନ କରୁଥିଲି । ମୋର ସୌମ୍ୟ ସ୍ୱଭାବରେ ସମଦର୍ଶୀ ମୁନିମାନେ ମୋ ପ୍ରତି ବିଶେଷ ଅନୁଗ୍ରହ କଲେ । ସେମାନଙ୍କ ଅନୁମତି ପାଇ ମୁଁ ସେମାନଙ୍କ ଭୋଜନ ଉପରାନ୍ତେ ଅବଶିଷ୍ଟ ଖାଦ୍ୟକୁ ପ୍ରସାଦରୂପେ ଗ୍ରହଣ କରୁଥିଲି । ଫଳ ସ୍ୱରୂପ ମୋର ସମସ୍ତ ପ୍ରାରବ୍ଧ ପାପ ବିମୋଚନ ହୋଇଥିଲା । ସେମାନଙ୍କ ସେବା କରି କରି ମୋର ହୃଦୟ ଶୁଦ୍ଧ ସ୍ଫଟିକ ପରି ନିର୍ମଳ ହୋଇଥିଲା ।

କେବଳ ଏତିକି ନ ଥିଲା। ଶ୍ରୀକୃଷ୍ଣଙ୍କ ମନୋହର କଥାମାନ ସେମାନଙ୍କଠାରୁ ଶ୍ରବଣ କରି ମୁଁ ମହାତ୍ମାମାନଙ୍କର ଅସୀମ କୃପାରୁ ଅଦ୍ଭୁତ ଫଳ ଲାଭ କଲି । ମୋର ଭଗବତ ଅନୁରକ୍ତି ଦେଖି ସେମାନେ ମୋତେ ମୋର ନାମ ପଚାରିଲେ । ମୁଁ କହିଲି ମୋତେ ସମସ୍ତେ ଦାସୀପୁତ୍ର ବୋଲି ଡାକନ୍ତି । ମୋର ନାମ ପୁଣି କଣ? ଆନନ୍ଦ ସାଗରରେ ବୁଡ଼ିଲା ପରି ସେମାନେ ମୋତେ ହରିଦାସ ବୋଲି ଡାକିଲେ । ଭକ୍ତିର ଅନୁଗ୍ରହରେ ମୁଁ ନୂଆ ନାଁରେ ପରିଚିତ ହେଲି । ମୋ ଭକ୍ତିର ଅଧିକ ପରାକାଷ୍ଠା ପାଇଁ ସେମାନଙ୍କୁ ଅନୁରୋଧ କଲି ମୋର ଘରେ ରହିବାକୁ। ଏହାର ପ୍ରମାଣରେ ମନେପଡ଼ିଯାଏ ଶ୍ରୀମତଭାଗବତରେ ଜଗନ୍ନାଥ ଦାଶ ଲେଖିଛନ୍ତି...

'ତୁମ୍ଭର ଦୟା ଯେବେ ମୋତେ
ଏ ଋତୁ ମୋର ଘରେ ସାରି ।'
ମୋ ଘରେ ରହ ଦିନାକେତେ
ଦୁର୍ଗମ ବରଷା ଏ ଚାରି

ନାରଦ କହିଲେ ଅବର୍ଣ୍ଣନୀୟ ଭାବଭକ୍ତିରେ ବୁଡିରହି ସେମାନଙ୍କ ପାଖରେ ମୁଁ ନିଜକୁ ଧନ୍ୟ ମଣୁଥିଲି । ଶରତଋତୁ ପ୍ରବେଶ କଲାପରେ ସନ୍ଥମାନେ ପ୍ରତ୍ୟାବର୍ତ୍ତନ ପାଇଁ କହିଲେ । ମୁଁ ଭାଙ୍ଗିପଡ଼ିଲି । ମୋତେ ସାଙ୍ଗରେ ନେଇଯିବାପାଇଁ ଅନୁରୋଧ କଲି । ସେମାନେ କହିଲେ ତୋ ମାଆ ତୋତେ ଛାଡିବନି । ଏହାଛଡା ମାଆଙ୍କର ଋଣ ପରିଶୋଧ ନ କରି ଯିବାଟା ଉଚିତ ହେବନି । ମୁଁ ପ୍ରଶ୍ନ କଲି ଆପଣମାନେ ତ କହିଥିଲେ ଶ୍ରୀକୃଷ୍ଣ ଭକ୍ତିରେ କାହାର ବାଧା ରହେ ନାହିଁ । ସେମାନେ କହିଲେ ତୁ ବ୍ୟସ୍ତ ହୁଅନି ଆମେ ମନ୍ତ୍ରପ୍ରଦାନ କରିଯାଉଛୁ । ଏଇ ମନ୍ତ୍ରକୁ ବତିଶିଲକ୍ଷ ଜପ କରିବାର ଅଛି । ସେତେବେଳକୁ ହୁଏତ ମାଆର ମନ ପରିବର୍ତ୍ତନ ହୋଇଯାଇପାରେ । ତାପରେ ତୋତେ ଛାଡିଦେଇପାରେ । ଅଥବା ଆଉ କିଛି ଘଟଣା ଘଟିପାରେ କହି ଚାଲିଗଲେ । କିଛିଦିନପରେ ମାଆ ଗାଈ ଦୁହିଁବାକୁ ଯିବାସମୟରେ ବିଷଧର ସାପଟିଏ ଦଂଶି ଦେଲା । ମାଆଙ୍କର ମୃତ୍ୟୁ ହେଲା । ଭାବିଲି ଈଶ୍ୱରଙ୍କ ଅନୁଗ୍ରହ ମୋତେ ମିଳିଗଲା। ଶୁଦ୍ଧିକ୍ରିୟା ସମାପନ କରି ମୁଁ ବନକୁ ଚାଲିଗଲି । ଅନେକ ପଥ ଭ୍ରମି ଭ୍ରମି ଥକା ଅନୁଭବ କଲି । ନିକଟରେ ଥିବା ନଦୀରେ ମୁଁ ସ୍ନାନ କଲି ଓ ଜଳପାନ ମଧ୍ୟ କଲି । ଏକ ଅଶ୍ୱତ୍ଥ ଗଛ ମୂଳରେ ବସି ସନ୍ଥମାନଙ୍କ ଉପଦେଶ ଅନୁଯାଇ ପରମାତ୍ମାଙ୍କର ପରମ ସ୍ୱରୂପକୁ ଧ୍ୟାନ କଲି । ଭଗବତ କୃପାରୁ ପ୍ରଭୁଙ୍କର ଅନିର୍ବଚନୀୟ ଶୁଭ୍ର ସୁନ୍ଦର ସ୍ୱରୂପକୁ ଦେଖି ବିମୋହିତ ହେଲି । କିନ୍ତୁ ସଂଗେ ସଂଗେ ତାହା ଅନ୍ତର୍ହିତ ହେଲା । ଯେତେ ଆତୁର ହୋଇ ମୁଁ ଚେଷ୍ଟା କଲି ପୁନଶ୍ଚ ଦର୍ଶନ ପାଇଁ ହେଲା ନାହିଁ । ମୋର ଅତୃପ୍ତତା ଦେଖି ପ୍ରଭୁଙ୍କର ମଧୁର ଧ୍ୱନି ପ୍ରତୀୟ ହେଲା... ହେ ବାଳକ ତୋ ହୃଦୟରେ ମୋତେ ପାଇବାର ଲାଳସାକୁ ଜାଗ୍ରତ କରାଇବା ନିମନ୍ତେ ମୁଁ ଥରଟିଏ ମୋର ସ୍ୱରୂପର ଝଲକ ଦେଖାଇଲି । ଏବେ ତୋର ଏହି ପ୍ରକୃତ ମଳିନ ଶରୀର ତ୍ୟାଗ ହେବ । ଶରୀର ତ୍ୟାଗ ପରେ ମୋର ପାର୍ଷଦ ହୋଇ ରହିବ । ମୋତେ ପାଇବା ପାଇଁ ତୋର ଏଇ ଦୃଢ଼ ନିଶ୍ଚୟ କୌଣସି ପ୍ରକାରେ ବିଫଳ ହେବନି । ସମଗ୍ର ସୃଷ୍ଟି ପ୍ରଳୟ ହୋଇଗଲେ ମଧ୍ୟ ମୋ କୃପାରୁ ତୋ ଭିତରେ ମୋର ସ୍ମୃତି ଅତୁଟ ରହିବ। ଭଗବାନଙ୍କ କୃପାରୁ ମୁଁ ଶୁଦ୍ଧ ହେଲି । ଶ୍ରୀକୃଷ୍ଣ ପରାୟଣ ହୋଇ ବିଚରଣ କଲି। କିଛିଦିନ ପରେ ବିଜୁଳି ହଠାତ ଚମକି ଉଠିଲା ପରି ମୋର ମୃତ୍ୟୁ ହେଲା । ମୁଁ ଶୁଦ୍ଧ ଭଗବତ ପାର୍ଷଦ ଶରୀର ପ୍ରାପ୍ତ ହେଲି । କଳ୍ପାନ୍ତରରେ ବ୍ରହ୍ମା ଯେତେବେଳେ ସୃଷ୍ଟି ରଚନା କଲେ ସେତେବେଳେ ତାଙ୍କର ଇନ୍ଦ୍ରିୟମାନଙ୍କରୁ ମରିଚି ଆଦି ଋଷିମାନଙ୍କ ମଧ୍ୟରେ ମୁଁ ପ୍ରକଟ ହେଲି । ବ୍ରହ୍ମାଙ୍କ ମାନସପୁତ୍ର ଭାବେ ମୁଁ କୃପା ପ୍ରାପ୍ତ ହୋଇ ବୈକୁଣ୍ଠ ତଥା ତ୍ରିଲୋକରେ ସର୍ବତ୍ର ବିଚରଣ କଲି । ସେବେଠୁ ଭଗବତ ଭଜନ ମୋ ପାଇଁ ଜୀବନର ସର୍ବଶ୍ୱ ହୋଇଯାଇଛି । ଅଖଣ୍ଡ ମନ୍ତ୍ର ଜପ କରିବାର ସାଧନା ମୋତେ ମିଳିଯାଇଛି । ସମୟ, କାଳ ଓ ପାତ୍ର ମୋତେ ଦାସୀପପୁତ୍ରରୁ ବ୍ରହ୍ମର୍ଷି ନାରଦର ପରିଚୟ ଦେଇଛି । ଚତୁର୍ମାସ୍ୟା ବ୍ରତ, ସାଧୁସନ୍ଥଙ୍କର ସାନିଧ୍ୟ ମୋତେ ଭକ୍ତନିଷ୍ଠ ହେବାର ସିଦ୍ଧି ପ୍ରାପ୍ତ କରାଇଲା ।

ତୁମେ ଚତୁର୍ବେଦ, ଅଷ୍ଟାଦଶ ପୁରାଣର ସ୍ରଷ୍ଟା । ହେ ବ୍ୟାସ ତଥାପି ତୁମର ମନ ଅସନ୍ତୁଷ୍ଟ ଅଛି । କାରଣ ତୁମେ ଭଗବାନଙ୍କର ପ୍ରେମମୟୀ ଲୀଳାକୁ ବର୍ଣ୍ଣନା କରିନାହଁ। ଯେଉଁଭାବରେ ସାଂସାରିକ ମଣିଷସକଳ ଦୁଃଖରୁ ନିବୃତ୍ତ ହୋଇପାରିବେ ସେପରି ନାମ ସଂକୀର୍ତ୍ତନ, ଲୀଳା ଓ ଗୁଣମାନଙ୍କର ସ୍ମରଣ, ଚିନ୍ତନ, କୀର୍ତ୍ତନକୁ ବ୍ୟାଖ୍ୟା କର। ନାରଦଙ୍କ ପ୍ରତ୍ୟାବର୍ତ୍ତନ ପରେ ବ୍ୟାସଦେବ ଶ୍ରୀମତଭାଗବତ ପରି ମହାପୁରାଣକୁ ରଚନା କଲେ । ଯାହା ମର୍ତ୍ତ୍ୟବାସୀଙ୍କ ପାଇଁ ରସସାର ଭାବେ ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ ହେଲା । ସ୍କନ୍ଧ ପୁରାଣରେ ଚତୁର୍ମାସ୍ୟା ବ୍ରତ କଥାରେ କୁହାଯାଇଛି..

**'ଚତୁର୍ମାସ୍ୟା ବ୍ରତକୁ ଯେ ବିଧାନ କରଇ**
**ଇହଲୋକେ ସୁଖ ଭୁଞ୍ଜେ ବୈକୁଣ୍ଠକୁ ଯାଇ**
**ଶୃତି ସ୍ମୃତି ପୁରାଣରେ ହୋଇଛି ଉକତ**
**ଏହି ବ୍ରତଠାରୁ ନାହିଁ ଶ୍ରେଷ୍ଠ ଅନ୍ୟବ୍ରତ।'**

ଚତୁର୍ମାସ୍ୟା ବ୍ରତ ଅତି ପୁଣ୍ୟଦାୟୀ । ନିଷ୍ଠା, ଭକ୍ତି ଓ ଶ୍ରଦ୍ଧାର ସହକାରେ ଏହାର ବିଧାନ କଲେ ନିଶ୍ଚୟ ମୋକ୍ଷକାରକ ହୁଏ । ଏହିଦିନ ମାନଙ୍କରେ ଉପବାସ ରହି ବିଷ୍ଣୁଙ୍କର ପ୍ରତିମାକୁ ପଞ୍ଚାମୃତରେ ସ୍ନାନ କରାଇ ହଳଦିଆ ବସ୍ତ୍ରରେ ସଜାଇ ଦିଆଯାଏ । ପ୍ରିୟ ପୁଷ୍ପ ପଦ୍ମ ଚଢ଼ାଯାଇଥାଏ । ପଦ୍ମ ପୁରାଣ କହେ ହରିଙ୍କୁ ଏଇ ସମୟରେ ପଦ୍ମ ଫୁଲ ଅର୍ପଣ କଲେ ତିନି ଲୋକର ଦେବତାଙ୍କ ପୂଜା ହୋଇଗଲା ବୋଲି ଜାଣ । ଭୋଗ ନୈବେଦ୍ୟ ପରେ ଆରତୀ କରାଯାଇଥାଏ । ପାନ ଓ ଗୁଆ ଅର୍ପଣ କରାଯାଇଥାଏ । ବିଷ୍ଣୁ ସହସ୍ର ନାମ, ରାମ ରକ୍ଷା ସ୍ତୋତ୍ର, ଗୀତା ପାଠ, ଭଗବତ ପଠନ ଆଦି କରାଯାଏ । ଏହି ବ୍ରତ ଦେବ ଶୟନୀ ଏକାଦଶୀରୁ ଆରମ୍ଭ କରି କାର୍ତ୍ତିକରେ ପାରଣା କରାଯାଇଥାଏ। ଏହାର ଆରମ୍ଭରୁ ଭକ୍ତଟିଏ କହେ...

'ସୁପ୍ତେ ତ୍ୱୟୀ ଜଗନ୍ନାଥ ଜଗତ ସୁପ୍ତଂ ଭବେବିଦମ
ବିବୁଧେ ତ୍ୱୟୀ ବୁଧ୍ୟେତ ଜଗତ ସର୍ବ ଚରାଚରମ '

ଅର୍ଥାତ ହେ ଜଗନ୍ନାଥ ତୁମେ ଶୋଇଯିବାଦ୍ୱାରା ସାରା ଜଗତ ଶୋଇଯାଏ। ଆଉ ଉଠିବା ଦ୍ୱାରା ସମ୍ପୂର୍ଣ୍ଣ ବିଶ୍ୱ ତଥା ଚରାଚର ଜାଗୃତ ହୋଇଯାଏ । ଆଜି ଆତ୍ମ ସନ୍ତୋଷ ନିମିତ୍ତ ଶାସ୍ତ୍ରକୁ ଅଧ୍ୟୟନ କରିବାତ ଛାଡ଼ ବଦଳରେ ଶାସ୍ତ୍ରକୁ ଅବମାନନା ଓ ନିନ୍ଦା କରିବା ବଢିଯାଇଛି । କିଛି ଗୋଟେ ପ୍ରସଙ୍ଗର ଉପସ୍ଥାପନା କଲେ କିଛି କୁହନ୍ତି ଏହା କୋଉ ଶାସ୍ତ୍ରରେ ଅଛି !ବେକାର କଥା। ଶାସ୍ତ୍ରସବୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ପରିପୂର୍ଣ୍ଣ । କିନ୍ତୁ ଆମ ସଂସ୍କୃତିରେ ଯାହାସବୁ ଋତୁ ଅନୁଯାଇ ବ୍ରତ, ଉପବାସ ଅଛି ତାହା ଆମ ଶରୀରସୁସ୍ଥତା ପାଇଁ । ବ୍ରତ, ଉପବାସ କେବଳ ଆଧ୍ୟାତ୍ମିକ ମାର୍ଗ ଦର୍ଶନ କରାଇନଥାଏ ବରଂ ସୁସ୍ଥ, ନିରାମୟ ଜୀବନଶୈଳୀ ଉପରେ ଦୃଷ୍ଟି ପକାଇ ଥାଏ। ଚତୁର୍ମାସ୍ୟା ସମୟଟି ମୌସୁମୀର ପ୍ରଭାବରୁ ଜଳପ୍ରଦୂଷଣ, ବନସ୍ପତିରେ କୀଟମାନଙ୍କର ବିଶୁଦ୍ଧତା ଜନଜୀବନ ଉପରେ କ୍ଷତି ପକାଇଥାଏ । ଶୁଦ୍ଧ ବାତାବରଣ ପ୍ରାଣୀଜଗତ ଲାଗି ଉପଯୋଗୀ । କିନ୍ତୁ ଆର୍ଦ୍ର ବାୟୁ ସାଙ୍ଗକୁ ପ୍ରଦୂଷିତ ବାତାବରଣ ବାତ, ପୀତ ତଥା କଫ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ତେଣୁ ବ୍ରତ, ଉପାସ ମାଧ୍ୟମରେ ଖାଦ୍ୟପେୟର ନିୟନ୍ତ୍ରଣରେ ଆତ୍ମ ସଂଯମତା ବୃଦ୍ଧି ହୋଇଥାଏ । ଯେଉଁଥିରେ ସାଧକର ସିଦ୍ଧି ଅତୁଟ ହୋଇଯାଏ । ସନାତନ ସଂସ୍କୃତିର ମର୍ଯ୍ୟାଦା ବହୁତ ଉର୍ଦ୍ଧ୍ୱରେ । କାହାକୁ ମିଛ ଆମକୁ ସତରେ ଆମ ଜୀବନ ଚର୍ଯ୍ୟା । କେବଳ ଅନ୍ତର୍ବେଦନାର ଲୁହ ଝରାଇ ଶ୍ରଦ୍ଧା ଓ ଭକ୍ତିର ପରାକାଷ୍ଠାକୁ ପ୍ରଭୁଙ୍କ ପାଖରେ ରକ୍ଷା କରିପାରିଲେ ଜୀବନ ସାର୍ଥକ ହୋଇଯାଏ ଏହା ସୁନିଶ୍ଚିତ.... ।

# ସତଚାଳିଶର ସୂର୍ଯ୍ୟୋଦୟ ଥିଲା ଭାରତୀୟଙ୍କ ପାଇଁ ବହୁ ପ୍ରତୀକ୍ଷିତ



ପ୍ରଦୀପ ସେନାପତି
ସାମନ୍ତରାପୁର,
ଭୁବନେଶ୍ୱର–୨,
ମୋ : ୭୮୪୮୮୯୮୪୫୬

୧୯୪୭ ମସିହା ଅଗଷ୍ଟ ୧୪ ତାରିଖ। ସକାଳୁ ସକାଳୁ ହିଁ ଦେଶର ବିଭିନ୍ନ ସହର, ଗ୍ରାମାଞ୍ଚଳରେ ଉତ୍ସବର ମାହୋଲ ଆରମ୍ଭ ହୋଇଯାଇଥିଲା। ଆକାଶରେ ମେଘ ଘୋଟି ରହିବା ସହ ବର୍ଷା ବି ହେଉଥିଲା। ସତେଅବା ଭାରତର ଭାଗ୍ୟ ପୃଷ୍ଠାରୁ ବ୍ରିଟିଶ ଶାସନ ସମୟର ସବୁ କାଳିମା ଧୋଇଦେଇ ଆଗାମୀ ସୂର୍ଯ୍ୟର ସୁନେଲି କିରଣରେ ନୂଆ ଇତିହାସ ଦେଖିବାକୁ ସ୍ଥାନ ପରିଷ୍କାର କରିଦେଲା। ଅବଶ୍ୟ ଦେଶର କେତେକ ଅଞ୍ଚଳରେ ବିଭାଜନ ପରେ ଦଙ୍ଗାର ଭୟଙ୍କର ସ୍ଥିତି ଦେଶ ସମ୍ମୁଖୀନ ହୋଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଏହା ଏତେ ବ୍ୟଥିତ କରିଥିଲା ଯେ ସେ ବାରମ୍ବାର ଅନୁରୋଧ ସତ୍ତ୍ୱେ ସ୍ୱାଧୀନତାର ଉତ୍ସବରେ ଯୋଗନଦେଇ କଲିକତାର ବେଲିୟାଘାଟ ଅଞ୍ଚଳରେ ଚୁପଚାପ ରହି ଶାନ୍ତିପାଇଁ ପ୍ରାର୍ଥନା କରୁଥିଲେ। ତଥାପି ପରାଧିନତାର ବେଡ଼ିରୁ ମୁକ୍ତି ପାଇବାର ଉଲ୍ଲାସ ଭାରତୀୟମାନଙ୍କୁ ଆତ୍ମହରା କରିଥିଲା। ଆଜି ଦିନକ ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଭାବି ସେମାନେ ଈଶ୍ୱରଙ୍କ ନିକଟରେ ଦେଶର ମଙ୍ଗଳ ମନାସି ଚାଲିଥିଲେ। ଦିଲ୍ଲୀ ବାସିନ୍ଦା ନିଜନିଜ ଘରୁ ବାହାରି ସାଇକଲ, କାର, ବସ୍, ରିକ୍ସା, ଘୋଡ଼ାଗାଡ଼ି, ଏପରିକି ହାତୀ, ଘୋଡ଼ା, ଗଧ ପିଠିରେ ବି ସବାର ହୋଇ ଇଣ୍ଡିଆ ଗେଟ ଦିଗରେ ଆଗେଇ ଚାଲିଥିଲେ। ଚାରିଆଡ଼େ ରାଷ୍ଟ୍ରଗୀତର ଧ୍ୱନି ଶୁଣାଯାଉଥିଲା। କେବଳ ଦିଲ୍ଲୀ ସହର ନୁହେଁ, ଚାରିପଟୁ ଯେମିତି ଜନସମୁଦ୍ର ଦିଲ୍ଲୀକୁ ମାଡ଼ି ଆସୁଥିଲା। ଲୋକେ ନାଚଗୀତ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଉଥିଲେ। ଦୂରଦୂରାନ୍ତରୁ କିଛି ନଜାଣି ମାଡ଼ି ଆସିଥିବା ଲୋକେ ଏସବୁର କାରଣ ସ୍ପଷ୍ଟ ଜାଣି ନପାରି ପଚାରିବାରୁ ତାଙ୍କୁ ଉତ୍ତର ମିଳୁଥିଲା ଆରେ ଜାଣିନ ଇଂରେଜ ଯାଉଛନ୍ତି। ଆଜି ନେହେରୁଜୀ ଦେଶର ପତାକା ଉଡ଼ାଇବେ। ଆମେ ସ୍ୱାଧୀନ ହୋଇଗଲେ।

ଖ୍ୟାତନାମା ଲେଖକ ଡୋମିନିକ୍ ଲାପିଏରେ ଏବଂ ଲ୍ୟାରୀ କୋଲିନସ୍ ନିଜ ପୁସ୍ତକ "ଫ୍ରିଡ଼ମ୍ ଆଟ ମିଡ଼ିନାଇଟ' ରେ ଏହି ଐତିହାସିକ ଦିନ ସଂପର୍କରେ ଏଭଳି ବର୍ଣ୍ଣନା କରିଛନ୍ତି। ଏହା ସହିତ ଅଗଷ୍ଟ ୧୪, ତାରିଖରେ ଘଟଣା ସମ୍ପର୍କରେ ଏଥିରେ ଉଲ୍ଲେଖ ଅଛି - ସେନାଛାଉଣି, ସରକାରୀ କାର୍ଯ୍ୟାଳୟ ଏବଂ ନିଜସ୍ୱ ଘର ଉପରେ ଉଡୁଥିବା ୟୁନିଅନ ଜ୍ୟାକ୍ ବାହାର କରାଯାଇ ସାରିଥିଲା। ଅଗଷ୍ଟ ୧୪ ତାରିଖରେ ସୂର୍ଯ୍ୟ ଅସ୍ତହେବା ବେଳକୁ ସାରା ଦେଶରେ ଥିବା ଧ୍ୱଜ-ଦଣ୍ଡରୁ ନିଜକୁ ଅପସାରଣ କରି ସାରିଥିଲା ବ୍ରିଟିଶ ଶାସନର ପତାକା ୟୁନିଅନ୍ ଜ୍ୟାକ୍। ସତେଯେପରି ସେ ଚୁପ୍‌ଚାପ୍ ଭାରତୀୟ ଇତିହାସର ଏକ କୋଣରେ ନିଜକୁ ଲୁଚାଇ ଦେବାକୁ ଚାହୁଁଥିଲା। ସ୍ୱାଧୀନତାର ଭବ୍ୟ ସମାରୋହ ଲାଗି ରାତି ଅଧ ବେଳକୁ ସଂସଦ ଭବନ (ସେତେବେଳର କାଉନ୍‌ସିଲ ହାଉସ) ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା। ଯେଉଁ କକ୍ଷଗୁଡ଼ିକରେ ଭାରତର ଭାଇସରାୟଙ୍କ ଭବ୍ୟ ତୈଳଚିତ୍ର ଲଗାଯାଇଥିଲା ସେଠାରେ ସଗର୍ବେ ଶୋଭା ପାଉଥିଲା ଏକାଧିକ ତ୍ରିରଙ୍ଗା। ସନ୍ଧ୍ୟା ହୋଇଆସିବା ସହ ପ୍ରତ୍ୟେକ ଭାରତୀୟଙ୍କ ହୃତ୍‌ସ୍ପନ୍ଦନ ଯେପରି ବଢିଚାଲିଥିଲା। ସଂସଦ ଭବନ ବାହାରେ ଲୋକଙ୍କ ଭିଡ଼ ବଢି ଚାଲିଥିଲା। କେହି ତ୍ରିରଙ୍ଗା ଉଡ଼ାଉଥିଲେ ତ କେହି ଶଙ୍ଖ ଏବଂ ଘଣ୍ଟ ଧ୍ୱନି କରିବାରେ ଲାଗିଥିଲେ। ରାତି ଠିକ୍ ୧୧ଟା ବେଳକୁ ଡ଼. ରାଜେନ୍ଦ୍ର ପ୍ରସାଦଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ସଭାର କାର୍ଯ୍ୟ ଆରମ୍ଭ ହେଲା। ସୁଚେତା କୃପାଳିନୀ ବନ୍ଦେ ମାତରମ୍ ଗାଇବା ଆରମ୍ଭ କଲେ। ଏହି ଶବ୍ଦ ବାହରକୁ ଶୁଣାଯିବାମାତ୍ରେ ସମବେତ ଜନତାଙ୍କ ବନ୍ଦେମାତରମ୍ ଗାୟନରେ ପରିବେଶ ମୁଖରିତ ହୋଇପଡ଼ିଲା। ଏ ସମ୍ପର୍କରେ ବିଧାୟକ ସଭାର ସମସ୍ତ ସଭ୍ୟ ଏହି ଐତିହାସିକ ଉତ୍ସବରେ ଯୋଗଦେଇଥିଲେ। ସଭାଗୃହଟି ଆଲୋକରେ ଉଦ୍ଭାସିତ ହୋଇ ଉଠିଥିଲା। କାନ୍ଥଯାକ ଜାତୀୟ ପତାକାରେ ସଜ୍ଜିତ ହୋଇଥିଲା। ଅଳ୍ପ କେତେଜଣଙ୍କ ଛଡ଼ା ପ୍ରାୟ ସମସ୍ତେ ଧୋତି, କୁର୍ତ୍ତା ପିନ୍ଧିଥିଲେ। ବକ୍ତାମାନଙ୍କ ଭାଷଣମାନ ଶୁଣିବା ପାଇଁ ଡ଼ାକବାଜି ଯନ୍ତ୍ରମାନ ଖଞ୍ଜା ଯାଇଥିଲା। ରାସ୍ତାଘାଟ ଲୋକାରଣ୍ୟ ହୋଇଯାଇଥିଲା। ବିଧାୟକ ସଭାର ସଭାପତି ଡ.ରାଜେନ୍ଦ୍ର ପ୍ରସାଦ ଧୋତି ପିନ୍ଧି ଆସିଥିଲେ। ସେ ସଭାପତି ଆସନ ଗ୍ରହଣ କରି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶର ସ୍ୱାଧୀନତା ସ୍ୱପ୍ନ ସଫଳ ହୋଇଛି ବୋଲି ତାଙ୍କୁ ନିଜର ତଥା ସଭାର ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକ୍ ଅଧରାତି ହେବା ବେଳକୁ ସମସ୍ତେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମ୍ବୋଧନକୁ ଅପେକ୍ଷା କରିଥିଲେ। ନିୟତି ସହ ସାକ୍ଷାତ କରାଉଥିବା ପଣ୍ଡିତ ନେହେରୁଙ୍କର ପ୍ରତିଟି ଶବ୍ଦ ଇତିହାସ ସୃଷ୍ଟି କରୁଥିଲା। ଘଣ୍ଟା କଣ୍ଟାରେ ଠିକ୍ ୧୨ଟା ବାଜିବା ମାତ୍ରେ ହଠାତ୍ ଶଙ୍ଖ ଧ୍ୱନି ଗୁଞ୍ଜରିତ ହେଲା। ପ୍ରତ୍ୟେକ ଭାରତୀୟଙ୍କ ଶରୀର ଏକ ଅଦ୍ଭୁତ ଆନନ୍ଦ ଓ ଉନ୍ମାଦନାରେ ଶିହରିତ ହୋଇ ଉଠିଲା। କାରଣ ତାହା ଥିଲା ସ୍ୱାଧୀନତାର ଶଙ୍ଖନାଦ। ସମ୍ବିଧାନ ସଭାର ସମସ୍ତ ସଦସ୍ୟ ନିଜନିଜ ସ୍ଥାନରେ ଛିଡ଼ା ହୋଇଗଲେ ଏବଂ ସ୍ୱାଧୀନ ଭାରତରେ ମାନବତାର ସେବା କରିବା ଲାଗି ଶପଥ ନେଇଥିଲେ।

ଡ. ରାଜେନ୍ଦ୍ର ପ୍ରସାଦ ମହାତ୍ମାଗାନ୍ଧୀଙ୍କ ଜୟଧ୍ୱନି ମଧ୍ୟରେ ଘୋଷଣା କରିଥିଲେ ଯେ ସମ୍ବିଧାନ ସଭା ଭାରତର ଶାସନଭାର ଗ୍ରହଣ କରି ସାରିଛି ଏବଂ ୧୯୪୭ ଅଗଷ୍ଟ ୧୫ ତାରିଖରୁ ମାଉଣ୍ଟ ବ୍ୟାଟେନ୍ ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ହେବେ। ଏହି ମୁହୂର୍ତ୍ତ ୧୯୪୭ ଅଗଷ୍ଟ ୧୬ ତାରିଖ ଘଣ୍ଟା କଣ୍ଟା ଠିକ୍ ୧୨ଟା ଉପରକୁ ଯିବା ମାତ୍ରେ ପଣ୍ଡିତ ଗୋବିନ୍ଦ ମାଲବ୍ୟ ଶଙ୍ଖ ବଜାଇଲେ। ବିଧାୟକ ସଭାର ବୈଠକ ଠିକ୍ ଏଗାରଟାରେ ଆରମ୍ଭ ହୋଇ ବାରଟା ପନ୍ଦର ମିନିଟ୍‌ରେ ସରିଲା। ସଭାପତି ରାଜେନ୍ଦ୍ର ପ୍ରସାଦ ତାଙ୍କର ପ୍ରାରମ୍ଭିକ ବକ୍ତୃତାରେ କହିଲେ - ଭଗବାନ ଏ ଦେଶକୁ ଆଶୀର୍ବାଦ କରନ୍ତୁ। ଶହୀଦମାନଙ୍କ କଥା ଉଲ୍ଲେଖ କରି ସେ ଗାନ୍ଧିଜୀଙ୍କର ବିପୁଳ ପ୍ରଶଂସା କରିଥିଲେ। ପୃଥିବୀର ବିଭିନ୍ନ ରାଜ୍ୟ ପ୍ରତି ଏ ଦେଶର ବନ୍ଧୁତା ସେ ଘୋଷଣା କଲେ। ପାକିସ୍ତାନ ପ୍ରତି ଶୁଭେଚ୍ଛା ଜଣାଇ ସେ କହିଲେ ଯେ ଏଠାରେ ସଂଖ୍ୟାନ୍ୟୁନ ଗୋଷ୍ଠୀର ଲୋକେ ସମାନ ଓ ଉଦାର ବ୍ୟବହାର ପାଇପାରିବେ। ଶାସନ ବିଧାୟକ ସଭା ବୈଠକରେ ଅବ୍ୟବହିତ ପୂର୍ବରୁ ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦଙ୍କ ଆସ୍ଥାନ ନିକଟରେ ଏକହଜାର ମହିଳା ପ୍ରଥମେ ଯଜ୍ଞାନୁଷ୍ଠାନ କଲେ ଏବଂ ତା' ପରେ ନୂଆ ଭାରତ ସରକାରଙ୍କ ପ୍ରତ୍ୟେକ ସଭ୍ୟଙ୍କ କପାଳରେ ତିଳକ ଦେଇଥିଲେ। ହଜାର ହଜାର ଲୋକ ଆସି ରାତି ଅଧରେ ମଧ୍ୟ ଶାସନ ବିଧାୟକ ସଭା ଘରର ବାହାରେ ଜମା ହୋଇଥାନ୍ତି। ଚାରିଆଡ଼େ ଭାରତ ମାତା କି ଜୟ ହୋ, ଜୟ ହିନ୍ଦ୍ ଆକାଶ ଭେଦି ଏହିସବୁ ଡାକ ନିନାଦିତ ହୋଇଥିଲା। ସମସ୍ତଙ୍କ ଆଖିରେ ସ୍ୱାଧୀନ ଭାରତକୁ ନେଇ ନିଜସ୍ୱ ଏକ ଧାରଣା ଏବଂ ସ୍ୱପ୍ନ ପ୍ରତିଫଳିତ ହେଉଥିଲା। କାରଣ ଏମାନଙ୍କ ମଧ୍ୟରୁ କେହି ବି ଏକ ସ୍ୱାଧୀନ ଦେଶରେ ରହିନଥିଲେ। ଲୋକେ ଦେଖିବାକୁ ଚାହୁଁଥିଲେ ସ୍ୱାଧୀନ ଦେଶ କେମିତି ହୋଇଥାଏ ?

ସକାଳେ ବର୍ଷା ହେଉଥିଲେ ବି ଅଧରାତି ବେଳକୁ ହଠାତ୍ ବିଜୁଳି ଘଡ଼ଘଡ଼ି ସହ ଜୋର ବର୍ଷା ଆରମ୍ଭ ହୋଇଗଲା। ସଂସଦ ଭବନ ଚାରିପାଖରେ ହଜାର ହଜାର ସଂଖ୍ୟାରେ ଭାରତୀୟ ଘେରି ରହିଥିଲେ। ସେମାନେ କିନ୍ତୁ ଭିଜିବାକୁ ଲାଗିଲେ ଚୁପ୍‌ଚାପ୍। ପାଖେଇ ଆସୁଥିବା ଅଧରାତିର ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତକୁ ବେଶ୍ ରୋମାଞ୍ଚ ଏବଂ ତନ୍ମୟତାର ସହ ସେମାନେ ଅପେକ୍ଷା କରିଥିଲେ। ନା ବର୍ଷା ନା ବିଜୁଳି କି ଘଡ଼ଘଡ଼ି ସେମାନଙ୍କୁ ଚମକାଇ ପାରିନଥିଲା। ସ୍ୱାଧୀନତାର ଶଙ୍ଖନାଦ ଘୋଷଣା କରିଥିଲା ଏକ ବିରାଟ ସାମ୍ରାଜ୍ୟର ଅନ୍ତ ଏବଂ ଭାରତ ଭୂମିରେ ଏକ ନୂତନ ଯୁଗର ସୂତ୍ରପାତ। ଲେଖକ ଆର.ଏଲ ହାଣ୍ଡାଙ୍କ ଅନୁସାରେ ରାତି ତିନିଟା ବେଳକୁ ଶପଥ ଗ୍ରହଣ ଆଦି ସମାରୋହ ଶେଷ ହୋଇଗଲା। କେତେଲୋକ ଘରକୁ ଫେରିଯିବା ପରେ ମଧ୍ୟ ଆହୁରି ଅନେକ ଲୋକ ସବୁଜ ଲନ୍ ଏବଂ ଫୁଟପାଥ ଉପରେ ଶୋଇ ରହିଥିଲେ। ପରଦିନ ଅର୍ଥାତ୍ ଅଗଷ୍ଟ ୧୫ ତାରିଖରେ ସକାଳ ଆଠଟା ବେଳକୁ ପଣ୍ଡିତ ନେହେରୁ ଲାଲକିଲ୍ଲା ୟୁନିଅନ ଜ୍ୟାକ୍ ବଦଳରେ ଭାରତର ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାର ଥିଲା।

ସକାଳ ଆଠଟା ବେଳକୁ ଗଭର୍ଣ୍ଣର ଜେନେରାଲ ତଥା ଅନ୍ୟ ନେତାମାନଙ୍କର ଶପଥ ଗ୍ରହଣ ଉତ୍ସବ ଥିଲା। ଭାଇସ୍‌ରାୟଙ୍କୁ ଦିଆଯାଉଥିଲା ୩୧ ତୋପ ସଲାମୀ ବଦଳରେ ଗଭର୍ଣ୍ଣର ଜେନାରାଲଙ୍କ ପାଇଁ ୨୧ ତୋପ ସଲାମୀ ବ୍ୟବସ୍ଥା କରାଗଲା। ସେଦିନ ଶପଥ ଗ୍ରହଣ ଉତ୍ସବ ଶେଷହେବା ପରେ ୨୧ ତୋପ ସଲାମୀ ସହ ସମଗ୍ର ଦିଲ୍ଲୀରେ ସ୍ୱାଧୀନତାର ପ୍ରଥମ ସକାଳର ଉଦ୍‌ଘୋଷଣା ହୋଇଥିଲା। ସଂସଦ ଭବନ ଏବଂ ଇଣ୍ଡିଆ ଗେଟ୍ ନିକଟରେ ପ୍ରାୟ ୫ଲକ୍ଷ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଦିନ ବିତିବା ସହ ଦିଲ୍ଲୀର ସବୁ ଦିଗରୁ ଲୋକେ ଇଣ୍ଡିଆ ଗେଟ୍ ନିକଟରେ ପହଞ୍ଚିବାକୁ ଲାଗିଲେ। ସେଠାରେ ଅପରାହ୍ନ ୫ଟା ବେଳକୁ ଇଣ୍ଡିଆ ଗେଟ ନିକଟସ୍ଥ ପ୍ରିନ୍‌ସେସ୍ ପାର୍କରେ ମାଉଣ୍ଟବ୍ୟାଟେନ୍ ତ୍ରିରଙ୍ଗା ଉତ୍ତୋଳନ କରିଥାନ୍ତେ। ତେବେ ଏତେ ଭିଡ଼ ଥିଲା ଯେ ମାଉଣ୍ଟବ୍ୟାଟେନଙ୍କ ଗାଡ଼ି ଭିଡ଼ରୁ ବାହାରିପାରିଲା ନାହିଁ। ତେଣୁ ପଣ୍ଡିତ ନେହେରୁ ତ୍ରିରଙ୍ଗା ଉତ୍ତୋଳନ କଲେ ଏବଂ ମାଉଣ୍ଟ ବ୍ୟାଟେନ୍ ନିଜ ଗାଡ଼ି ଉପରେ ଛିଡ଼ା ହୋଇ ସଲାମୀ ଦେଇଥିଲେ। ଭିଡ଼ ଯୋଗୁଁ ଆଉ କିଛି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ହୋଇପାରିନଥିଲା। ପରଦିନ ଅଗଷ୍ଟ ୧୬ ତାରିଖରେ ଲାଲକିଲ୍ଲାରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ପଣ୍ଡିତ ନେହେରୁ। ଭାରତ ଉପନିବେଶର ପ୍ରଧାନମନ୍ତ୍ରୀ ସକାଳ ସାଢେ ଆଠଟାରେ ଦିଲ୍ଲୀର ଲାଲକିଲ୍ଲା ଉପରେ ଭାରତର ଜାତୀୟ ପତାକା ଉଡ଼ାଇଥିଲେ। ଏହି ପତାକା ଉତ୍ତୋଳନ ବେଳେ ତିନିଲକ୍ଷ ଲୋକ ସମବେତ ହୋଇଥିଲେ। ପଣ୍ଡିତ ନେହେରୁ ସମବେତ ଜନତାଙ୍କୁ ସମ୍ବୋଧନ କରି କହିଲେ - "ଆପଣମାନେ ଆଜି ଶତପ୍ରବୃତରେ ଆପଣମାନଙ୍କର ଏହି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ଏଠାରେ ସମବେତ ହୋଇଅଛନ୍ତି। ଏହି ପତାକା ଭାରତ ମୁକ୍ତିର ପ୍ରତୀକ। ପୃଥିବୀର ଅସଂଖ୍ୟ ନରନାରୀଙ୍କ ଦୃଷ୍ଟି ଆଜି ଏହି ପତାକା ଆଡ଼େ। ସେବେ ଠାରୁ ଭାରତ ଇତିହାସରେ ଏକ ନବଯୁଗର ଆରମ୍ଭ ହୋଇଛି। ଜୟ ହିନ୍ଦ, ଜୟ ଭାରତ, ଭାରତ ମାତା କି ଜୟ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# 'ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ 'ସୁଭଦ୍ରା' ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ'

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ମହିଳା ମାନଙ୍କର ଆର୍ଥିକ, ସାମାଜିକ, ମାନସିକ ସଶକ୍ତିକରଣ କରି ସେମାନଙ୍କର ସ୍ୱାଧୀନତାକୁ ବୃଦ୍ଧି କରାଇବା ସହିତ ତାଙ୍କର ପରିବାରକୁ ସୁରକ୍ଷା ଯୋଗାଇବା ନିମନ୍ତେ ସୁଭଦ୍ରା ଯୋଜନା-୨୦୨୪ ନାମରେ ଏକ ପ୍ରମୁଖ ଯୋଜନାକୁ ଆରମ୍ଭ କରିବାକୁ ଯାଉଛନ୍ତି । ଏହି ଯୋଜନା ମାଧ୍ୟମରେ ସରକାର ମହିଳା ମାନଙ୍କର ଏକାଧିକ ଦିଗରୁ ଉନ୍ନତି କରିବାର ଯୋଜନା ରଖି ସେମାନଙ୍କୁ ବୃତ୍ତିଗତ ଓ ବ୍ୟକ୍ତିଗତ ସଫଳ କରାଇବାର ଲକ୍ଷ୍ୟ ରଖିଛନ୍ତି । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କୁ ତାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରାଇବା ସହିତ ସମାଜରେ ଏକ ମୂଲ୍ୟବାନ ସଦସ୍ୟ ରୂପେ ତାଙ୍କର ଭୂମିକାକୁ ପ୍ରୋତ୍ସାହନ କରାଇବେ । ଏହି ଯୋଜନା ମାଧ୍ୟମରେ ସରକାର ଓଡ଼ିଶାର ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀ ମାନଙ୍କୁ ମୋଟ୍ ଟ ୫୦, ୦୦୦ର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଯୋଜନା କରୁଛନ୍ତି । କେଉଁ ଆଧାରରେ କେଉଁମାନଙ୍କୁ ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ଭାବେ ବିବେଚିତ କରାଯିବ ନିମନ୍ତେ କେଉଁମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ସେହି ପ୍ରସଙ୍ଗରେ ମତାମତ ଆମନ୍ତ୍ରଣ କରାଯାଇଥିଲା ତେଣୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଦରବାର ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହାଲୀ ଓ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଯୋଗ ଦେଇଥିଲେ । ଏମ୍‌ପି ଅନନ୍ତ ନାୟକ କେନ୍ଦୁଝର ଜିଲ୍ଲାରେ ଅନେକ ନକଲି ହିତାଧିକାରୀ ଅଛନ୍ତି । ଅସଲି ଗରିବ ଲୋକେ ସରକାରୀ ସୁବିଧା ପ୍ରକୃତରେ ପାଉନାହାନ୍ତି କହିଥିଲେ । ତେଣୁ ଏହି ସୁଭଦ୍ରା ଯୋଜନା ପ୍ରକୃତ ଲୋକଙ୍କ ପାଖରେ ପହଞ୍ଚି ପାରିବ ବୋଲି ସେ ଆଶା ରଖିଛନ୍ତି । ଜିଲ୍ଲାପାଳ ଉପସ୍ଥିତ ବ୍ୟକ୍ତି ଓ ମହିଳାମାନଙ୍କୁ ଏହି ଯୋଜନା ଉପରେ ମତାମତ ରଖିବାକୁ କହିଥିଲେ । ତେଣୁ ଅନେକ ମୂଲ୍ୟବାନ ମତାମତ ଆସିଥିଲା । ଅନେକ ବ୍ୟକ୍ତି ବିଶେଷ ଏହି ଯୋଜନାରେ ତଦାରଖ ଲାଗି ଦୁର୍ନୀତି ଗ୍ରସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ସାମିଲ୍ ନକରିବାକୁ କହିଥିଲେ ସୁଭଦ୍ରା ଯୋଜନା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ କାର୍ଯ୍ୟକ୍ଷମ କରାଯିବ ବୋଲି ଜଣାଯାଇଛି । ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସମ୍ଭାବ୍ୟ ମାନଦଣ୍ଡ ହେଲା ଏହାକୁ ପାଇବାକୁ ଥିବା ମହିଳା ନିଶ୍ଚିତ ଓଡ଼ିଶାର ସ୍ଥାୟୀ ବାସିନ୍ଦା, ସ୍ୱଳ୍ପ ଆୟ କିମ୍ବା ରୋଜଗାର ବିହୀନ ମହିଳା, ବେରୋଜଗାର/ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା, ବିଧବା/ସ୍ୱାମୀ ପରିତ୍ୟକ୍ତା ମହିଳା, ଭଙ୍ଗା ଘରେ ରହୁଥିବା ବାସହୀନ, ଭିନ୍ନକ୍ଷମ, ସମାଜରେ ବାଧାବିଘ୍ନକୁ ସମ୍ମୁଖୀନ କରିଥିବା ମହିଳା, ଗ୍ରାମାଞ୍ଚଳରେ ରହୁଥିବା ଭୂମିହୀନ ମହିଳା, ଘରୋଇ ହିଂସାର ସମ୍ମୁଖୀନ ହେଉଥିବା ମହିଳା, ଯେଉଁ ମହିଳାଙ୍କର କେବଳ ଝିଅ ଶିଶୁ ଥିବେ, ଦୁଷ୍କର୍ମ ପୀଡ଼ିତା ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟ ଯେଉଁମାନେ ଋଣ ନେଇ କାର୍ଯ୍ୟରେ ସଠିକ୍ ବିନିଯୋଗ କରିପାରୁଥିବେ, ବୟସ ସୀମା ୧୮ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଦରକାର, ବିବାହିତ ମହିଳା/ ବିଧବା ଏବଂ ଘରର ମୁଖିଆ ହୋଇଥିବେ, ସରକାରୀ ଋକିରୀ କରିନଥିବେ କିମ୍ବା ତାଙ୍କ ପରିବାରରେ କେହି ସରକାରୀ ଭତ୍ତା ପାଉନଥିବେ ତେବେ ଏସବୁ ଯାଞ୍ଚ ପରେ ମହିଳାମାନଙ୍କୁ ଏହି ଯୋଜନାରେ ସାମିଲ୍ କରାଯିବ ବୋଲି ଜଣାଯାଇଛି ।

# ବିକାଶରେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାତ୍ମକ ସଂଗୋଷ୍ଠୀ:ଦୃଢ଼ ଇଚ୍ଛାଶକ୍ତି ବଳରେ ସବୁକିଛି ସମ୍ଭବ:ସାରିକା ଜୈନ୍



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବିକାଶ ହାୟର ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍‌ର ପ୍ରେକ୍ଷାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାତ୍ମକ ସଂଗୋଷ୍ଠୀ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମୁମ୍ବାଇ ଆୟକର ବିଭାଗର ଜଏଣ୍ଟ କମିଶନର ଭାବେ କାର୍ଯ୍ୟରତ ସାରିକା ଜୈନ୍ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଦୁଇ ଶହରୁ ଊର୍ଦ୍ଧ୍ୱ ହେବ ଛାତ୍ରଛାତ୍ରୀଙ୍କ ହୃଦୟ ଜିଣିପାରିଥିଲେ । ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ଚାଲିଥିବା କାର୍ଯ୍ୟକ୍ରମରେ ନିଜ ଉପରେ ପ୍ରଗାଢ଼ ବିଶ୍ୱାସ ଏବଂ ବାଧାବିଘ୍ନ ସତ୍ତ୍ୱେ ଲକ୍ଷ୍ୟ ସାଧନର ମୂଳମନ୍ତ୍ର ଅତି ସରଳ କାହାଣୀ ରୋଚକ ବର୍ଣ୍ଣନାଶୈଳୀ ମାଧ୍ୟମରେ ଶ୍ରୀମତି ଜୈନ୍ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓଙ୍କ ସମେତ ବିକାଶ ହାୟର ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍‌ର ଅଧକ୍ଷ ଅଜୟ କୁମାର ମହାପାତ୍ର, ସତ୍ୟବ୍ରତ ମିଶ୍ର, ଡ. କ୍ଷୀରୋଦ ପ୍ରଧାନ, ଅଧ୍ୟକ୍ଷା ଦୀପାଞ୍ଜଳୀ ପଟେଲ ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମ ଶେଷରେ ବିକାଶ ଗ୍ରୁପ୍ ତରଫରୁ ଶ୍ରୀ ରାଓଙ୍କ କରକମଳରେ ସାରିକା ଜୈନ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ ସଞ୍ଚାଳନ ଦାୟିତ୍ୱ ଉପାଧ୍ୟକ୍ଷ ଡ. ପୁର୍ଣେନ୍ଦୁ ମିଶ୍ର ତୁଲାଉଥିବାବେଳେ ଉପାଧ୍ୟକ୍ଷ ଆର.ଏସ୍.ଡି. କ୍ରିଷ୍ଣା ଅତିଥି ପରିଚୟ ଦେଇଥିଲେ ଏବଂ ଶେଷରେ ଲ' ସ୍କୁଲ୍‌ର ଅଧ୍ୟକ୍ଷ ବିକ୍ରମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ନବରଙ୍ଗପୁରରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ସୂର୍ଯ୍ୟବଂଶୀ ସୂରଜ ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଦୁଇ ଦିନିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ୭୮ ତମ ସ୍ୱାଧୀନତା ଦିବସ ତଥା ହର ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଇନ୍ଦ୍ରାବତୀ ବ୍ରିଜ୍‌ରୁ ସର୍କିଟ୍ ହାଉସ୍ ପର୍ଯ୍ୟନ୍ତ ଅନୁଷ୍ଠିତ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ମନ୍ତ୍ରୀ ସାମିଲ୍ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଶୋଭାଯାତ୍ରାରେ ସାଂସଦ ଲୋକସଭା ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର, ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିର ଯାଇ ମାଁଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ । ନବରଙ୍ଗପୁର ତହସିଲ କାର୍ଯ୍ୟାଳୟ ଓ ଜିଲ୍ଲା କୋଷାଗାର ପାଖରେ ଥିବା ବ୍ରିଟିଶ ଅମଳର ଭଙ୍ଗା, ଦରଜା ହୋଇଯାଇଥିବା ବନ୍ଦୀ ପୁରୁଣା ଜେଲ୍ ପରିଦର୍ଶନ କରିଥିଲେ ଏବଂ ସ୍ୱାଧୀନତା ସଂଗ୍ରାମୀ ଓ ସହିଦଙ୍କ ସ୍ମୃତି ଉଦେଶ୍ୟରେ ତାଙ୍କୁ କେମିତି ସୁରକ୍ଷିତ କରାଯାଇପାରିବ ସେ ସମ୍ପର୍କରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ, ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ତିର୍ଲି ଆମଗୁଡ଼ା ଆଦର୍ଶ ମଡେଲ ଡିଗ୍ରୀ କଲେଜ, ନବରଙ୍ଗପୁର ବିନୋଦ ବିହାରୀ କଲେଜ ପରିଦର୍ଶନ କରି କଲେଜର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବିନୋଦ ବିହାରୀ କଲେଜକୁ ପୂର୍ଣ୍ଣ ସରକାରୀ ମାନ୍ୟତା ପ୍ରଦାନ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ଇଣ୍ଡୋର୍ ଷ୍ଟାଡିୟମ୍ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ଉନ୍ନତି କରଣ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହା ପରେ ପାପଡାହାଣ୍ଡି ସ୍ଥିତ ସହିଦ୍ ମିନାର ପରିଦର୍ଶନ କରି ସେଠାରେ ଥିବା, ସହିଦ୍ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଲୋକସଭା ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ।




# ବାଣୀ ବିହାର ୮୦ର ଅନ୍ନସେବା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଣୀବିହାର ୮୦ ଅନୁଷ୍ଠାନ ପକ୍ଷରୁ ଜଟଣୀସ୍ଥିତ ସୋସାଇଟି ଫର୍ ଚିଲ୍ଡ୍ରେନ୍-ଶିଶୁ ରିହାବିଲିଟେସନ୍ (ସୋଚ୍) କେନ୍ଦ୍ରରେ ଅନ୍ନସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରରେ ଶିକ୍ଷାଲାଭ କରୁଥିବା ପ୍ରାୟ ପଚିଶ ଜଣ ପିଲାଙ୍କୁ ଏହି କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରମୁଖ ସଂଯୋଜକ ଥିଲେ । ବାଣୀବିହାର ୮୦ର ସଭ୍ୟ ଅଲେଖ ନନ୍ଦୀ ତାଙ୍କ ସହ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରତୀପ ମିଶ୍ର, ଆଶୁତୋଷ ଦାଶ ଓ ଶରତ ଦାଶ ଯୋଗଦାନ କରିଥିଲେ ।

# ଥାନା ଆଗରେ ପେଟ୍ରୋଲ ଢାଳି ଦେହରେ ନିଆଁ ଲଗାଇଲେ ମହିଳା

**ମାହାଙ୍ଗା, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ମାହାଙ୍ଗା ଥାନା ସମ୍ମୁଖରେ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସ୍ୱାମୀଙ୍କୁ ଏକ ଚୋରି ମାମଲାରେ ଫସାଇ ଥାନାରେ ନିର୍ଯାତନା ଦିଆଯିବା ପ୍ରତିବାଦରେ ମହିଳା ଜଣକ ଏଭଳି କରିଥିବା କହିଛନ୍ତି। ମାହାଙ୍ଗା ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ଖର୍ଡ୍ଡାଙ୍ଗ ଗ୍ରାମର ଶଙ୍କର ଦାସଙ୍କୁ ଗୁରୁବାର ରାତିରେ ପୋଲିସ ଗିରଫ କରିଥିଲା। ଏକ ଚୋରି ମାମଲାର ତଦନ୍ତ ସମୟରେ ଶଙ୍କର ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପୋଲିସ ଏହି ପଦକ୍ଷେପ ନେଇଥିଲା। ତାଙ୍କ ପତ୍ନୀ ରଶ୍ମିତା ଦାସ (୩୪) ଥାନାରେ ପହଞ୍ଚି ଚୋରି ଘଟଣାରେ ଶଙ୍କର ସମ୍ପୃକ୍ତ ନାହାନ୍ତି ବୋଲି କହିବା ସହିତ ତାଙ୍କୁ ଛାଡ଼ିଦେବା ପାଇଁ ଅନୁରୋଧ କରିଥିଲେ। ହେଲେ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ଓ ମହିଳା ଏସ୍ଆଇ ଇପ୍‌ସିତା ପ୍ରିୟଦର୍ଶିନୀ ତାଙ୍କ ଗୁହାରି ନ ଶୁଣି ସ୍ୱାମୀଙ୍କୁ ନିର୍ଯାତନା ଦେଇଥିଲେ ବୋଲି ରଶ୍ମିତା ଅଭିଯୋଗ କରିଛନ୍ତି। ପରେ ରଶ୍ମିତା ଥାନା ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲାଗାଇ ଦେଇଥିଲେ। ଥାନା କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରଶ୍ମିତାଙ୍କ ଶରୀରର ପ୍ରାୟ ୫୪ ପ୍ରତିଶତ ପୋଡ଼ି ଯାଇଥିବା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲିପ୍ସା ସୂଚନା ଦେଇଛନ୍ତି। ସାଲେପୁର ଏସ୍‌ଡିପିଓ ନିହାରରଞ୍ଜନ ପ୍ରଧାନ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ରଶ୍ମିତାଙ୍କ ସ୍ୱାମୀ ଶଙ୍କର ଓ ତାଙ୍କ ସହଯୋଗୀ ନୁର୍ଡ୍ଡାଙ୍ଗ ଗ୍ରାମର ଶିଶିର କୁମାର ଜେନା ମିଛ ଚୋରି ମାମଲାରେ ସେମାନଙ୍କୁ ଫସାଇଛନ୍ତି ଏବଂ ଥାନାରେ ସେମାନଙ୍କୁ ଥାର୍ଡ ଡିଗ୍ରି ଦିଆଯାଇଥିଲା ବୋଲି ଅଭିଯୋଗ କରିଛନ୍ତି। ଚୋରି ଘଟଣା ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶଙ୍କର, ତାଙ୍କ ସହଯୋଗୀ ଶିଶିର ଓ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଟାଙ୍ଗୀ ଅଞ୍ଚଳର ସତ୍ୟବ୍ରତ ଦାସଙ୍କୁ କୋର୍ଟଚାଲାଣ କରାଯାଇଛି।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ଉତ୍ସବ

**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲାରେ ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସରକାରୀ, ବେସରକାରୀ ଅନୁଷ୍ଠାନ ମାନଙ୍କରେ ଉଡିଲା ତ୍ରିରଙ୍ଗା । ଜଗତସିଂହପୁର ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ୭୮ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଜିଲ୍ଲାପାଳ ଯେ ସୋନାଲ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି ଉତ୍ସବରେ ଜିଲ୍ଲାସ୍ତରୀୟ କ୍ଷେତ୍ର ଅଧିକାରୀ, ବୁଦ୍ଧିଜୀବୀ, ଆଇନୀଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଜନସାଧାରଣ ଉପସ୍ଥିତ ରହିଥିଲେ । ଏହା ସହିତ ଜଗତସିଂହପୁର ମେଡିକାଲରେ ରୋଗୀମାନଙ୍କୁ ଓ ଆଳିପିଙ୍ଗଳ ଜେଲ୍‌ରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା ପ୍ୟାରେଡ ପରିଚାଳନା କରିଥିବା ବେଳେ ଏହି ସମସ୍ତ କାର୍ଯ୍ୟକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପରିଚାଳନା କରିଥିବାବେଳେ ଶିକ୍ଷାବିତ ସୁବାଷ ଚନ୍ଦ୍ର ରାଉତ ସଂଯୋଜନା କରିଥିଲେ । ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଅନ୍ୟମାନେ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ ।

**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲା ସ୍ତରୀୟ ୭୮ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଷ୍ଟାଡିୟମ୍ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ସ୍ତରୀୟ ଉତ୍ସବର ମୁଖ୍ୟ ଅତିଥି କୃଷ୍ଣଚନ୍ଦ୍ର ପାତ୍ର, ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି, ଓଡ଼ିଶା ସରକାର ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ ପରିଦର୍ଶନ ଓ ପ୍ୟାରେଡର ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ଅଭିଭାଷଣରେ ଭାରତର ଯେଉଁ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀ ଙ୍କ ଅକ୍ଲାନ୍ତ ପରିଶ୍ରମ, କର୍ତ୍ତବ୍ୟ ନିଷ୍ଠା, ତ୍ୟାଗ ଓ ବଳିଦାନର ଫଳ ସ୍ୱରୂପ ଭାରତ ସ୍ୱାଧୀନତା ଲାଭ କଲା ସେମାନଙ୍କର ସ୍ମୃତି ଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**କେନ୍ଦ୍ରାପଡା:** କେନ୍ଦ୍ରାପଡା କୋର୍ଟ ଓ ପୁରୁଣା କୋର୍ଟ ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ଏହାକୁ ଆନୁଷ୍ଠନିକ ଭାବେ ଉଦ୍‌ଘାଟନ କରିଥିଲା ବେଳେ ଓକିଲ ସଂଘ ସଭାପତି ଧ୍ରୁବ ଚରଣ ଜେନା, କର୍ମକର୍ତ୍ତା ବ୍ରଜ ସୁନ୍ଦର ରାଉତ, ସୁବାଷ ଚନ୍ଦ୍ର ଭଦ୍ର, ଚୈତନ ଚରଣ ମଲ୍ଲିକଙ୍କ ସହ ସମସ୍ତ ବିଚାରପତି ଓ ଓକିଲ ସଂଘର ସଦସ୍ୟଙ୍କ ସମେତ ସମସ୍ତ ଆଇନ୍‌ଜୀବୀ ଉପସ୍ଥିତ ଥିଲେ। ସେହିପରି ଭାରତୀ ବିଦ୍ୟାମନ୍ଦିର, ମହମଦିଆ ସମ୍ପ୍ରଦାୟ, ଜିଲ୍ଲା ଯାଦବ ମହାସଭା ପକ୍ଷରୁ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଯାଇଛି।

**କଟକ:** ରାଜ୍ୟର ପ୍ରଗତିଶୀଳ ଆଇନ୍ ସହାୟତା ସଂଗଠନ ଲିଗାଲ ଏଡ୍ କାଉନ୍‌ସିଲ୍ ପକ୍ଷରୁ ୭୮ ତମ ସ୍ୱାଧୀନତା ଦିବସ କଟକ ଦେଉଳ ସାହିସ୍ଥ କେନ୍ଦ୍ରୀୟ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଜାତୀୟ ପତାକା ଉତ୍ତୋଳନ ସହିତ ଜାତୀୟ ସଂଗୀତ ବନ୍ଦେ ମାତରଂ ଗାନ ଓ ଜାତିସ୍ମର ଅମର ବିପ୍ଳବୀ ମାନଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ୍‌ରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା । ପ୍ରଥମେ ସଂଗଠନର ସଭାପତି ଆଡ୍‌ଭୋକେଟ୍ ଦୁଃଖିଶ୍ୟାମ ଦାସ ଜାତୀୟ ଝଣ୍ଡା ଉତ୍ତୋଳନ କରି କହିଲେ ଯେ ଅଗଷ୍ଟ ୧୫ ହେଉଛି ଏକ ସ୍ମରଣୀୟ ଜାତୀୟ ଗଣ ଦିବସ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲା ଉପରୁ ପ୍ରଥମ କରି ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଜାତୀୟ ପତାକା ଉତ୍ତୋଳନ ସହିତ ଭାରତୀୟ ଜନସମାଜକୁ ସମ୍ବୋଧିତ କରିଥିଲେ ।

**ସେମିଲିଗୁଡା:** କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ରାଜପୁଟ ପଞ୍ଚାୟତ ଠାରେ ୭୮ ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅସରରେ ରାଜପୁଟ ପଞ୍ଚାୟତର ସରପଞ୍ଚ ପିତାମ୍ବର କିରିସାନୀ ଯୋଗଦେଇ ପତକା ଉତ୍ତୋଳନ କରିଥିଲେ । ନିଜ ଅଭିଭାଷଣରେ ସ୍ୱାଧୀନ ସଂଗ୍ରାମୀଙ୍କ ଜୀବନ କାହାଣୀ ଉପରେ ମତ ରଖିଥିଲେ, ପଞ୍ଚାୟତର ଉନ୍ନତି ଏବଂ କର୍ମକ୍ଷେତ୍ରରେ ପଞ୍ଚାୟତବାସୀଙ୍କୁ ଆଗେଇବାକୁ ପ୍ରେରଣା ଦେଇଥିଲେ । ଆଜିକା ଦିନରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହଇଥିଲା ଏବଂ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ପିତାମ୍ବର କିରସାନି, ପଞ୍ଚାୟତ ନିର୍ବାହୀ ଆଧିକାରୀ ଲତା ପାତ୍ର, ଏଡିଇଓ ବନମାଳୀ ସାହୁ, ପେସା ସଂଯୋଜକ ରୁକ୍ମଣୀ ମୁଠାଇ, ପୂର୍ବତନ ସରପଞ୍ଚ ହରିହର ଖରା, ସମେତ ୧୩ଟି ୱାର୍ଡର ୱାର୍ଡ ମେମ୍ବେର, ସବୁ ଲାଇନ୍ ଡିପାର୍ଟମେଣ୍ଟ ରାଜପୁଟ ଆଶ୍ରମ ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

**ବରଗଡ:** ସ୍ଥାନୀୟ ଜର୍ଜ ହାଇସ୍କୁଲ୍ ପଡିଆ ଠାରେ ମହାସମାରୋହରେ ଜିଲ୍ଲା ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ଏବଂ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ପରେ ବରଗଡ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ, ପଦ୍ମ ପୁରସ୍କାର ପ୍ରାପ୍ତ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସମେତ ଶିକ୍ଷା, କ୍ରିଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରିବା ସହ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

**ବିଷମ କଟକ:** ୭୮ତମ ସ୍ୱାଧୀନତା ଦିବସ ଦେଶ ପାଳନ କରିଛି । ଏଥିପାଇଁ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଉତ୍ସାହ ଉଦ୍ଦୀପନା ଦେଖାଦେଇଛି । ଏହି କ୍ରମରେ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ବିଭିନ୍ନ ସ୍ଥାନରେ ବେଶ୍ ଧୁମ୍‌ଧାମ୍‌ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ବିଷମ କଟକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍ ପଡ଼ିଆରେ ପତାକା ଉତ୍ତୋଳନ ଓ ପରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ଯୋଗଦେଇଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୮ଟି ଦଳ ପରେଡରେ ଭାଗ ନେଇଥିବାବେଳେ ସ୍ଥାନୀୟ ତହସିଲଦାର କେ. ଭେଙ୍କଟେଶ୍ୱର ରେଡି ପତାକା ଉତ୍ତୋଳନ କରିଥିଲେ ।

**କଟକ:** ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ ) ପକ୍ଷରୁ ୭୮ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସିବନାମ ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମହାସଚିବ ଉତ୍କଳ ଭୂଷଣ ରାଉତରାୟ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମକୁ ସଂଚାଳନା କରଥିଲେ । ମୁଖ୍ୟ ଉପଦେଷ୍ଟା ଧରଣୀ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସ, ନକୁଳ ଚନ୍ଦ୍ର ମହାରଣା, ବିଜୟ କୁମାର ପାତ୍ର, ବିରଞ୍ଚି ନାରାୟଣ ମିଶ୍ର, ଗୌରହରି ବାରିକ, ପ୍ରତାପ କୁମାର ଜେନା, ବିଚିତ୍ରାନନ୍ଦ ପ୍ରଧାନ, ବିଜୟ କୁମାର ସ୍ୱାଇଁ, ସୌଭାଗ୍ୟ ଦାଶ, ବିଜୟ କାନୁନ୍‌ଗୋ, ମହେନ୍ଦ୍ର ମହାପାତ୍ର ଓ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**ରମ୍ଭା:** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଆର୍ ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆର୍ ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ଅଧ୍ୟକ୍ଷ ପଦ୍ମଚରଣ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଅଙ୍ଗନୱାଡି କେନ୍ଦ୍ରରେ ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ଏଥିରେ ଅତିଥି ଭାବେ ପରିଚାଳନା କମିଟିର ସଭାପତି ପଦ୍ମଚରଣ ବେହେରା, ଉପାଧ୍ୟକ୍ଷ ରୋହିତ ବେହେରା, ୱାର୍ଡ ମେମ୍ବର ମାଧବ ବେହେରା, ଅଙ୍ଗନୱାର୍ଡି କର୍ମୀ ଆରତୀ ପ୍ରଧାନ, ଗ୍ରାମ୍ୟ କମିଟି ସଭ୍ୟ ରବୀନ୍ଦ୍ର ବେହେରା, ପିଟିଏ ସଦସ୍ୟ ବିନାୟକ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

**ବାଲେଶ୍ୱର:** ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାରତବର୍ଷର ସ୍ୱାଧୀନତାର ୭୮ତମ ବର୍ଷ ପାଳନ କରିଛି । ଏହି ପରିପେକ୍ଷୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମାରୋହ ଆୟୋଜିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପରିସରରେ ନବନିର୍ମିତ ଶାନ୍ତିସ୍ତୂପ ଠାରେ କୁଳପତି ପ୍ରଫେସର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଗଣ ଓ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ ଏହି ଦିବସ ପାଳନ କରାଯାଇଛି । କୁଳପତିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସେହିପରି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଯାଇଛି ।

**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ସକାଳ ୯.୧୫ମି ସମୟରେ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ବଳିଦାନର କାହାଣୀ ମନେପକାଇ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହା ସହିତ ସୁବର୍ଣ୍ଣପୁରର ଇତିହାସ ଐତିହ୍ୟ ଓ ବୟନଶିଳ୍ପର ଭୂୟସୀ ପ୍ରଶଂସା କରିବା ସହ ଜିଲ୍ଲାର ତଥା, ରାଜ୍ୟ ତଥା ଦେଶର ପ୍ରଗତିରେ ଆକୁଣ୍ଠ ସହଯୋଗ ପାଇଁ ଆହ୍ୱାନ କରିଥିଲେ । ଷ୍ଟାଡିୟମ୍ ଠାରେ ପରେଡ୍ କମାଣ୍ଡର, ରିଜର୍ଭ ଇନ୍‌ସପେକ୍ଟର ସରୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପରେଡରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ୪ ଟି ପରେଡ ଦଳର ଅଭିବାଦନ ଗ୍ରହଣ କରିଥିଲେ । ସାହାରା ଟ୍ରଷ୍ଟ ହାଇସ୍କୁଲ୍, ଲିଟିଲ୍ ଫ୍ଲାୱାର ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍, ସେଣ୍ଟ ଆନି କନ୍‌ଭେଣ୍ଟ ସ୍କୁଲ୍, କୋଶଳ ବିଦ୍ୟାଳୟ ଏବଂ ଆଦର୍ଶ ସରକାରୀ ଉପ୍ରା ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ଚିତ୍ତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ହର ଘର ତ୍ରିରଙ୍ଗା ଅଭିଯାନ ଓ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲାର ଗର୍ବ ଓ ଗୌରବ ପଦ୍ମଶ୍ରୀ ଓ ଜାତୀୟ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ବ୍ୟକ୍ତି ବିଶେଷ ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ୟାମ ସୁନ୍ଦର ମେହେର, ଉତ୍ତମ କୁମାର ମେହେର ଓ ରସାନନ୍ଦ ମେହେରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

**ଆନନ୍ଦପୁର:** ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ବିଶିଷ୍ଟ ଯୁବ ସାହିତ୍ୟିକ ତଥା ପରିବେଶ ବିତ୍ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ଅଭିନବ ପ୍ରୟାସ 'ମୁଁ ଗଛ କହୁଛିନ୍ତ କାର୍ଯ୍ୟକ୍ରମ ୭୮ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଆନନ୍ଦପୁର ଷ୍ଟାଡିୟମ୍ ପଡ଼ିଆରେ ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଉପଖଣ୍ଡସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଗୋଟେ ଭିନ୍ନ ଅନ୍ଦାଜ୍‌ରେ ଶ୍ରୀ ସାହୁ ଲୋକ ଲୋଚନକୁ ଆସିଥିଲେ । ଆଗରୁ ଶ୍ରୀ ସାହୁ ଫକୀରପୁର ଗ୍ରାମରେ ଏକ ଖାଲ ଜାଗାକୁ ଏକୁଟିଆ ସଫା କରି ନିଜସ୍ୱ ପ୍ରଚେଷ୍ଟାରେ ୧୫୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ଫଳ, ଫୁଲ ଏବଂ କିଛି ଦୀର୍ଘସ୍ଥାୟୀ ଗଛ ଲଗାଇ ଏକ କ୍ଷୁଦ୍ର ବନ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ।

**ଭୁବନେଶ୍ୱର:** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଉତ୍ସାହର ସହ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଫେସର ଶିତିକଣ୍ଠ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୋଆର ଛାତ୍ରଛାତ୍ରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ସିକ୍ୟୁରିଟି ସୁରକ୍ଷା କର୍ମଚାରୀ ପରେଡ୍‌ରେ ସାମିଲ ହୋଇଥିବା ବେଳେ ପ୍ରଫେସର ମିଶ୍ର ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଦେଶକୁ ସ୍ୱାଧୀନ କରିବାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ସମ୍ପର୍କରେ ବଖାଣି ପ୍ରଫେସର ମିଶ୍ର ନିଜ ଅଭିଭାଷଣରେ ସ୍ୱାଧୀନତା ଦାୟିତ୍ୱବୋଧତାର ଅନ୍ୟ ଏକ ଦିଗ ବୋଲି ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର୍ସ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଅଧିନରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ୍, ଅନୁଷ୍ଠାନ, ରାଜନୈତିକ ଦଳ, କ୍ଲବ ପକ୍ଷରୁ ଦେଶର ୭୮ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ସ୍ୱାଧୀନତା ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଡ଼ିଓ ଦେବପ୍ରସାଦ ବଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ କ୍ରୀଡା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଓ ଶିକ୍ଷକ ଦେବରାଜ ମିଶ୍ର ମଞ୍ଚ ଓ ପ୍ୟାରେଡ୍ ପରିଚାଳନା କରିଥିଲେ ।

**ବୌଦ୍ଧ:** ଜିଲ୍ଲା ପ୍ରଶାସନ ତରଫରୁ ଷ୍ଟାଡିୟମ୍ ପଡିଆ ଠାରେ ଜିଲ୍ଲାସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାପୂର୍ବରୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ସହରର ବିଭିନ୍ନ ଛକରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲାପାଳ ଉଦ୍‌ବୋଧନ ଦେଇ ଜିଲ୍ଲାବାସୀଙ୍କୁ ପ୍ରଥମେ ୭୮ ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବାସହ ଦେଶପାଇଁ ବୀରତ୍ୱର ସହ ଲଢି ଆତ୍ମବଳିଦାନ ଦେଇଥିବା ବୀରପୁରୁଷମାନଙ୍କୁ ସ୍ମରଣ କରିଥିଲେ । ବୌଦ୍ଧ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟସବୁ ଆଗେଇନେବାରେ ଜନସାଧାରଣଙ୍କ ସହଯୋଗ କାମନା କରବାସହ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ମେଡିକାଲ ଖୁବ୍‌ଶୀଘ୍ର ଲୋକାର୍ପିତ ହେବ ଏବଂ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପର କାମ ଦ୍ରୁତ ଗତିରେ ଚାଲିଥିବାବେଳେ ସେହି ପ୍ରକଳ୍ପ ମଧ୍ୟ ଖୁବଶୀଘ୍ର ଉଦଘାଟନ ହେବ ବୋଲି କହିଥିଲେ । ବୌଦ୍ଧ ଜିଲ୍ଲା କୃଷିପ୍ରଧାନ ଜିଲ୍ଲା ହୋଇଥିବାକୁ ଚାଷୀଙ୍କୁ ଚାଷ କ୍ଷେତ୍ରରେ ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥିଙ୍କ ସହ ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ମଧ୍ୟ ଉପସ୍ଥିତ ରହି ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ୟାରେଡକୁ ପରିଚାଳନା କରିଥିଲେ ପୋଲିସ ଆରଆଇ କୁଳମଣି ଗିରି ଓ ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହାପରେ ଜିଲ୍ଲା ରକ୍ତଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳବଣ୍ଟନ, କୁଷ୍ଠାଶ୍ରମ ଅନ୍ତେବାସୀ, ଉପକାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ।

**ଭୁବନେଶ୍ୱର:** ଭୁବନେଶ୍ୱର ମହାନଗର ଏକ ନମ୍ବର ୱାର୍ଡ ସ୍ଥିତ ପ୍ରଶାନ୍ତି ବିହାର ଆବାସିକ ସଂଘ ପକ୍ଷରୁ ଭାରତର ୭୮ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ ସହିତ ଦେଶର ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ସ୍ତମ୍ଭ ଲେଖକ ଅବନୀ ଚନ୍ଦ୍ର ଦାସ, ଦେଶ ଓ ଜାତିର ସାମୁହିକ କଲ୍ୟାଣ କଳ୍ପେ ପ୍ରାଣବଳୀ ଦେଇଥିବା ଦିବଂଗତ ମୁକ୍ତି ଯୋଦ୍ଧାମାନଙ୍କ ସ୍ମୃତିଚାରଣ କରିବା ସହିତ ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ ।

**ଧାମନଗର:** ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଗ୍ରାମ ଓ ବଜାର ପରିକ୍ରମା କରିଥିବା ବେଳେ କେତେକ ସ୍ଥାନରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦୋବଲ ସ୍ଥିତ ବୈଦିକ ଯଜ୍ଞ ମଣ୍ଡପରେ ବରିଷ୍ଠ ସଦସ୍ୟ ଘନଶ୍ୟାମ ଥାଟୋଇ ପତାକା ଉତ୍ତୋଳନ କରିଥିବା ବେଳେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦରେ ଆଇନଜୀବୀ ଦେବାଶିଷ ସାମଲ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ରସାନନ୍ଦ ମହାପାତ୍ର, ଜ୍ଞାନରଞ୍ଜନ କର, ପ୍ରମୋଦ କୁମାର ନାୟକ, ପ୍ରଶାନ୍ତ କୁମାର ସାହୁ, ପ୍ରଦୀପ କୁମାର ଆନ୍ଦିଆ, ପ୍ରଭାତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଅଗଷ୍ଟ, ରବିବାର, ୨୦୨୪



# ଭାରତ ଫେରିଲେ ଭିନେଶ : ଫ୍ୟାନଙ୍କ ସମର୍ଥନ ଦେଖି କାନ୍ଦି ପକାଇଲେ



**ନୂଆଦିଲ୍ଲୀ**

ଦିଲ୍ଲୀ ବିମାନ ବନ୍ଦରରେ ପୂର୍ବତନ କୁସ୍ତି ଯୋଦ୍ଧା ଭିନେଶ ଫୋଗାଟଙ୍କୁ ହିରୋ ଭଳି ସ୍ୱାଗତ କରିଛନ୍ତି ଫ୍ୟାନ୍ସ।

ଦିଲ୍ଲୀ ବିମାନ ବନ୍ଦରରେ ପୂର୍ବତନ କୁସ୍ତି ଯୋଦ୍ଧା ଭିନେଶ ଫୋଗାଟଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା। ପ୍ୟାରିସ ଅଲିମ୍ପିକ୍ସ ପରେ ଭାରତ ଫେରିଛନ୍ତି ଫୋଗାଟ । ଦିଲ୍ଲୀ ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭିନେଶଙ୍କୁ ବିପୁଳ ସଂଖ୍ୟାରେ ସମର୍ଥକ ସ୍ୱାଗତ ଜଣାଇଛନ୍ତି।

ଜଣେ ଗୋଲ୍ଡ ମେଡାଲିଷ୍ଟଙ୍କୁ ଯେପରି ସ୍ୱାଗତ କରାଯାଏ, ଭିନେଶଙ୍କୁ ଠିକ ସେହିପରି ସ୍ୱାଗତ କରାଯାଇଛି। ଫ୍ୟାନଙ୍କ ଏ ଭଲ ପାଇବା ଏବଂ ସମର୍ଥନ ଦେଖି ଭାବୁକ ହୋଇ ପଡିଛନ୍ତି ଭିନେଶ। ସେ ଏହି ସମୟରେ କାନ୍ଦି ପକାଇଥିବା ଦେଖିବାକୁ ମିଳିଛି।

ମୁଁ ସମସ୍ତ ଦେଶବାସୀଙ୍କୁ ଧନ୍ୟବାଦ ଜଣାଉଛି, ମୁଁ ଖୁବ ଭାଗ୍ୟବାନ ବୋଲି ଭିନେଶ ଫୋଗାଟ କହିଛନ୍ତି । ବିମାନବନ୍ଦରରେ ଭିନେଶଙ୍କୁ ସ୍ୱାଗତ ଜଣାଇବା ପାଇଁ ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଏବଂ ତାଙ୍କ ପରିବାର ବର୍ଗ ମଧ ଉପସ୍ଥିତ ଥିଲେ।

ପ୍ୟାରିସ ଅଲିମ୍ପିକ୍ସ ରେସଲିଂର ୫୦ କେଜି ବର୍ଗରେ ଭାଗ ନେଇଥିଲେ ଭିନେଶ ଫୋଗାଟ। ସମସ୍ତ ପ୍ରାରମ୍ଭିକ ମ୍ୟାଚରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ। ଫଳରେ ରେସଲିଂରୁ ଭାରତକୁ ରୌପ୍ୟ ନଚେତ ସ୍ୱର୍ଣ୍ଣ ମିଳିବା ନେଇ ଭିନେଶଙ୍କ ସମେତ ଦେଶବାସୀ ଆଶାବାଦୀ ରହିଥିଲେ। ମାତ୍ର ଫାଇନାଲ ମ୍ୟାଚ ଦିନ ସବୁ କିଛି ବଦଳି ଯାଇଥିଲା। ୫୦ କେଜି ଓଜନରୁ ଭିନେଶ ୧୦୦ ଗ୍ରାମ ଅଧିକ ଥିବାରୁ ତାଙ୍କୁ ପ୍ୟାରିସ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ କରାଯାଇଥିଲା।

ଏ ଖବର ସମସ୍ତଙ୍କୁ ବିସ୍ମିତ କରିଥିଲା । କିଛି ଘଣ୍ଟା ପରେ ଭିନେଶ ରେସଲିଂରୁ ଅବସର ଘୋଷଣା କରିଥିଲେ। ଏସବୁ ସତ୍ତ୍ୱେ ଭିନେଶ ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ ଅଯୋଗ୍ୟ ନିଷ୍ପତ୍ତି ବିରୋଧରେ କୋର୍ଟ ଅଫ ଆର୍ବିଟ୍ରେସନ ଫର ସ୍ପୋର୍ଟରେ ଆବେଦନ କରି ଯୁଗ୍ମ ରୌପ୍ୟ ପଦକ ପାଇଁ ଦାବି କରିଥିଲେ।

କିନ୍ତୁ କୋର୍ଟ ଭିନେଶଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଏହାପରେ ଭାରତ ଫେରିଛନ୍ତି ଭିନେଶ। ସେ ପ୍ୟାରିସ ଅଲିମ୍ପିକ୍ସରେ କୌଣସି ପଦକ ଜିତି ନଥିଲେ ମଧ ଜଣେ ବିଜେତା ଯେପରି ସ୍ୱାଗତର ହକଦାର ତାଙ୍କୁ ଠିକ ସେହିପରି ବିମାନବନ୍ଦରରେ ସ୍ୱାଗତ କରାଯାଇଛି, ଯେଉଁଥି ପାଇଁ ଭାବବିହ୍ୱଳ ହୋଇ ପଡ଼ିଛନ୍ତି ଭିନେଶ।

# ଚାମ୍ପିୟନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆ ଯିବନି ପାକିସ୍ତାନ : ଜୟ ଶାହା



**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଆୟୋଜିତ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଯିବାକୁ ଟିମ୍ ଇଣ୍ଡିଆର କୌଣସି ମନୋବଳ ନାହିଁ। ଏ ପର୍ଯ୍ୟନ୍ତ ଅନେକ ପ୍ରକାରର ଖବର ବାହାରକୁ ଆସିଛି। କିନ୍ତୁ ବର୍ତ୍ତମାନ ବିସିସିଆଇ ସଚିବ ଜୟ ଶାହା ଏହାର ପ୍ରତିକ୍ରିୟା ରଖିଛନ୍ତି। ଟିମ୍ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଯିବ କି ନାହିଁ ଜୟ ଶାହା କହିଛନ୍ତି । ଯଦି ଟିମ ଇଣ୍ଡିଆ ପାକିସ୍ତାନ ଯାଏ ନାହିଁ, ତେବେ ହାଇବ୍ରିଡ୍ ମଡେଲ ଅଧୀନରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇପାରେ। ବିସିସିଆଇ ସଚିବ ଜୟ ଶାହା ନିକଟରେ ଚାମ୍ପିୟନ୍ସ ଟ୍ରଫି ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଖବର ଅନୁଯାୟୀ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା କୌଣସି ଷ୍ଟାଣ୍ଡ ନିଆଯାଇ ନାହିଁ। କିନ୍ତୁ ଏହା ଆସିବା ପରେ ନିଷ୍ପତ୍ତି ନିଆଯିବ ଟିମ୍ ଇଣ୍ଡିଆ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବାର ସମ୍ଭାବନା କମ୍। ଭାରତୀୟ ଦଳ ଏସିଆ କପ ପାଇଁ ପାକିସ୍ତାନ ମଧ ଯାଇ ନ ଥିଲା। ସେ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲେ। ଗତଥର ହାଇବ୍ରିଡ୍ ମଡେଲ ଅଧୀନରେ ଏସିଆ କପ୍ ଆୟୋଜିତ ହୋଇଥିଲା ।

# ବାବର-ବିରାଟଙ୍କ ମଧ୍ୟରୁ ବିଶ୍ୱ କ୍ରିକେଟର କିଙ୍ଗ କିଏ ?

**ନୂଆଦିଲ୍ଲୀ**

ବର୍ତ୍ତମାନର କ୍ରିକେଟରେ ବିରାଟ କୋହଲିଙ୍କୁ କିଙ୍ଗ ବୋଲି କୁହାଯାଉଛି। ସମସ୍ତେ ବିରାଟଙ୍କୁ ବିଶ୍ୱ କ୍ରିକେଟର ରାଜା ବୋଲି କହୁଛନ୍ତି। ଏହା ସତ୍ତ୍ୱେ ବି କିଛି ଲୋକମାନେ କୋହଲି ଏବଂ ବାବର ଆଜାମଙ୍କ ମଧ୍ୟରେ କିଏ କିଙ୍ଗ୍? ଏନେଇ ଅନେକ ସମୟରେ ବିତର୍କ କରିଥାନ୍ତି । ଏହି ବିତର୍କ ଉପରେ ଅନେକ ବରିଷ୍ଠ କ୍ରିକେଟର ଅତୀତରେ ନିଜର ମତ ଦେଇଛନ୍ତି। ବର୍ତ୍ତମାନ ବିଶ୍ୱ କ୍ରିକେଟର ପ୍ରକୃତ କିଙ୍ଗ କିଏ ବୋଲି ପାକିସ୍ତାନର ପୂର୍ବତନ ଅଧିନାୟକ ତଥା ବୋଲର ସିମ ଅକ୍ରମ ଏକ ବଡ଼ ବିବୃତି ଦେଇଛନ୍ତି।

ମୀର ମିଡିଆ ପ୍ରଡକ୍ସନକୁ ଦେଇଥିବା ଏକ ସାକ୍ଷାତକାରରେ ଯେତେବେଳେ ସିମଙ୍କୁ ବିଶ୍ୱ କ୍ରିକେଟର କିଙ୍ଗ କିଏ ବୋଲି ପଚରାଯାଇଥିଲା, ପୂର୍ବତନ ଅଧିନାୟକ ସିମ କହିଥିଲେ, ଦେଖ, କୋହଲି ହେଉଛନ୍ତି କିଙ୍ଗ। ଏଥିରେ କୌଣସି ସନ୍ଦେହ ନାହିଁ । ବାବରଙ୍କ ବିଷୟରେ କହିବାକୁ ଗଲେ ତାଙ୍କୁ ଆହୁରି ଅନେକ କିଛି କରିବାକୁ ହେବ। କୋହଲିଙ୍କ ଲିଗରେ ଯୋଗଦେବା ପାଇଁ ବାବରଙ୍କୁ କ୍ରମାଗତ ଭାବରେ ଭଲ ଖେଳିବାକୁ ପଡିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାବରଙ୍କୁ ବଡ଼ ଦଳ ବିପକ୍ଷରେ ରନ ସ୍କୋର କରିବାକୁ ପଡ଼ିବ। ଆମକୁ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ଦଳ ବିପକ୍ଷରେ ବଡ଼ ସିରିଜ ଖେଳିବାକୁ ପଡ଼ିବ। ୫-୫ଟି ମ୍ୟାଚର ଟେଷ୍ଟ ସିରିଜ ଖେଳିବାକୁ ପଡିବ। କେବଳ ସେତେବେଳେ ଯାଇ ବାବର ନିଜକୁ ବିଶ୍ୱ କ୍ରିକେଟର ଶୀର୍ଷକୁ ନେଇପାରିବ। ଆମେ ଛୋଟ ଦଳ ବିପକ୍ଷରେ ବହୁତ ଖେଳୁଛୁ, ତେଣୁ ଏହା ସମ୍ଭବ ନୁହେଁ ।

# ଭାରତ ସହ ସିରିଜ ପରେ ଶ୍ରୀଲଙ୍କାର ଏହି ଖେଳାଳିଙ୍କ ଉପରେ ଲାଗିଲା ବ୍ୟାନ

**ନୂଆଦିଲ୍ଲୀ**

ଶ୍ରୀଲଙ୍କା ପ୍ରିମିୟର ଲିଗ ୨୦୨୪ ସମୟରେ ଡୋପିଂ ନିୟମ ଉଲ୍ଲଂଘନ କରିଥିବାରୁ ଶ୍ରୀଲଙ୍କା କ୍ରିକେଟ ଦଳର ୱିକେଟ କିପର ବ୍ୟାଟ୍ସମ୍ୟାନ ନିରୋଶନ ଡିକଲୋଙ୍କୁ ନିଲମ୍ବିତ କରାଯାଇଛି । ଗାଲ ମାର୍ଭେଲ୍ସର ଅଧିନାୟକ ଥିବା ଡିକଲୋ ପ୍ରତିଯୋଗିତାର ନିୟମ ବିରୁଦ୍ଧରେ ଏମିତି କିଛି ଔଷଧ ବ୍ୟବହାର କରି ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ତୁରନ୍ତ ପ୍ରଭାବ ସହିତ ଡିକଲୋଙ୍କୁ ସମସ୍ତ ପ୍ରକାର କ୍ରିକେଟ ଫର୍ମାଟରୁ ନିଲମ୍ବିତ କରାଯାଇଛି ବୋଲି ଶ୍ରୀଲଙ୍କା କ୍ରିକେଟ ନିଶ୍ଚିତ କରିଛି । ଏହି ପରୀକ୍ଷା ଶ୍ରୀଲଙ୍କା ଆଣ୍ଟି-ଡୋପିଂ ଏଜେନ୍ସି ଦ୍ୱାରା ଆଇପିଏଲ ୨୦୨୪ ସମୟରେ କରାଯାଇଥିଲା । ଶ୍ରୀଲଙ୍କା କ୍ରିକେଟ ଏହାର ଅଫିସିଆଲ ବିବୃତ୍ତିରେ କହିଛି ଯେ କ୍ରୀଡା ମନ୍ତ୍ରଣାଳୟ ଏବଂ ଶ୍ରୀଲଙ୍କା କ୍ରିକେଟ ସହଯୋଗରେ ବିଶ୍ୱ ଆଣ୍ଟି ଡୋପିଂ ଏଜେନ୍ସିର ନିର୍ଦ୍ଦେଶନାମା ଅନୁଯାୟୀ ଏହି ଡୋପିଂ ପରୀକ୍ଷା କରାଯାଇଛି।



ଶ୍ରୀଲଙ୍କା କ୍ରିକେଟ ଏହାର ବିବୃତ୍ତିରେ କହିଛି ଡୋପିଂ ଉଲ୍ଲଂଘନରୁ ଖେଳକୁ ସୁରକ୍ଷିତ ରଖିବା ପାଇଁ ଆମେ ଶ୍ରୀଲଙ୍କା ଆଣ୍ଟି-ଡୋପିଂ ଏଜେନ୍ସି ଏବଂ କ୍ରୀଡା ମନ୍ତ୍ରଣାଳୟର ସହଯୋଗରେ ଘରୋଇ ଟୁର୍ଣ୍ଣାମେଣ୍ଟରେ ଏହି ପରୀକ୍ଷାଗୁଡ଼ିକୁ କରିଥାଉ। ୩୧ ବର୍ଷୀୟ ନିରୋଶନ ଡିକଲୋ, ଶେଷ ଥର ପାଇଁ ମାର୍ଚ୍ଚ ୨୦୨୩ରେ ଜାତୀୟ ଦଳ ପାଇଁ ଖେଳିଥିଲେ। ସେ ଚଳିତ ବର୍ଷ ପ୍ରାରମ୍ଭରେ ବାଂଲାଦେଶ ବିପକ୍ଷରେ ଶ୍ରୀଲଙ୍କାର ଟି -୨୦ ସିରିଜ ପାଇଁ ମନୋନୀତ ହୋଇଥିଲେ ମଧ ଗୋଟିଏ ବି ମ୍ୟାଚ ଖେଳି ନଥିଲେ। ନିରୋଶନ ଡିକଲୋ ଶ୍ରୀଲଙ୍କା ପାଇଁ ସମସ୍ତ ଫର୍ମାଟରେ ୱିକେଟକିପିଙ୍ଗ କରିଛନ୍ତି ସେ ଟେଷ୍ଟ କ୍ରିକେଟରେ ୨୭୫୭ ରନ୍, ଦିନିକିଆରେ ୧୬୦୪ ରନ ଏବଂ ଆନ୍ତର୍ଜାତୀୟ ଟି -୨୦ରେ ୪୮୦ ରନ କରିଥିଲେ।

# ଲୁସାନେ ଡାଇମଣ୍ଡ ଲିଗରେ ଭାଗନେବେ ନୀରଜ ଚୋପ୍ରା



**ନୂଆଦିଲ୍ଲୀ**

ପ୍ୟାରିସ ଅଲିମ୍ପିକ୍ସରେ ୮୯.୪୫ ମିଟର ଥ୍ରୋ ସହ ରୌପ୍ୟ ପଦକ ଜିତିଥିବା ଭାରତର ତାରକା ଜାଭେଲିନ ଥ୍ରୋ ଆଥଲେଟ ନୀରଜ ଚୋପ୍ରାଙ୍କୁ ଖୁବ ଶୀଘ୍ର ପୁଣି ଥରେ ଆକ୍ସନରେ ଦେଖିବାକୁ ମିଳିବ। ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିବା ପରେ ଆଘାତ ଜନିତ କାରଣରୁ ସମ୍ପୂର୍ଣ୍ଣ ଫର୍ମରେ ନଥିବା ବୟାନ ଦେଇଥିବା ନୀରଜ ଏବେ ଅଗଷ୍ଟ ୨୨ରେ ହେବାକୁ ଥିବା ଲୁସାନେ ଡାଇମଣ୍ଡ ଲିଗ ରେ ଭାଗ ନେବେ।

ପ୍ୟାରିସ ଅଲିମ୍ପିକ୍ସ ସମୟରେ ନୀରଜ ଚୋପ୍ରା ତାଙ୍କ ବୟାନରେ କହିଥିଲେ ଯେ ସେ ବେଲଜିୟମର ବ୍ରସେଲ୍ସରେ ହେବାକୁ ଥିବା ଡାଇମଣ୍ଡ ଲିଗର ଫାଇନାଲରେ ଖେଳିବାକୁ ଚାହୁଁଛନ୍ତି । ବର୍ତ୍ତମାନ ସ୍ୱିଜରଲାଣ୍ଡରେ ଥିବା ନୀରଜ ତାଙ୍କ ବୟାନରେ ଏଏନଆଇକୁ କହିଛନ୍ତି ଯେ ସେ ଅଗଷ୍ଟ ୨୨ରେ ଲୁସାନେରେ ହେବାକୁ ଥିବା ଡାଇମଣ୍ଡ ଲିଗର ଫାଇନାଲରେ ଭାଗ ନେବେ । ନୀରଜଙ୍କୁ ଲୌସାନେରେ ଫାଇନାଲ ମ୍ୟାଚ ଖେଳିବାକୁ ପଡ଼ିବ କିମ୍ବା ସେପ୍ଟେମ୍ବର ୫ରେ ଜୁରିକ୍‌ରେ ହେବାକୁ ଥିବା ଡାଇମଣ୍ଡ ଲିଗ ପର୍ଯ୍ୟାୟରେ ଭାଗ ନେବାକୁ ପଡ଼ିବ। ଏଭଳି ପରିସ୍ଥିତିରେ ନୀରଜ ଏବେ ଲୌସାନେରେ ଭାଗ ନେବାକୁ ନିଷ୍ପତ୍ତି ନେଇଛନ୍ତି।

# ଆଗାମୀ ଆଇପିଏଲରେ ବି ଖେଳିପାରନ୍ତି କ୍ୟାପ୍ଟେନ୍ କୁଲ୍

## ଅନକ୍ୟାପଡ ପ୍ଲେୟାର ଭାବେ ସ୍ଥାନ ଦେଇପାରେ ସିଏସ୍‌କେ

**ନୂଆଦିଲ୍ଲୀ**



୨୦୨୫ ଆଇପିଏଲ୍ ସିଜିନ ପୂର୍ବରୁ ମହେନ୍ଦ୍ର ସିଂହ ଧୋନିଙ୍କୁ ନେଇ ସାମ୍ନାକୁ ଆସିଛି ବଡ଼ ଅପଡେଟ୍। ଆଗାମୀ ଆଇପିଏଲରେ ମଧ ଦେଖିବାକୁ ମିଳିପାରେ ଧୋନିଙ୍କ ହେଲିକପ୍ଟର ସଟ୍ । ୨୦୨୫ ଆଇପିଏଲରେ ଧୋନିଙ୍କୁ ଅନକ୍ୟାପଡ ପ୍ଲେୟାର ଭାବେ ଖେଳାଇପାରେ ଚେନ୍ନାଇ ସୁପର କିଙ୍ଗ୍ସ ତେବେ ଆଗାମୀ ଆଇପିଏଲରେ ଧୋନି ଖେଳିବେ ନା ନାହିଁ । ସେ ନେଇ ଧୋନି କିମ୍ବା ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ ।

ଚେନ୍ନାଇ ସୁପର କିଙ୍ଗ୍ସ ଧୋନିଙ୍କୁ ଖେଳାଇବାକୁ ଚାହୁଁଥିବା ବେଳେ ସେ କିନ୍ତୁ ଅଧିକ ଅଙ୍କନରେ କୌଣସି ଯୁବ ଖେଳାଳିଙ୍କ ସ୍ଥାନ ନେବାକୁ ଚାହୁଁ ନଥିବା ଖବର ସାମ୍ନାକୁ ଆସିଛି। ଧୋନିଙ୍କୁ ୪୩ ବର୍ଷ ବୟସ ହୋଇଥିବା ବେଳେ ସେ ଆଇପିଏଲରେ ଅଧିକ ଟଙ୍କାରେ ଦଳରେ ରହିବାକୁ ଚାହୁଁ ନାହାନ୍ତି । ଏଭଳି ସ୍ଥିତିରେ ଧୋନିଙ୍କୁ ଅନକ୍ୟାପଡ ପ୍ଲେୟାର ଭାବେ ସ୍ଥାନ ଦେଇପାରେ। ଚେନ୍ନାଇ ଆଇପିଏଲରେ ପୂର୍ବରୁ ଥିବା ଏକ ନିୟମ ଅନୁସାରେ କୌଣସି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେବାର ୫ ବର୍ଷ ପରେ ଅନକ୍ୟାପଡ ଶ୍ରେଣୀରେ ରହି ଆଇପିଏଲ୍ ଖେଳିପାରିବେ । ୨୦୨୧ ମସିହା ପର୍ଯ୍ୟନ୍ତ ଏହି ନିୟମ ଆଇପିଏଲରେ ରହିଥିଲା । ହେଲେ ପରେ ଏହାକୁ ହଟେଇ ଦିଆଯାଇଥିଲା । କିନ୍ତୁ ବର୍ତ୍ତମାନ ସିଏସକେର ଅନୁରୋଧ ପରେ, ପୁଣିଥରେ ଏହି ନିୟମକୁ ଲାଗୁ କରିପାରେ ବିସିସିଆଇ।

ତେବେ ଅନକ୍ୟାପଡ ଖେଳାଳିଙ୍କ ପାଇଁ ଦଳକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ି ନଥାଏ। ଜଣେ ଅନକ୍ୟାପଡ ଖେଳାଳିଙ୍କୁ ମାତ୍ର ୪ କୋଟି ଟଙ୍କାରେ ଦଳରେ ରହିବେ। ତେଣୁ ୨୦୨୫ ଆଇପିଏଲରେ ମଧ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳିପାରନ୍ତି ମହେନ୍ଦ୍ର ସିଂହ ଧୋନି। ପୂର୍ବରୁ ସିଏସକେ ୨୦୨୨ରେ ଧୋନିଙ୍କୁ ୧୨ କୋଟି ଟଙ୍କାରେ ଦଳରେ ରଖିଥିଲା । ଏଥର କିନ୍ତୁ ଦଳ ତାଙ୍କୁ ମାତ୍ର ୪ କୋଟି ଟଙ୍କାରେ ରଖିପାରିବ । ତେଣୁ ୨୦୨୫ ଆଇପିଲଏଲରେ ମଧ ଧୋନିଙ୍କ ହେଲିକପ୍ଟର ସଟ୍ ଦେବାକୁ ମିଳିବ ବୋଲି ଆଶା ରଖିଛନ୍ତି କ୍ରିକେଟ୍‌ପ୍ରେମୀ।

# ଭିନେଶଙ୍କ ମାମଲାରେ ନୂଆ ଟ୍ୱିଷ୍ଟ : ଏବେ ଓଜନ ମାପିବା ନିୟମରେ ହେବ ବଡ଼ ପରିବର୍ତ୍ତନ !

**ନୂଆଦିଲ୍ଲୀ**

୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ସମାପ୍ତ ହୋଇଛି। ଏଥର ମୋଟ୍ ୮୪ଟି ଦେଶ ଏହି ମହାକୁମ୍ଭ କ୍ରୀଡ଼ାରେ ପଦକ ଜିତିଛନ୍ତି। ଆମେରିକା ୧୨୬ ପଦକ ସହିତ ଟେବୁଲର ଶୀର୍ଷରେ ଅଛି। ୬ଟି ପଦକ ସହ ଭାରତ ୭୧ତମ ସ୍ଥାନରେ ରହିଛି। ଭାରତ ସାତୋଟି ପଦକ ଜିତି ପାରିଥାନ୍ତା, ଫାଇନାଲ ପୂର୍ବରୁ ୧୦୦ ଗ୍ରାମ୍ ଓଜନ ହେତୁ ଷ୍ଟାର ରେସଲର ଭିନେଶ ଫୋଗଟ ଅଯୋଗ୍ୟ ଘୋଷଣା ହୋଇଥିଲେ। ବର୍ତ୍ତମାନ ଖବର ହେଉଛି ଯେ ଭିନେଶ ମାମଲା ପରେ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲୁଡବ୍ଲୁ)କୁସ୍ତିମାନଙ୍କ ଓଜନ ମାପିବା ନିୟମ ପରିବର୍ତ୍ତନ କରିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ କୁସ୍ତିମାନଙ୍କ ଓଜନ ମାପିବା ନିୟମରେ ପରିବର୍ତ୍ତନ ହୋଇପାରେ। ତଥାପି, ନିୟମରେ କେଉଁ ପରିବର୍ତ୍ତନ କରାଯିବ ଏବଂ ନୂତନ ନିୟମ କିପରି କାର୍ଯ୍ୟ କରିବ ତାହା ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। କହିରଖିଛୁ ଯେ, ନିୟମର ପରିବର୍ତ୍ତନ ହେତୁ ଭିନେଶ ଫୋଗଟଙ୍କୁ ଫାଇଦା ମିଳିବ ନାହିଁ। କାରଣ ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟରୁ ନୂତନ ନିୟମ ପ୍ରଯୁଜ୍ୟ ହେବ।

# ଭିନେଶ ଫୋଗାଟଙ୍କୁ ମିଳିବନି ରୌପ୍ୟ ପଦକ : ଆବେଦନ ଖାରଜ

**ନୂଆଦିଲ୍ଲୀ**

ମଉଳି ଯାଇଛି ଭିନେଶ ଫୋଗାଟଙ୍କ ସ୍ୱପ୍ନ। ଶେଷ ଆଶା ମଧ ବ୍ୟର୍ଥ ଯାଇଛି। ରୌପ୍ୟ ପଦକ ଦାବିରେ କୋର୍ଟ ଅଫ ଆରବିଟ୍ରେସନ ଫର ସ୍ପୋର୍ଟସ୍ (ସିଏଏସ୍)ରେ ଭିନେଶଙ୍କ ଆବେଦନ ଖାରଜ ହୋଇଯାଇଛି। ଭିନେଶଙ୍କ ଆବେଦନର ବିଚାର ପୂର୍ବରୁ ହୋଇସାରିଥିବା ବେଳେ କେବଳ ଶୁଣାଣି ବାକି ରହିଛି, କିନ୍ତୁ ରାୟ ଶୁଣାଣିର ତାରିଖ ବାରମ୍ବାର ଘୁଞ୍ଚି ଚାଲିଛି।



ହେଲେ ୧୪ ଅଗଷ୍ଟ ବୁଧବାର ଏହି ମାମଲାରେ ରାୟ ଆସିଛି। ସିଏଏସ୍ ଭିନେଶଙ୍କ ଅପିଲକୁ ଖାରଜ କରିଦେଇଛି। ଏହାର ଅର୍ଥ ହେଉଛି ତାଙ୍କୁ ଆଉ ରୌପ୍ୟ ପଦକ ମିଳିବ ନାହିଁ। ଏହି ମାମଲାରେ ପୂର୍ବରୁ ୧୩ ତାରିଖରେ ରାୟ ଆସିବାର ଥିଲା। କିନ୍ତୁ ଖବର ଆସିଥିଲା ଯେ ରାୟ ଶୁଣାଣି ୧୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ହେଲେ ଏହି ମାମଲାର ରାୟ ଏହା ପୂର୍ବରୁ ଏବେ ଆସି ସାରିଛି। ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ)ର ସଭାପତି ପି.ଟି ଉଷା ମଧ ଏହି ପ୍ରସଙ୍ଗରେ ନିରାଶ ପ୍ରକାଶ କରିଛନ୍ତି। ସେ ଏହା ମଧ କହିଛନ୍ତି ଯେ ଏହି ନିଷ୍ପତ୍ତି ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।

ପ୍ୟାରିସ୍ ଅଲିମ୍ପିକ୍ସ ସମୟରେ ଭିନେଶ ୬ ଅଗଷ୍ଟରେ କ୍ରମାଗତ ୩ ମ୍ୟାଚ ଖେଳିବା ପରେ ୫୦ କିଲୋଗ୍ରାମ ଫ୍ରିଷ୍ଟାଇଲ ରେସଲିଂରେ ପ୍ରବେଶ କରି ରୌପ୍ୟ ପଦକ ନିଶ୍ଚିତ କରିଥିଲେ। ସ୍ୱର୍ଣ୍ଣ ପଦକ ମ୍ୟାଚ ୭ ଅଗଷ୍ଟ ରାତିରେ ଅନୁଷ୍ଠିତ ହେବାକୁ ଥିଲା, କିନ୍ତୁ ମ୍ୟାଚ୍ ପୂର୍ବରୁ ତାଙ୍କ ଓଜନ ୧୦୦ ଗ୍ରାମ ଅଧିକ ଥିବାରୁ ସେହିଦିନ ସକାଳେ ଭିନେଶଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା।

ଏହା ପରେ ଭିନେଶ ସିଏଏସରେ ଏକ ମାମଲା ଦାୟର କରିଥିଲେ। ତାଙ୍କର ପ୍ରଥମ ଦାବି ଥିଲା ଯେ ତାଙ୍କୁ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ଖେଳିବାକୁ ଅନୁମତି ଦିଆଯାଉ। କିନ୍ତୁ ନିୟମ ଦର୍ଶାଇ ତାଙ୍କ ଦାବି ତୁରନ୍ତ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହା ପରେ ବିନେଶ ଆବେଦନ କରି କହିଥିଲେ ଯେ ତାଙ୍କୁ ଏହି ଇଭେଣ୍ଟରେ ରୌପ୍ୟ ପଦକ ଦିଆଯାଉ ବର୍ତ୍ତମାନ ଏହି ଆବେଦନ ମଧ କରାଯାଇଛି।

# ଆଇପିଏଲ ନିଲାମ ପୂର୍ବରୁ ଅଡୁଆରେ ପ୍ରୀତିଙ୍କ ଦଳ

## ସେୟାରକୁ ନେଇ ମାଲିକମାନଙ୍କ ମଧ୍ୟରେ ଲାଗିଲା ଝଗଡା

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ ପଞ୍ଜାବ କିଙ୍ଗ୍ସରେ ଏକ ନୂଆ ବିବାଦ ସୃଷ୍ଟି ହୋଇଛି । କେପିଏଚ ଡ୍ରିମ କ୍ରିକେଟ ପ୍ରାଇଭେଟ ଲିମିଟେଡର ସହ-ମାଲିକ ଅଭିନେତ୍ରୀ ପ୍ରୀତି ଜିଣ୍ଟା କମ୍ପାନୀର ସହ-ମାଲିକ ମୋହିତ ବର୍ମନଙ୍କ ବିରୋଧରେ ଚଣ୍ଡିଗଡ଼ ଜିଲ୍ଲା କୋର୍ଟରେ ଆବେଦନ କରିଛନ୍ତି । ଏହି ଆବେଦନରେ ପ୍ରୀତି ମୋହିତ ବର୍ମନଙ୍କ ୧୧.୫ ପ୍ରତିଶତ ସେୟାର ଅନ୍ୟ କାହାକୁ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି। ଏହି ଆବେଦନ ଅଗଷ୍ଟ ୨୦ରେ ଶୁଣାଣି ହେବ । ଆବେଦନ ଅନୁଯାୟୀ, ମୋହିତ ବର୍ମନ କେପିଏଚ ଡ୍ରିମ କ୍ରିକେଟ ପ୍ରାଇଭେଟ ଲିମିଟେଡ କମ୍ପାନୀର ୪୮ ପ୍ରତିଶତ ଅଂଶଧନ ଥିବାବେଳେ ପ୍ରୀତି ଜିଣ୍ଟା ଏବଂ ନେସ ୱାଡିଆଙ୍କ ପାଖରେ ୨୩-୨୩ ପ୍ରତିଶତ ଅଂଶଧନ ରହିଛି ।

ଅବଶିଷ୍ଟ ଅଂଶଧନ ଚତୁର୍ଥ ଅଂଶୀଦାର କରଣ ପାଲଙ୍କ ପାଖରେ ଅଛି। ଆଇପିଏଲରେ ପଞ୍ଜାବ କିଙ୍ଗସ ଏହି କମ୍ପାନୀର ଦଳ ଆବେଦନ ଅନୁଯାୟୀ ପ୍ରୀତି ଜିଣ୍ଟା କହିଛନ୍ତି ଯେ ମୋହିତ ବର୍ମନ ତାଙ୍କର ୧୧.୫ ପ୍ରତିଶତ ଅଂଶଧନକୁ ଅନ୍ୟ କୌଣସି ଦଳକୁ ବିକ୍ରୟ କରିବାକୁ ଧମକ ଦେଉଛନ୍ତି, ତେଣୁ ବର୍ମନଙ୍କୁ ଏହି ସେୟାର ବିକ୍ରୟ ବନ୍ଦ କରିବାକୁ ସେ ଦାବି କରିଛନ୍ତି । ଯେଉଁଥିରେ କୋର୍ଟ ବର୍ମନଙ୍କୁ ଜବାବ ଦେବାକୁ ନୋଟିସ ଜାରି କରିଛନ୍ତି। ପ୍ରୀତି ଆର୍ବିଟ୍ରେସନ ଆଣ୍ଡ କନ୍ସିଲିସନ ଆକ୍ଟ-୧୯୯୬ ଅଧୀନରେ ଏକ ପିଟିସନ ଦାଖଲ କରିଛନ୍ତି । ଯେଉଁଥିରେ କୁହାଯାଇଛି ଯେ ଅନ୍ୟ ଅଂଶୀଦାରମାନେ ସେହି ଅଂଶଧନ କିଣିବାକୁ ମନା କଲେ ହିଁ କୌଣସି ଅଂଶୀଦାର ଗୋଷ୍ଠୀ ବାହାରେ ନିଜର ଅଂଶ ବିକ୍ରି କରିପାରିବେ । ଏହି ମାମଲାରେ ଏପର୍ଯ୍ୟନ୍ତ ଘଟିନାହିଁ ।




ଅବଶିଷ୍ଟ ଅଂଶୀଦାରମାନେ ବର୍ମନଙ୍କ ଏହି ଅଂଶଧନ କିଣିବାକୁ ମନା କରି ନାହାଁନ୍ତି । ତେବେ ବର୍ମନ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଅଂଶ ବିକ୍ରୟ କରିବାକୁ ମନା କରି ଦେଇଛନ୍ତି । ଏନେଇ ପଞ୍ଜାବ କିଙ୍ଗ୍ସ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ବିବୃତ୍ତି ଦେଇନାହିଁ।

# ଗୁଣିଆ ସନ୍ଦେହରେ ମାଡ଼ ମାରିବା ସହ ଏକ ପରିବାରକୁ ଗାଁରୁ ବାସନ୍ଦ କଲେ ଗ୍ରାମବାସୀ

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ କମଳାପୁର ଗ୍ରାମର ମୋହନ ଚରଣ ମଲ୍ଲିକଙ୍କୁ ଗୁଣିଆ ସନ୍ଦେହରେ କିଛି ଗ୍ରାମବାସୀ ମାଡ଼ ମାରିବା ସହ ନାନା ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ଗ୍ରାମବାସୀ ଫତୱା ଜାରି କରିଛନ୍ତି। ଜରିମାନା ଦେଇ ନ ପାରିବାରୁ ତାଙ୍କ ପରିବାର ଲୋକଙ୍କୁ ଗ୍ରାମରୁ ତଡ଼ି ଦିଆଯାଇଥିବା ଭଳି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଗତ କିଛିଦିନ ବ୍ୟବଧାନରେ ଜଣେ ପରେ ଜଣେ ଏକାଧିକ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବାରୁ ଏସବୁ ମୃତ୍ୟୁ ପଛରେ ଗୁଣି ଗାରେଡ଼ି ଓ ତନ୍ତ୍ରମନ୍ତ୍ରର ପ୍ରଭାବ ବୋଲି ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ଏନେଇ ଗ୍ରାମସଭା କରାଯାଇ କିଛି ଗ୍ରାମବାସୀ ମୋହନଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବା କାରଣରୁ ତାଙ୍କ ସ୍ୱାମୀ ଜୀବନ ବିକଳରେ କେଉଁ ଆଡ଼େ ଫେରାର ହୋଇଯାଇଥିବା ନେଇ ସ୍ତ୍ରୀ ସୁଶୀଳା ବୁଧବାର ତାଙ୍କ ସମ୍ପର୍କୀୟଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଘଟଣାର ତଦନ୍ତ ଚାଲିଥିବା ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

30 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଅଗଷ୍ଟ ୨୦୨୪ ରବିବାର





## ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ପେଟ ରୋଗ ପାଇଁ ଅତ୍ୟାଧୁନିକ ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲ୍‌ଷ୍ଟୋନ୍ ଅତିକ୍ରମ କରିଛି । ବିଭିନ୍ନ ପ୍ରକାର ପେଟ ରୋଗ ଏବଂ ପ୍ରାଥମିକ ସ୍ତରରେ ପେଟ ଭିତରେ ହେଉଥିବା ବିଭିନ୍ନ ପ୍ରକାର କ୍ୟାନସର ଚିହ୍ନଟ ଏବଂ ଏହାର ସଫଳ ଚିକିତ୍ସା ପାଇଁ ଏଠାରେ ଉପଲବ୍ଧ ହୋଇଛି ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ମେସିନ୍ ଏବଂ ଏଣ୍ଡୋସ୍କୋପିକ୍ ଅଲଟ୍ରାସାଉଣ୍ଡ ମେସିନ୍ । ଏହା ସହିତ ଯେଉଁ ବ୍ୟକ୍ତିଙ୍କ ଖାଦ୍ୟ ଗିଳିବାରେ ଅସୁବିଧା ସୃଷ୍ଟି କରେ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟ ଖାଦ୍ୟନଳୀ, ପେଟ ଏବଂ କୋଲୋନିକ୍ କର୍କଟ ପାଇଁ ଏଣ୍ଡୋସ୍କୋପିକ୍ ସବ୍‌ମ୍ୟୁକୋସାଲ ଡିସେକ୍ସନ ଏବଂ ଆଚାଲାସିଆ କାର୍ଡିଆ ସଫଳ ଚିକିତ୍ସା ପାଇଁ ପେରୋରାଲ ଏଣ୍ଡୋସ୍କୋପିକ୍ ମାୟୋଟୋମି ପ୍ରଚଳନ କରିଛି ।



ଏହି ସବୁ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସାହାଯ୍ୟରେ ବର୍ତ୍ତମାନ ମଣିପାଲ ହସ୍ପିଟାଲରେ ବର୍ତ୍ତମାନ ପ୍ରାଥମିକ ଷ୍ଟେଜ୍‌ରେ ଗ୍ୟାଷ୍ଟ୍ରିକ୍ କ୍ୟାନସର, ପାକସ୍ଥଳୀ କ୍ୟାନସର, କଲୋନ୍ କ୍ୟାନସର ସମେତ ବିଭିନ୍ନ ପ୍ରକାର ପେଟ ରୋଗର ନିରୁପଣ ଓ ସଫଳ ଚିକିତ୍ସା ସୁଲଭ ମୂଲ୍ୟରେ କରାଯାଇ ପାରିବ । ସାଧାରଣତଃ ଏହି ସବୁ ରୋଗର ଚିକିତ୍ସା ପାଇଁ ଅନେକ ରୋଗୀ ରାଜ୍ୟ ବାହାରକୁ ଯାଇଁ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ଅଧିକ ସମୟ ମଧ୍ୟ ଅତିବାହିତ କରୁଥିଲେ । ହେଲେ ବର୍ତ୍ତମାନ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଠାରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା , କମ୍ ଖର୍ଚ୍ଚରେ ଏହି ସବୁ ଚିକିତ୍ସା ଉପଲବ୍ଧ ହେବ ।

ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ବେହେରାଙ୍କ ମତରେ, ହେଉଛି ଏକ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ମେସିନ୍ ଯାହା ପ୍ରାଥମିକ ଷ୍ଟେଜ୍‌ରେ ରୋଗକୁ ଚିହ୍ନଟ କରିବାରେ ସାହାର୍ଯ୍ୟ କରିଥାଏ । ଯାହା ଫଳରେ ଅନେକ ରୋଗୀ ସଫଳତାର ସହିତ ଚିକିତ୍ସା ହୋଇ ଏକ ସୁସ୍ଥ ଓ ନିରୋଗ ଜୀବନ ଅତିବାହିତ କରୁଛନ୍ତି ।

ସେହିଭଳି ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡାକ୍ତର ଜ୍ଞାନ ରନ ରାଉତ ଏଣ୍ଡୋସ୍କୋପିକ୍ ଅଲଟ୍ରାସାଉଣ୍ଡ ମେସିନ୍ ଅଗ୍ନାଶୟ ଜନିତ ରୋଗ ପାଇଁ ଟିସୁ ନମୁନା ସଂଗ୍ରହ କରିବା କିମ୍ବା ପିତନଳୀ ଜନିତ ସମସ୍ୟାର ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ବହୁତ୍ ମାତ୍ରାରେ ସହାୟକ ହେବ ବୋଲି ସୂଚନା ଦେଇଛନ୍ତି ।

ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି । ସମୟ ସହିତ ଉନ୍ନତି ହୋଇଛି ଚିକିତ୍ସା ବିଜ୍ଞାନ । ଓଡ଼ିଶା ବାସୀଙ୍କୁ ସୁଲଭ ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅତ୍ୟାଧୁନିକ ଚିକିତ୍ସା ଦେବା ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ । ଏହି ଅତ୍ୟାଧୁନିକ ଏଣ୍ଡୋସ୍କୋପି ପ୍ରଣାଳୀର ଚିକିତ୍ସା ନିଶ୍ଚିତ ଭାବରେ ରୋଗୀଙ୍କୁ ପ୍ରଥମିକ ସ୍ତରରେ ଗ୍ୟାଷ୍ଟ୍ରିକ୍ କ୍ୟାନସର ସମେତ ଅନ୍ୟାନ୍ୟ ପେଟ ରୋଗର ସଫଳ ଚିକିତ୍ସାରେ ସହାୟକ ହେବ । ଆଗାମୀ ଦିନରେ ମଣିପାଲ ଭୁବନେଶ୍ୱରର ଅନ୍ୟାନ୍ୟ ବିଭାଗକୁ ଅପଗ୍ରେଡ୍ କରି ଏହାକୁ କେବଳ ଓଡ଼ିଶାରେ ନୁହେଁ ପୂର୍ବ ଭାରତର ଏକ ଅଗ୍ରଣୀ ହସ୍ପିଟାଲ୍ ଭାବରେ ପରିଚୟ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି ।

## ଅଗଷ୍ଟ ୨୫ରେ ବିଜେଡିର ବିଧାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଧାନସଭାରେ ବିଧାୟକମାନଙ୍କ ପାଇଁ ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମକୁ ଆମେ ବର୍ଜନ କରିଛୁ ବୋଲି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ ଦେବ ସାମ୍ବାଦିକଙ୍କ ସହ ବାର୍ତ୍ତାଳାପ କରି ସୂଚନା ଦେଇଛନ୍ତି । ବିଜେଡିର ବିଧାୟକମାନଙ୍କ ପାଇଁ ୨୫ ଅଗଷ୍ଟ ଦିନ ଶଙ୍ଖ ଭବନ ଠାରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ଶ୍ରୀ ଦେବ କହିଥିଲେ, ବିଜୁ ଜନତା ଦଳ କେବେ କୌଣସି ବ୍ୟକ୍ତି ବିଶେଷଙ୍କୁ ବିରୋଧ କରେନାହିଁ । ଗୃହର ନେତା ହେଉଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଧାନସଭାର ଅଧ୍ୟକ୍ଷ ହେଉଛନ୍ତି ବାଚସ୍ପତି,



ତେଣୁ ଏହି ଦୁଇ ଜଣ ଯଥାକ୍ରମେ ଉଦ୍‌ଘାଟନ ଓ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥି ରହିବା କଥା । ଗୃହର ପରମ୍ପରା ନୀତି ନିୟମ ବଦଳିବା କଥା ନୁହେଁ । ଆମେ ବିରୋଧ କରିବା ପରେ ଏହି କାର୍ଯ୍ୟକ୍ରମ ଅତିଥି ତାଲିକା ପରିବର୍ତ୍ତନ ହେଲା, କିନ୍ତୁ ଏବେ ବି କେନ୍ଦ୍ରମନ୍ତ୍ରୀ ମୁଖ୍ୟ ଅତିଥି ହୋଇଛନ୍ତି । ଏହା ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ପଦ ପ୍ରତି ଅବମାନନା । ବିଜେଡିର ପ୍ରଶିକ୍ଷଣ ଶିବିର ଉପରେ ସୂଚନା ଦେଇ ଶ୍ରୀ ଦେବ କହିଥିଲେ, ଅଗଷ୍ଟ ୨୫ ତାରିଖ ରବିବାର ସକାଳ ୧୦ ଟାରେ ବିଜେଡି ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଶଙ୍ଖ ଭବନ ଠାରେ ଅନୁଷ୍ଠିତ ହେବ । ଏଥିରେ ଉଦ୍‌ଘାଟନ ଓ ଉଦ୍‌ଯାପନ କାର୍ଯ୍ୟକ୍ରମ ବ୍ୟତୀତ ବିଭିନ୍ନ ପ୍ରସଙ୍ଗ ଉପରେ ସମୁଦାୟ ଆଠଟି ସେସନ ଅନୁଷ୍ଠିତ ହେବ । ଏଥିରେ ବରିଷ୍ଠ ଓ ଅଭିଜ୍ଞ ବିଧାୟକମାନେ ନୂଆ ସଦସ୍ୟମାନଙ୍କୁ ବିଧାନସଭାର କାର୍ଯ୍ୟଶୈଳୀ ବାବଦରେ ପ୍ରଶିକ୍ଷଣ ଦେବେ ବୋଲି ଶ୍ରୀ ଦେବ କହିଛନ୍ତି ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଦେଶର ୭୮ତମ ସ୍ୱାଧୀନତା ଦିବସକୁ ଝାରସୁଗୁଡ଼ାସ୍ଥିତ କାର୍ଯ୍ୟକ୍ଷେତ୍ରରେ ଏକ ଦେଶାତ୍ମବୋଧକ ସମାରୋହ ସହ ଗୌରବର ସହ ପାଳନ କରାଯାଇଛି । ବେଦାନ୍ତ ଆଲୁମିନିୟମର ସିଓଓ ତଥା ବେଦାନ୍ତ ଝାରସୁଗୁଡ଼ାର ସିଇଓ ସୁନୀଲ ଗୁପ୍ତା ଜାତୀୟ ପତାକା ଉତୋଳନ କରିବା ସହ ଭାରତର ସ୍ୱାଧୀନତା ସଂଗ୍ରାମୀ ଓ ସଶସ୍ତ୍ର ବାହିନୀକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ କମ୍ପାନିର 'କାର୍ଯ୍ୟ କରିବାର ସ୍ୱାଧୀନତା' ପାଳନକୁ ଆଗେଇ ନେଇ ଶ୍ରୀ ଗୁପ୍ତା ବଞ୍ଜାରୀଠାରେ ଏକ ନୂତନ ଡ୍ରାଇଭର ମ୍ୟାନେଜମେଣ୍ଟ ସଂଟରକୁ ଉଦଘାଟନ କରିଛନ୍ତି ଯେଉଁଥିରେ ଶୌଚାଳୟ, କ୍ୟାଟିନ୍, ବିଶ୍ରାମ କକ୍ଷ, ପ୍ରଶିକ୍ଷଣ କେନ୍ଦ୍ର ଏବଂ ପାନୀୟ ଜଳ ଭଳି ଅତ୍ୟାଧୁନିକ ସୁବିଧା ରହିଛି । ଏହା ଦୈନିକ ପ୍ରାୟ ୪୦୦ ବାଣିଜ୍ୟିକ ଯାନ ଚାଳକଙ୍କ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ, ଏହି ନୂତନ ସୁବିଧା ଡ୍ରାଇଭରମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନର ପ୍ରତିନିଧିତ୍ୱ କରୁଛି । କଂପାନିର ଲଜିଷ୍ଟିକ୍ସ ଏବଂ ପରିଚାଳନାକୁ ସକ୍ଷମ କରିବାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛି । ଡ୍ରାଇଭର ମ୍ୟାନେଜମେଣ୍ଟ ସଂଟରରରେ ଅତ୍ୟାଧୁନିକ ଏବଂ ସୁରକ୍ଷିତ ଶୌଚାଳୟ ରହିଛି ଯାହା ଦ୍ୱାରା ଡ୍ରାଇଭରମାନେ ବିଶାଳ କ୍ୟାଣ୍ଟିନ ସହିତ ସ୍ୱଚ୍ଛ ଏବଂ ପରିମଳ ସୁବିଧା ପାଇପାରିବେ ।

## ନବୀନ ନିବାସରେ 'ଦମନ' ଟିମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମେଲେରିଆ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଜାତୀୟ ପୁରସ୍କାର ଲାଭ କରିଥିବା ଦମନ ଫିଲ୍ମର କଳାକାର ତଥା ନିର୍ଦ୍ଦେଶକ ଶନିବାର ନବୀନ ନିବାସଠାରେ ବିରୋଧି ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ଆଶୀର୍ବାଦ କାମନା କରିଥିଲେ । ଦମନ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବରେ ଜାତୀୟ ପୁରସ୍କାର ଲାଭ କରିଥିବାରୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଗାମୀ ଦିନରେ ସାମାଜିକ ସଚେତନତା ଉପରେ ଆଧାରିତ ଅଧିକରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଦମନ ଚଳଚ୍ଚିତ୍ରର ମୁଖ୍ୟ କଳାକାର ବାବୁସାନଙ୍କ ସମେତ ନିର୍ଦ୍ଦେଶକ ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କା ପ୍ରମୁଖ ବିରୋଧି ଦଳ ନେତାଙ୍କୁ ସାକ୍ଷାତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାୟକଙ୍କ ୨ଦିନିଆ...

ଓ ବିଧାୟିକାମାନଙ୍କୁ ଜଣେ ଜଣେ ସୁଦକ୍ଷ ସଦସ୍ୟଭାବେ ଗଢି ତୋଳିବାରେ ସହାୟକ ହେବ । ଶେଷରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ଭାଗ ନେଇଥିବା ସଦସ୍ୟ ସଦସ୍ୟାମାନଙ୍କୁ ଧନ୍ୟବାଦ ଦେବା ସହ, କାର୍ଯ୍ୟକ୍ରମର ସଫଳତା କାମନା କରୁଛି । ମୁଖ୍ୟମନ୍ତ୍ରୀ କହିଥିଲେ ଅଗଷ୍ଟ ୧୭ ଓ ୧୮ ତାରିଖରେ ୨ ଦିନ ଧରି ବିଧାନସଭା ତରଫରୁ ଓଡିଶା ବିଧାନସଭାର ନବ ନିର୍ବାଚିତ ବିଧାୟକ ଓ ବିଧାୟିକାମାନଙ୍କ ନିମନ୍ତେ "ଜ୍ଞାନସଂସ୍କାର କାର୍ଯ୍ୟକ୍ରମ" ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ପ୍ରତି ବିଧାନସଭା ଗଠନ ପରେ ପରେ ବିଧାୟକ ଓ ବିଧାୟିକାମାନଙ୍କ ପାଇଁ ବିଧାନସଭା ତରଫରୁ ଆୟୋଜନ କରାଯାଉଥିବା "ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମ", ଗଣତନ୍ତ୍ର ପାଇଁ ଶୁଭଙ୍କର । ୨୪ ବର୍ଷ ତଳେ ସେ ବିଧାନସଭାକୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇ ଆସିବାବେଳେ, ଏପରି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ସଂସଦୀୟ ପରମ୍ପରାର ବିଧି ବ୍ୟବସ୍ଥା ବିଷୟରେ ଜ୍ଞାନ ଆହରଣ କରିଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହିପରି କାର୍ଯ୍ୟକ୍ରମରେ ତାଙ୍କୁ ଅତିଥି ଭାବେ ଆସିବାକୁ ପଡିଥିଲା ଏବଂ ସେ ବିଧାୟକ ଓ ବିଧାୟିକାମାନଙ୍କ ପ୍ରଶିକ୍ଷଣରେ ନିଜର ଅନୁଭୂତିକୁ ସେମାନଙ୍କ ସହ ବାଣ୍ଟିବାର ସୁଯୋଗ ପାଇଥିଲେ । ତେଣୁ ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମ ତାଙ୍କୁ ବହୁତ ଆନନ୍ଦିତ କରିଛିବୋଲି ଶ୍ରୀ ମାଝୀ କହିବା ସହ ଏହି କାର୍ଯ୍ୟକ୍ରମର ଆଲୋଚନା ସମସ୍ତ ବିଧାୟକ ଓ ବିଧାୟିକାମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ସେ କହିଥିଲେ ଆମ ସାମ୍ବିଧାନିକ ବ୍ୟବସ୍ଥାରେ ବାସ୍ତବ କ୍ଷମତାର ଅଧିକାରୀ ହେଉଛନ୍ତି ଆମ ଜନସାଧାରଣ । ଗଣତାନ୍ତ୍ରିକ ଶାସନ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ହିଁ ଆମ ଦେଶକୁ ଉନ୍ନତି ପଥରେ ଅଗ୍ରସର କରାଇ ଚାଲିଛି । ଯାହାଫଳରେ ବିଶ୍ୱ ଦରବାରରେ ଆମ ଦେଶର ଓ ରାଜ୍ୟ ଗୁଡିକର ସମ୍ମାନ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ଓଡିଆ ଅସ୍ମିତା ଓ ପରମ୍ପରାକୁ ନେଇ ଆମ ଓଡିଶାକୁ ବିକଶିତ ଭାରତବର୍ଷର ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି । ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁଯାୟୀ ସଂଖ୍ୟାଧିକ ମତକୁ ନେଇ ପ୍ରତିନିଧି ସଭା ଗଠନ କରାଯାଇ ସଂସଦୀୟ ଗଣତନ୍ତ୍ର ବ୍ୟବସ୍ଥାକୁ ସଫଳ କରିବା ପାଇଁ ସମସ୍ତେ ଚେଷ୍ଟା କରି ଚାଲିଛନ୍ତି । ଏହି କ୍ଷେତ୍ରରେ ନିର୍ବାଚିତ ବିଧାୟକ, ବିଧାୟିକା ଓ ସାଂସଦ ମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ସମ୍ବିଧାନର ବ୍ୟବସ୍ଥା ଭିତରେ ବାନ୍ଧିହୋଇ ପ୍ରଦତ୍ତ କ୍ଷମତାର ସଦୁପୋଯୋଗ କରି ମତଦାତା ମାନଙ୍କର ଆଶା ଓ ଭରସାକୁ ନିଷ୍ପାପର ଭାବେ କର୍ମକରି ସେବା ମାଧ୍ୟମରେ ପୂରଣ କରିବା ପାଇଁ ଚେଷ୍ଟାକରି ସେମାନଙ୍କର ମାନ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା । କାରଣ ଜନସାଧାରଣଙ୍କ ମତରେ "ଜଣେ ଲୋକ ପ୍ରତିନିଧି ଉପଯୁକ୍ତ ସ୍ଥାନରେ ରହି ଦେଶ ଓ ରାଜ୍ୟର ସେବାରେ ବ୍ରତୀ ହେବାପାଇଁ ସୁଯୋଗ ପାଉ ଏବଂ ଶାସନ ପରିଚାଳନା ଲୋକାଭିମୁଖୀ ହେଉ" । ଏ ସମ୍ପର୍କରେ ସମ୍ବିଧାନ ସଭାର ସଭାପତି ଭାବେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ପ୍ରଥମ ରାଷ୍ଟ୍ରପତି ଡଃ. ପଣ୍ଡିତ ରାଜେନ୍ଦ୍ର ପ୍ରସାଦଙ୍କ ଉକ୍ତି ଅତ୍ୟନ୍ତ ଶିକ୍ଷଣୀୟ ଓ ପ୍ରଣିଧାନ ଯୋଗ୍ୟ । ତାଙ୍କ ମତରେ "ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ସବୁବେଳେ ଯୋଗ୍ୟ ବ୍ୟକ୍ତି ଓ ସମାଜ ସେବାରେ ବ୍ରତୀ ରହୁଥିବା ଲୋକ ପ୍ରତିନିଧି ନିର୍ବାଚିତ ହୋଇ ଆସିବା ଦରକାର" । ଏହାର ସଫଳ ରୂପାୟନ ପାଇଁ ଆମ ଦେଶର ବିଧାନସଭା, ବିଧାନ ପରିଷଦ ଗୁଡିକ ଏବଂ ଭାରତର ସର୍ବୋଚ୍ଚ ଲୋକ ପ୍ରତିନିଧି ମୂଳକ ସଂସ୍ଥା, ଲୋକସଭା ଓ ରାଜ୍ୟସଭା ସବୁବେଳେ ଗଣତନ୍ତ୍ରରେ ବିଶ୍ୱାସ ରଖି ସଫଳତାର ସହ କାର୍ଯ୍ୟକରି ଆସୁଅଛି । ଏହି ପରିପ୍ରେକ୍ଷୀରେ ସରକାର ଚଳାଉଥିବା ଅଧିକାଂଶ ନେତା ମାନେ ଆମରି ଭିତରୁ ବଛା, ବଛା କର୍ମପ୍ରବଣ ନିଃସ୍ୱାର୍ଥପର ବିଧାୟକ, ମନ୍ତ୍ରୀ, ପାରଙ୍ଗମ ଓ ଦାୟିତ୍ୱବାନ ବ୍ୟକ୍ତି ତଥା ବିଭିନ୍ନ ବିଭାଗର ଅଧିକାରୀ ମାନେ ଠିକ୍ ଭାବେ କାର୍ଯ୍ୟକରି ଆମ ରାଜ୍ୟକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ । ଏଥିରେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ଅପରିହାର୍ଯ୍ୟ । ଆମ ପରମ୍ପରାରେ ପରିବାର ପାଇଁ ବ୍ୟକ୍ତି, ଗାଁ ପାଇଁ ପରିବାର, ରାଜ୍ୟ ପାଇଁ ଗାଁ, ଦେଶ ପାଇଁ ଓ ରାଜ୍ୟର କଲ୍ୟାଣ ପାଇଁ ସଂକୀର୍ଣ୍ଣ ସ୍ୱାର୍ଥକୁ ତ୍ୟାଗ କରି ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନୀତି ଆଦର୍ଶର ସ୍ଥାପନା ପାଇଁ ଲୋକ ପ୍ରତିନିଧି ମାନେ ସାଧାରଣତଃ ରାଷ୍ଟ୍ର ଧର୍ମ ପାଳନ କରିବା ସହିତ, ମାନବିକତାକୁ ସର୍ବୋଚ୍ଚ ସ୍ଥାନ ଦେବାର ସଠିକ୍ ସମୟ ଆସିଛି । ବିଶ୍ୱଭ୍ରାତୃତ୍ୱଭାବ ଓ ଜଗତକଲ୍ୟାଣ ସାଧନ କରିବା କ୍ଷେତ୍ରରେ ଆମ ଦେଶ ପୃଥିବୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ ଯାଉଛି, ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି କର୍ମଶାଳାର ଆଲୋଚନା ବିଧାୟକ ଓ ବିଧାୟିକା ମାନଙ୍କୁ ବିଧାନସଭାରେ ରହି ବିଧାନସଭାର କାର୍ଯ୍ୟଧାରା ଓ ପରିଚାଳନା ଅନୁସାରେ ଗୃହର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜଣେ ଶୃଙ୍ଖଳିତ ସଦସ୍ୟ ବା ସଦସ୍ୟା ହୋଇ ବିଧାୟକ ନିୟମର ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

### ଖୁବଶୀଘ୍ର ଶ୍ରୀମନ୍ଦିରରେ...

ଶନିବାର ଶ୍ରୀ ଖୁରାନିଆ ଶ୍ରୀ ମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଶ୍ରୀମନ୍ଦିରରୁ ବାହାରିବା ପରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏକଥା କହିଛନ୍ତି । ଶ୍ରୀ ଖୁରାନିଆ ଶନିବାର ଶ୍ରୀ ମନ୍ଦିର ଆସି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ, ଲକ୍ଷ୍ମୀ ମନ୍ଦିର, ବଟ ଗଣେଶ, ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଥିଲେ । ପୋଲିସ ଡ଼ିଜିଙ୍କ ସହ ତାଙ୍କ ଧର୍ମ ପତ୍ନୀ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଦର୍ଶନ କରିସାରିବା ପରେ ପୁରୀ ପୋଲିସ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ ପ୍ରଦାନ କରାଯାଇଥିଲା ।

### ଡାକ୍ତରଙ୍କ ଦେଶବ୍ୟାପୀ...

ବ୍ୟାପିବାରେ ଲାଗିଛି । ଟ୍ରେନି ଡ୍ରାକ୍ତରଙ୍କ ବିରୋଧରେ ହୋଇଥିବା ଭୟଙ୍କର ନିର୍ଯାତନା ପ୍ରତିବାଦରେ ଶନିବାର ଇଣ୍ଡିଆନ ମେଡିକାଲ ଆସୋସିଏସନ ପକ୍ଷରୁ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯାଇଛି । ଏଥିଯୋଗୁ ରୋଗୀ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ହସ୍ପିଟାଲରେ ନିଜର ସୁରକ୍ଷା ପାଇଁ ଡାକ୍ତରମାନେ ବିକ୍ଷୋଭ କରିଛନ୍ତି । ଦିନକୁ ଦିନ ଡାକ୍ତର ଓ ହସ୍ପିଟାଲରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ଆକ୍ରମଣ ହେଉଥିବାରୁ ଏହାକୁ ନେଇ ଫୋର୍ଡା, ଆଇଏମଏ ଓ ରେସିଡେଣ୍ଟ ଡାକ୍ତର ଚିନ୍ତା ପ୍ରକଟ କରିଛନ୍ତି । ବିଭିନ୍ନ ସଂସ୍ଥା ଚିନ୍ତା ପ୍ରକଟ କରିବାରୁ ଶନିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କମିଟି ଗଠନର ପ୍ରତିଶ୍ରୁତି ଦେଇଛି । ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ପ୍ରସ୍ତାବ ଦେବା ପାଇଁ ଗୋଟିଏ କମିଟି ଗଠନ କରାଯିବ । ଏହି କମିଟି ସୁରକ୍ଷା ନେଇ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇ ପାରିବ, ତାର ପ୍ରସ୍ତାବ ଦେବ । ରାଜ୍ୟ ସରକାରଙ୍କ ସମେତ ସବୁ ଅଂଶୀଦାରମାନେ ସୁରକ୍ଷାକୁ ନେଇ କମିଟି ଆଗରେ ନିଜ ନିଜର ପ୍ରସ୍ତାବ ଉପସ୍ଥାପନ କରିପାରିବେ । ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ସବୁ ବେଳେ ପ୍ରତିଶ୍ରୁତି ବଦ୍ଧ ବୋଲି ମନ୍ତ୍ରଣାଳୟ କହିଛି । ଏଥିସହ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଡାକ୍ତର ଓ ମେଡିକାଲ କର୍ମଚାରୀମାନେ ନିଜ ଡ୍ୟୁଟିରେ ଯୋଗ ଦିଅନ୍ତୁ । ଏବେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗ ବଢୁଥିବାରୁ ମନ୍ତ୍ରଣାଳୟ ସମସ୍ତଙ୍କୁ ରୋଗୀ ସେବା ଆରମ୍ଭ କରିବାକୁ ଅନୁରୋଧ କରିଛି । ସୁରକ୍ଷା ଦାବି ନେଇ ଚାଲିଥିବା ବିକ୍ଷୋଭ ଓ ପ୍ରତିବାଦ ମଧ୍ୟରେ ଦେଶର ସମସ୍ତ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ପାଇଁ ଶୁକ୍ରବାର ମଧ୍ୟ କେନ୍ଦ୍ର ସରକାର ଗୋଟିଏ ନିର୍ଦ୍ଦେଶନାମା ଜାରି କରିଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଯଦି କେଉଁଠାରେ ଡାକ୍ତରଙ୍କ ବିରୋଧରେ ହିଂସା ହେଉଛି ତେବେ ଆଗାମୀ ୬ ଘଣ୍ଟା ମଧ୍ୟରେ ଏଫଆଇଆର ରୁଜୁ ହେବ । ମେଡିକାଲ ପ୍ରତିଷ୍ଠାନର ମୁଖ୍ୟ ଏହି ଅଭିଯୋଗ ଦାଖଲ କରିପାରିବେ । ସୁରକ୍ଷା ଦାବିରେ ଶନିବାର ସକାଳ ୬ଟାରୁ ଆରମ୍ଭ ହୋଇଥିବା ଡାକ୍ତରଙ୍କ ଆନ୍ଦୋଳନ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ଚାଲିବ । ଏହି ଧର୍ମଘଟରେ ପ୍ରଫେସର, ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି । ଏମର୍ଜେନ୍ସି ସେବା ଛାଡ଼ି ଓପିଡି, ଓଟି ଓ ଲ୍ୟାବ ସେବାକୁ ବନ୍ଦ କରାଯାଇଛି ।

### ଗହ୍ମାପୂର୍ଣ୍ଣିମାରେ...

ଦୁଇଟି ପୂର୍ଣ୍ଣିମା ପଡ଼ିଲେ ୨ୟ ଟିକୁ କିମ୍ବା ଗୋଟିଏ ଋତୁରେ ଚାରିଟି ପୂର୍ଣ୍ଣିମା ପଡ଼ିଲେ ଏବଂ ତୃତୀୟ ପୂର୍ଣ୍ଣିମାକୁ ନୀଳ ଚନ୍ଦ୍ର କୁହାଯାଏ । ତେବେ ନୀଳ ଜହ୍ନର ଅର୍ଥ ଜହ୍ନ ନେଳିଆ ଦେଖାଯିବା ନୁହେଁ । ଆହୁରି ମଧ୍ୟ ଏହାର ସେପରି କୌଣସି ଧାର୍ମିକ ମହତ୍ତ୍□ ନାହିଁ । ନାସା ଅନୁଯାୟୀ, ଶେଷ ବ୍ଲୁ ମୁନ ୨୦୨୩ ଅଗଷ୍ଟ ୩୦ରେ ଦେଖିବାକୁ ମିଳିଥିଲା । ପ୍ରାୟ ପ୍ରତି ଦୁଇରୁ ତିନି ବର୍ଷରେ ଏକ ନୀଳ ଚନ୍ଦ୍ର ଦେଖାଯାଏ । ପରବର୍ତ୍ତୀ ଋତୁକାଳୀନ ବ୍ଲୁ ମୁନ ମେ ୩୧, ୨୦୨୬ରେ ଦେଖାଯିବ ।

### ବଜ୍ରାଘାତ: ଚାଷୀ...

ଓଡ଼ିଶା ଗ୍ରାମର କପିଳ ବେହେରାଙ୍କ ପୁଅ ହରିହର ବେହେରା ବିଲକୁ ଚାଷ କାମ କରିବାକୁ ଯାଇଥିଲେ । ବଜ୍ରପାତ ଫଳରେ ସେ ବିଲରେ ଟଳି ପଡ଼ିଥିଲେ । ତାଙ୍କୁ ସମାଜସେବୀ ରୁପୁନ ଷଣ୍ଢ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସାଂସଦ ରୁଦ୍ର ନାରାୟଣ ପାଣି ଡାକ୍ତରଖାନାରେ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି । ଚାଷୀ ଜଣକ ନିଜ ଅଣ୍ଟାରେ ମୋବାଇଲ ଖୋସିଥିଲେ । ମୋବାଇଲଟି ଖଣ୍ଡ–ବିଖଣ୍ଡିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଆଗରଗଡ଼ା ଥାନା ସାହୁପଡ଼ାରେ ମଧ୍ୟ ଶନିବାର ଅପରାହ୍ଣରେ ବଜ୍ରପାତ ହୋଇଛି । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେହିପରି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଧରୁଡ଼ିଆମ୍ବରେ ବଜ୍ରପାତରେ ଜଣେ ନାବାଳକଙ୍କର ମୃତ୍ୟୁ ହୋଇଥିବା ବେଳେ ତେଲକୋଇ ବ୍ଲକ କାଳିଆହାତୀ ଗାଁରେ ୩ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

### ପଶ୍ଚିମ ଓଡ଼ିଶା...

ହେଲେ ସବୁଠାରୁ ଅଧିକ ଚର୍ଚ୍ଚା ଅସିତ ତ୍ରିପାଠୀଙ୍କୁ ନେଇ ଚାଲିଥିଲା । ସୂଚନାଯୋଗ୍ୟ, ଶ୍ରୀ ତ୍ରିପାଠୀ ରାଜ୍ୟ ମୁଖ୍ୟ ସଚିବ ଭାବେ ୨୦୨୦ ଡିସେମ୍ବର ୩୧ ତାରିଖରେ ଅବସର ନେବା ପୂର୍ବରୁ ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରେ ବିଜେଡି ସରକାର ନିଯୁକ୍ତି ଦେଇଥିଲେ ।

## ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସ୍ୱାଧୀନତା ଦିବସ ପାଳନ

**କଟକ, ନ୍ୟୁଜ ବ୍ୟୁରୋ**

ସଂସଦ ପକ୍ଷରୁ ୭୮ତମ ସ୍ୱତନ୍ତ୍ରତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଥମ ଶିକ୍ଷାବର୍ଷ ୧୯୬୨ର ଛାତ୍ର ତଥା ବିଶିଷ୍ଟ ସଂଗୀତ ଶିଳ୍ପୀ ପ୍ରାଧାପକ ରାଜ କିଶୋର ଦାସ ଜାତୀୟ ପତାକା ଉତ୍ତୋଳନ କରିବା ସଂଗେ ସଂଗେ ଉପସ୍ଥିତ ପୁରାତନ ଓ ଅଧୁନାତନ ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷିକାମାନଙ୍କୁ ବିଦ୍ୟାଳୟର ଗୌରବାବହ ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ କରିଥିଲେ । ୧୯୬୪ ଶିକ୍ଷା ବର୍ଷର ଛାତ୍ର, ବ୍ୟାଙ୍କ କର୍ମଚାରୀ ନେତା ଶିବପ୍ରସାଦ ମହାପାତ୍ର, ୧୯୬୫ ଶିକ୍ଷା ବର୍ଷର ଛାତ୍ର ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ନିଷ୍ଚେତନବିତ୍ ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ, ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ବରିଷ୍ଠ ପ୍ରଶାସକ ଶ୍ରୀକାନ୍ତ ତରାଇ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅଶୋକ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପୁରାତନ ଛାତ୍ର ସଂସଦର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି ଉତ୍ସବରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଓ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯିବା ସହ ବାଦ୍ୟ ଯନ୍ତ୍ରରେ ଜାତୀୟତାମୂଳକ ଧୂନ୍ ପରିବେଷଣ କରାଯାଇଥିଲା ।

GOVT.OF ODISHA A-234
DEPARTMENT OF WATER RESOURCES
O/O THE SUPERINTENDING ENGINEER, QUALITY ASSURANCE DIVISION, NAYAGARH BARAMASI DANDA, COLLEGE ROAD, NAYAGARH,
EMAIL: eenqdivn@gmail.com
Detail short Tender call Notice No QADNGR- 01/2024-25

| | | |
|---|---|---|
| 01 | Name of work | Outsourcing for human resources for management of day to day activities of Quality Control Laboratory for office of the Superintending Engineer, Quality Assurance Division, Nayagarh for the year 2024-25( for period of 06(six) months). |
| 02 | No. of works | 01 |
| 03 | Bid Identification No. | QADNGR- 01/2024-25 |
| 04 | Amount put to tender | Rs 1,68,624.00 (Excl. GST ) |
| 05 | Cost of Tender Paper | Rs 600.00 |
| 06 | Date & time of availability of bid documents in the website http:// www.dowr.odisha.gov.in | From date 20.08.2024(10.00)AM to dated 02.09.2024(12.00)NOON |
| 07 | Time for receipt of bids in the specified Tender box in the O/o the Superintending Engineer, Quality Assurance Division, Nayagarh. | From date 20.08.2024(10.00)AM to dated 02.09.2024(12.00)NOON |
| 08 | Date and Time of Opening of Tender | Date 02.09.2024 12.30 PM in the O/o the Superintending Engineer, Quality Assurance Division, Nayagarh, Baramasi Danda, College road, Nayagarh, |
| 09 | Name and Address of the Officer inviting Bid | Superintending Engineer, Quality Assurance Division, Nayagarh |

1.Further details can be see from the State Govt. website http://www.dowr.odisha.gov.in
2. Any Corrigendum/ Cancellation to the above notice will be published in the above website only.

Superintending Engineer,
Quality Assurance Division,
Nayagarh

OIPR-32423/11/0001/2425

## ବଜ୍ରପାତରେ ବାଳକ ମୃତ

**ହରିଚନ୍ଦନପୁର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଧୋରଡ଼ିଆମ୍ବ ଗ୍ରାମରେ ଶନିବାର ଅପରାହ୍ନ ସମୟରେ ବଜ୍ରପାତରେ ୭ମ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତ ବାଳକ ଜଣଙ୍କ ଉକ୍ତ ଗ୍ରାମର କିଶୋର ମୁଣ୍ଡାଙ୍କ ବଡ଼ପୁଅ ରାଜେଶ ମୁଣ୍ଡା(୧୩) ବୋଲି ଜଣାପଡିଛି ।

## ରାଣିପୁଟ ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ରାଣିପୁଟ ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣାସ୍ଥଳରୁ ୬ ଶହ ଲିଟର ପୋଚ ଓ ୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.25/ET/SBP/ENGG/2024-25, ତା.09.08.2024ରିଖ

(1)ଇ-ଟେଣ୍ଡର ସଂ.08-eT-SETT-SBP-24

**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସରେ ବର୍ତ୍ତମାନ ଥିବା ଶୌଚାଳୟର ନବୀକରଣ ଏବଂ ଅପଗ୍ରେଡେସନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 52,41,071.22, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,04,900/- ।

(2)ଇ-ଟେଣ୍ଡର ସଂ.20-eT-DENS-SBP-24

**କାର୍ଯ୍ୟର ନାମ:** 03 ବର୍ଷ ଅବଧି ନିମନ୍ତେ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ ଏକ ଗୋଟି ନନ୍-ଏସି ଗାଡ଼ି (ମହିନ୍ଦ୍ରା ସ୍କୋର୍ପିଓ, ମହିନ୍ଦ୍ରା XUV500, ମାରୁତି ସୁଜୁକି XL6 କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 19,87,021.50, ବିଡ୍ ସିକ୍ୟୁରିଟି (ଟଙ୍କାରେ): 39,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 2,360/- ।

କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ (କ୍ରମ ସଂ.1 ପାଇଁ) ଏବଂ 36 (ଛତିଶି)ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-432/P/24-25

OFFICE OF THE NOTIFIED AREA COUNCIL; UDALA
TEL NO/FAX-06795-232268
UDALA, MAYURBHANJ
ODISHA, PIN-757041 C-446
No 1042 / NAC Date 17.08.24/Udala

QUOTATION CALL NOTICE

The sealed quotations are invited from experienced, competent and eligible agencies for preparation of DPR (Detailed Project Report) of 09 No of waterbodies for "Rejuvenation of Water bodies" Under Jurisdiction of UDALA NAC under "Ama Pokhari" scheme to the office of the undersigned on or before 27.08.2024 at 01.00 PM and the same will be opened at 03 PM on 27.08.2024. The quoted rate should be inclusive of all taxes if any. The agency whose quotation will be accepted must have to complete the work within stipulated time. No quotations will be entertained after the scheduled date and time.
Details of the waterbodies

| Sl No | Name of the waterbody | Area |
|---|---|---|
| 1 | Udala Bandha Tank | 5.85 |
| 2 | Nagpal Tank | 2.88 |
| 3 | Astasambhu Tank | 1.29 |
| 4 | Maninageswar Mahadev Tank | 3.4 |
| 5 | Mendhakhai New Tank | 2.1 |
| 6 | Thana Tank | 1.77 |
| 7 | Mathasahi Tank | 0.53 |
| 8 | Bhootapokhari Tank | 0.96 |
| 9 | Jagannathi Tank | 1.76 |

OIPR-13162/11/0002/ 2425 Executive officer
Udala NAC

OFFICE OF THE PANCHAYAT SAMITI,KULIANA(CHANDUA), MAYURBHANJ I-80
At/P.O.-CHANDUA,Dist.- Mayurbhanj, Odisha
(E-Mail: ori-kuliana@nic.in)
TCN NO- 2/2024/25
Advt.No: 2470 Date: 14.08.24

The Block Development Officer, KULIANA(CHANDUA) invites Sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. conformity with the DTCN are invited from the "B" & "C" Class contractors for execution of works under Panchayat Samiti, KULIANA(CHANDUA) as detailed in Annexture-1. The tender document (DTCN & BOQ) can be obtained from district NIC Website (www.mayurbhanj.nic.in) from Dt-17.08.2024 to 30.08.2024 till 5.00 P.M. The tender document (BOQ) duly signed by the Contractors should be accompanied with the self-attested photo copy of valid GST certificate, PAN card, Registration Certificate and requisite EMD in shape of NSC/ KVP/ Time Deposit duly pledged in favour of BDO,KULIANA(CHANDUA) payable at " KULIANA(CHANDUA)," from any Nationalized Bank. The tender document (BOQ) should accompanied with requisite tender paper cost in shape of Demand Draft drawn in favour of BDO, KULIANA(CHANDUA), payable at"KULIANA(CHANDUA) " from any Nationalized Bank. The tenders will be received up to Dt-30.08.2024 till 05.00 p.m. and addressed to O/o Block Development officer, KULIANA(CHANDUA),Mayurbhanj, 757014 through Registered/Speed Post only. (No tender paper will received by hand service). The tender to be opened on Dt.31.08.2024 at 11.00 A.M. at Block Conference Hall, O/o the Block Development officer, KULIANA(CHANDUA),Mayurbhanj, 757014 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC Website (www.mayurbhanj.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof. Again the authority will not held responsible for any postal delay.

OIPR-19268/11/0001/ 2425 Block Development Officer, Kuliana (Chandua)

## ଜୁନ୍ ୧ରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ରାଜ୍ୟରେ ୬୮୦.୫ ପ୍ରତିଶତ ମି.ମି. ବର୍ଷା ରେକର୍ଡ଼

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ମୌସୁମୀ ଋତୁ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୬୮୦.୫ ପ୍ରତିଶତ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଯାହାକି ସ୍ୱାଭାବିକ୍ ବର୍ଷା ତୁଳନାରେ ୧୦ ପ୍ରତିଶତ କମ୍ ରହିଛି । ଏହି ସମୟରେ ତିନି ଜିଲ୍ଲା ମାଲକାନଗିରି, ନୂଆପଡ଼ା ଏବଂ ବୌଦ୍ଧରେ ଅତ୍ୟଧିକ ବର୍ଷା ହୋଇଛି । ମାଲକାନଗିରିରେ ୧୨୬୦.୬ ମି.ମି, ନୂଆପଡ଼ାରେ ୮୧୨.୮ ମି.ମି. ଓ ବୌଦ୍ଧରେ ୮୪୩.୭ ମି.ମି. ବର୍ଷା ରେକର୍ଡ଼



ହୋଇଛି । ୧୬ ଜିଲ୍ଲାରେ ସ୍ୱାଭାବିକ୍ ବର୍ଷା ହୋଇଛି ଏବଂ ଅନ୍ୟ ୧୧ ଜିଲ୍ଲା ନିଅଂଟିଆ କାଟାଗୋରୀରେ ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଭୁବନେଶ୍ୱର
୧୮ ଅଗଷ୍ଟ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀଜୀଉଙ୍କ ପାଇଁ ଚାଲିଛି ରାକ୍ଷୀ ତିଆରି



**ପୁରୀ, ୧୭/୮ ନ୍ୟୁଜ ବ୍ୟୁରୋ**
ବଡ଼ଦେଉଳର ବଡ଼ଠାକୁରଙ୍କ ପାଇଁ ତିଆରି ଚାଲିଛି ରାକ୍ଷୀ। ଗହ୍ମା ପୁନେଇରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଭଉଣୀ ସୁଭଦ୍ରା ପିନ୍ଧାଇବେ ରାକ୍ଷୀ। ଏ ନେଇ ଚିତାଲାଗି ଅମାବାସ୍ୟା ପରଠୁ ପାଟରା ବିଷୋୟୀ ସେବକ ନିଜ ଦୋଳମଣ୍ଡପ ସାହି ସ୍ଥିତ ବାସଗୃହରେ ରାକ୍ଷୀ ପ୍ରସ୍ତୁତି ଚଳାଇଛନ୍ତି। ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପିନ୍ଧିବେ। ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆମାଳ ପରିଧାନ କରି ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେବେ। ମହାପ୍ରଭୁଙ୍କ ପାଇଁ ରାକ୍ଷୀ ତିଆରି କରୁଥିବା ପାଟରା ବିଷୋୟୀ ସେବକ ସନ୍ତୋଷ କୁମାର ପାତ୍ରଙ୍କ କହିବା ମୁତାବକ, ରାକ୍ଷୀ ତିଆରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ପରିମାଣରେ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଥିଲା। ପ୍ରାକୃତିକ ହଳଦିଆ, ନାଲି, ନେଳି ଓ ବାଇଗଣି ରଙ୍ଗରେ ବାସୁଙ୍ଗା ପାଟକୁ ରଙ୍ଗିନ କରିବା ପରେ ତାକୁ ନିର୍ଦ୍ଦିଷ୍ଟ ମାପରେ କଟାଯାଇ ଗୋଲେଇ ପ୍ରସ୍ତୁତ କରାଯାଇଥିଲା। କାଠପାନିଆରେ ଏହାକୁ ସାଇଜ କରି ୫ ଥାକିଆ ରାକ୍ଷୀ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ମଧ ପ୍ରସ୍ତୁତ କରାଯାଇଛି। ସନ୍ତୋଷ କହିଛନ୍ତି, ଚାରିଟି ବଡ଼ ରାକ୍ଷୀ ସମେତ ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ଶ୍ରୀବଳଭଦ୍ର ନେଳି ଓ ବାଇଗଣି ରଙ୍ଗର ଗୁଆମାଳ ପରିଧାନ କରିଥାଆନ୍ତି। ଏହାବ୍ୟତୀତ ସେଇ ବାସୁଙ୍ଗାପାଟରେ ୧୫ଟି ଛୋଟ ରାକ୍ଷୀ ପ୍ରସ୍ତୁତ କରିଥାଆନ୍ତି। ପାର୍ଶ୍ୱ ଦେବଦେବୀମାନେ ଏହି ରାକ୍ଷୀ ପରିଧାନ କରିଥାନ୍ତି। ରାକ୍ଷୀ ଓଲାଗି ହେବା ପରେ ଗୋଟିଏ ଗଜପତିଙ୍କ ନିକଟକୁ ଯାଏ ଏବଂ ଅନ୍ୟ ରାକ୍ଷୀ ଭଣ୍ଡାର ଘରେ ରହିଥାଏ।

## ବିକାଶ ପରିଷଦ ଟାକ୍ସଫୋର୍ସ କମିଟି ବୈଠକ

# ଉତ୍ତର ଓଡ଼ିଶାର ସାମଗ୍ରିକ ବିକାଶ ନିମନ୍ତେ ଆଲୋଚନା



**ଭୁବନେଶ୍ୱର, ୧୭/୮ ନ୍ୟୁଜ ବ୍ୟୁରୋ**
ଶନିବାର ଅପରାହ୍ନରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଓଡ଼ିଶା ବିଧାନସଭାର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ବିଧାୟକ କରଞ୍ଜିଆ ପଦ୍ମଚରଣ ହାଇବ୍ରୁ, ବିଧାୟକ ଚମ୍ପୁଆ ସନାତନ ମହାକୁଡ଼, ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାୟକ, ବିଧାୟକ ବାସୁଦେବପୁର ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ତର ଓଡ଼ିଶାର ୪ଟି ଜିଲ୍ଲା ତଥା କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିକାଶ ଦିଗରେ ଆଲୋଚନା କରିଥିଲେ। ଉତ୍ତର ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଟାକ୍ସଫୋର୍ସର ସଦସ୍ୟମାନଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କମିଟି ସେଥିପାଇଁ ପରିଷଦର ରୂପରେଖ କିପରି ହେବ, ସେ ବିଷୟରେ ଏକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରିଷଦର ବ୍ୟାପ୍ତି, କାର୍ଯ୍ୟଧାରା ଓ ଆଞ୍ଚଳିକ ବିକାଶ ନିମନ୍ତେ କାର୍ଯ୍ୟାନ୍ୱୟନର ଖସଡ଼ା ପ୍ରସ୍ତୁତି ସଂପର୍କରେ ସହମତି ପ୍ରକାଶ ପାଇଥିଲା। ଏହି ବୈଠକରେ ଏ ସମ୍ବନ୍ଧରେ ଚଳିତମାସ ୩୦ ତାରିଖରେ ଏକ ଚିଠା ଉପସ୍ଥାପନ କରାଯିବା ପାଇଁ ଯୋଜନା ଓ ସଂଯୋଜନା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଛାତ୍ର, ମହିଳା, ଯୁବକ, ପଞ୍ଚାୟତ ପ୍ରତିନିଧି ଓ ଦଳୀୟ କର୍ମୀଙ୍କୁ ଭେଟିଲେ ବିଜେଡି ସୁପ୍ରିମୋ

# ଦଳୀୟ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ : ନବୀନ



**ଭୁବନେଶ୍ୱର, ୧୭/୮ ନ୍ୟୁଜ ବ୍ୟୁରୋ**
ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ଆଜି ନବୀନ ନିବାସ ଲୋକାରଣ୍ୟ ହୋଇଯାଇଥିଲା। ପାଲଲହଡା, ବୋଲଗଡ଼ ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀର ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ, ପଞ୍ଚାୟତ ସଭ୍ୟ, ବ୍ଲକ ଅଧ୍ୟକ୍ଷଙ୍କ ସମେତ ଶହ ଶହ ଦଳୀୟ କର୍ମୀ ଏବଂ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ଯୁବ, ଛାତ୍ର ଛାତ୍ରୀ, ମହିଳା ନେତୃବୃନ୍ଦ ନବୀନ ନିବାସରେ ବିଜୁ ଜନତା ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ସଂକଳ୍ପବଦ୍ଧଭାବେ କାମ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଘୋଷଣା କରିଥିଲେ। ଏହି ସାକ୍ଷାତ ସମୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏବଂ ପାଲଲହଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ମୁକେଶ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ

**ଭୁବନେଶ୍ୱର,୧୭ ।୮ ନ୍ୟୁଜ ବ୍ୟୁରୋ**
କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୧୧ତମ ଛାୟା ଜାତିସଂଘ ଶନିବାର ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଛାୟା ଜାତିସଂଘକୁ ଉଦ୍‌ଘାଟନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଛାୟା ଜାତିସଂଘ ହେଉଛି ଏଭଳି ଏକ ପ୍ଲାଟଫର୍ମ ଯେଉଁଠି ଛାତ୍ରଛାତ୍ରୀମାନେ ଅନ୍ୟମାନଙ୍କ ସହ କିପରି ବାର୍ତ୍ତାଳାପ, ଆଲୋଚନା କରିବାକୁ ହେବ ଶିଖିବା ସହ ଯୁକ୍ତି ଉପସ୍ଥାପନ ଶୈଳୀ, ନିଜର ଚିନ୍ତାଧାର ପରିପ୍ରକାଶ, ବିଭିନ୍ନ ସମସ୍ୟା ସମାଧାନ କରିବାର ପାରଦର୍ଶିତା ଏବଂ ନେତୃତ୍ୱ ନେବାର ଦକ୍ଷତା ଆଦି ବିଷୟରେ ଶିଖିବାର ସୁଯୋଗ ମିଳିଥାଏ। ଛାୟା ଜାତିସଂଘରେ ସୁନ୍ଦର ଭାବେ ଜ୍ଞାନ ଓ ଭାବ ପରିପ୍ରକାଶର ସମନ୍ୱୟ ହୋଇଥାଏ। ଏକ ସମୃଦ୍ଧ ଭାରତ ଗଠନରେ ଯୁବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯୁବଗୋଷ୍ଠୀକୁ ଶିକ୍ଷା ସହ ସେମାନଙ୍କୁ ସଶକ୍ତ, ସକ୍ଷମ, ସଂଶ୍ଳିଷ୍ଟ ଏବଂ ପ୍ରବୃଦ୍ଧ କରିବାକୁ ପଡ଼ିବ ବୋଲି ଡ. ସାମନ୍ତ କହିଥିଲେ। ଛାୟା ଜାତିସଂଘରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ବର୍ତ୍ତମାନ ସମୟ ହେଉଛି ଜ୍ଞାନର ଯୁଗ। ଛାତ୍ରଛାତ୍ରୀମାନେ ନିଜର ଜ୍ଞାନକୁ ଆହୁରି ବ୍ୟାପକ କରିବା ସହ ଦକ୍ଷ ହେବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଆର. କେ. ନାରଙ୍ଗ କହିଲେ, ଏକ ଦାୟିତ୍ୱବାନ୍ ରାଷ୍ଟ୍ର ଭାବେ ଭାରତ ଜାତିସଂଘରେ ଶାନ୍ତି ଓ ନିରାପତ୍ତା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିଆସୁଛି। କରୋନା ମହାମାରୀ ସମୟରେ ଏକ ଦାୟିତ୍ୱବାନ୍ ରାଷ୍ଟ୍ରଭାବେ ଭାରତ ଏହାର ମୁକାବିଲା ନିମନ୍ତେ ଅନ୍ୟ ଦେଶଗୁଡ଼ିକ ସହ ଛିଡ଼ାହେବା ସହ ସେମାନଙ୍କୁ ସହଯୋଗର ହାତ ବଢ଼ାଇଥିଲା। ବର୍ତ୍ତମାନ ସମୟରେ ମାନବିକତା ଓ ମାନବାଧିକାର ବିଶ୍ୱର ସବୁଠାରୁ ବଡ଼ ପ୍ରସଙ୍ଗ ହୋଇଛି। ଏହାଛଡ଼ା ଜଳବାୟୁ ପରିବର୍ତ୍ତନ, ସାଇବର ଅପରାଧ, ଆତଙ୍କବାଦ ଭଳି ଅନେକ ବୈଶ୍ୱିକ ପ୍ରସଙ୍ଗ ରହିଛି। ଏସବୁର ସମାଧାନର ପନ୍ଥା ବାହାର କରିବାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ଦେଶରେ ପରିଣତ ହେବାର ଲକ୍ଷ୍ୟ ରଖିଛି। ୧୪୦ କୋଟି ଭାରତୀୟ ତଥା ବିଶ୍ୱବାସୀଙ୍କ ଆଶା ଯୁବକମାନେ ହିଁ ପୂରଣ କରିପାରିବେ ବୋଲି ଶ୍ରୀ ନାରଙ୍ଗ କହିଥିଲେ। ତେଣୁ ବିଶ୍ୱ ଦୃଶ୍ୟପଟକୁ ଦୃଷ୍ଟିରେ ରଖି ଭାରତକୁ କିପରି ଏକ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରାଯାଇପାରିବ ସେଥିପାଇଁ ଯୁବକ ଯୁବତୀମାନେ ନୂତନ ଚିନ୍ତାଧାର ପରିପ୍ରକାଶ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଛାୟା ଜାତିସଂଘରେ ଛାତ୍ରଛାତ୍ରୀମାନେ ପାରସ୍ପରିକ ଆଲୋଚନା, ପର୍ଯ୍ୟାଲୋଚନା ଓ ନିଜର ସର୍ଜନଶୀଳ ଚିନ୍ତାଧାରା ମାଧ୍ୟମରେ ବିଶ୍ୱର ବିଭିନ୍ନ ପୁରୁଣା ସମସ୍ୟା ସହ ବର୍ତ୍ତମାନର ସମସ୍ୟା ସମାଧାନର ପନ୍ଥା ବାହାର କରିବେ ବୋଲି ସେ ଆଶା ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଛାୟା ଜାତିସଂଘରେ ବିଭିନ୍ନ ସ୍କୁଲ୍‌ରୁ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ଏହି ଛାୟା ଜାତିସଂଘର ବିଷୟବସ୍ତୁ 'ଆତ୍ମନିର୍ଭରତା: ରାଷ୍ଟ୍ରୀୟ ସମୃଦ୍ଧି ଠାରୁ ବୈଶ୍ୱିକ ସ୍ଥିରତା' ରଖାଯାଇଛି।




# ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା



**ଭୁବନେଶ୍ୱର, ୧୭/୮ ନ୍ୟୁଜ ବ୍ୟୁରୋ**
ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର(ରାଜ୍ୟ ସମ୍ମିଳନୀ କେନ୍ଦ୍ର)ରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏ.ଡି.ପି) ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏ.ବି.ପି) ସଂପର୍କିତ ଏକ ସମୀକ୍ଷା ତଥା ସଚେତନତା କର୍ମଶାଳା ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି।
ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରମୁଖ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଅତିରିକ୍ତ ସଚିବ ତଥା ଏ.ଡି.ପି ଓ ଏ.ବି.ପିର ମିଶନ ନିର୍ଦ୍ଦେଶିକା ଗୀତାଞ୍ଜଳି ଗୁପ୍ତାଙ୍କ ନେତୃତ୍ୱରେ ନୀତି ଆୟୋଗର ଏ.ଡି.ପି ଏବଂ ଏ.ବି.ପି ସମ୍ପର୍କିତ ଅଧିକାରୀମାନେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରିବା ପାଇଁ ଦୁଇଟି କାର୍ଯ୍ୟକ୍ରମର ସମସ୍ତ ଦିଗକୁ ନେଇ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ଏହି ଅବସରରେ ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ଉପଦେଷ୍ଟା ଡ. ପ୍ରଭାକର ସାହୁ ମଧ୍ୟ ଉପସ୍ଥିତ ଥିଲେ।
ଏହି କର୍ମଶାଳାରେ ରାଜ୍ୟ କୃଷି ଏବଂ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମେତ ଓଡ଼ିଶା ସରକାରଙ୍କ ପ୍ରମୁଖ ବିଭାଗର ସଚିବମାନେ ଯୋଗ ଦେଇଥିଲେ। ଏଥିସହ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକର ୧୬ ଜଣ ଜିଲ୍ଲାପାଳଙ୍କ ସମେତ ସଂପୃକ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍‌ର ଉପନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଏଥିରେ ୨୯ଟି ଆକାଂକ୍ଷୀ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣରେ ଏ.ଡି.ପି ଏବଂ ଏ.ବି.ପି ସୂଚକାଙ୍କଗୁଡ଼ିକର ସନ୍ତୁଳନ ହାସଲ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଏହା ବହୁମୁଖୀ ଦାରିଦ୍ର୍ୟ ହ୍ରାସ କରିବା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ.ଡି.ଜି) ହାସଲ ଦିଗରେ ରାଜ୍ୟର ଅଗ୍ରଗତିକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିଭିନ୍ନ ବିଭାଗର ପ୍ରୟାସ ଓ ସମନ୍ୱୟରେ ଏସଡିଜିଗୁଡ଼ିକୁ ସ୍ଥାନୀୟକରଣ କରିବା, ଶେଷ ମାଇଲ ପର୍ଯ୍ୟନ୍ତ ସମନ୍ୱିତ ଏବଂ ପ୍ରଭାବଶାଳୀ ଲାଭ ପ୍ରଦାନ ସୁନିଶ୍ଚିତ କରିବାରେ ଏହି କାର୍ଯ୍ୟକ୍ରମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ସେ ଆଲୋକପାତ କରିଥିଲେ।
ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡିପି ଓ ଏବିପିର ଇତିହାସ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭୌଗୋଳିକ ବିବିଧତା, ଭିତ୍ତିଭୂମି ଅଭାବ ଏବଂ ସାମର୍ଥ୍ୟ ଅଭାବ ଭଳି ଅସୁବିଧାଗୁଡ଼ିକୁ ଦୂର କରି ଅଭିବୃଦ୍ଧିର ସୁଯୋଗକୁ କାର୍ଯ୍ୟକାରୀ କରିବାକୁ ସେ ଅଂଶୀଦାରମାନଙ୍କୁ ଉତ୍ସାହିତ କରିଥିଲେ। ନୀତି ଆୟୋଗର ଏଡିପି ଏବଂ ଏବିପିର ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ଗୁପ୍ତା କାର୍ଯ୍ୟକ୍ରମର ମୂଳ ରଣନୀତି ଉପସ୍ଥାପନ କରି ସମସ୍ତ ଅଂଶୀଦାରମାନଙ୍କୁ ଚୟନ କରାଯାଇଥିବା ସୂଚକାଙ୍କଗୁଡ଼ିକର ସନ୍ତୁଳନ ହାସଲ କରିବା ପାଇଁ ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନ ସମୟରେ ସେମାନଙ୍କ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ଯୋଜନା ଓ ସଂଯୋଜନ ବିଭାଗର ଏଡିପି ଓ ଏବିପିର ଅତିରିକ୍ତ ଶାସନ ସଚିବ ମନୀଷ ଅଗ୍ରୱାଲ ରାଜ୍ୟର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ।




ଭୁବନେଶ୍ୱର : ବୁଦ୍ଧ ମନ୍ଦିର ପରିସରରେ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସମାରୋହରେ 'ଦ୍ରୌପଦୀ ଦି ଓମେନ୍ ଅନ୍‌ପାରାଗନ୍‌ଡ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ଗୌରହରି ଦାସ, ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଆଇନ୍ ଜାଲରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

**ବେଙ୍ଗାଲୁରୁ, ୧୭।୮**
ଆଇନ ଜାଲରେ ଛନ୍ଦି ହେଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା। ଜମି ଦୁର୍ନୀତି ଅଭିଯୋଗରେ ତାଙ୍କ ନାମରେ ରୁଜୁ ହେବ ମାମଲା। ଏଥିପାଇଁ ଅନୁମତି ଦେଇଛନ୍ତି ରାଜ୍ୟପାଳ ଥାବର ଚନ୍ଦ ଗେହଲତ। ମହୀଶୂର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏମୟୁଡିଏ) ଜମି ଆବଣ୍ଟନ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଜଡ଼ିତ ଥିବା ନେଇ ଜଣେ ସୂଚନା ଅଧିକାର କର୍ମୀ ଟି.ଜେ. ଆବ୍ରାହମଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଆବ୍ରାହମ ହେଉଛନ୍ତି କର୍ଣ୍ଣାଟକ ଆଣ୍ଟି ଗ୍ରାଫ୍ଟ ଆଣ୍ଡ ଏନଭାଇରନମେଣ୍ଟାଲ ଫୋରମର ସଭାପତି। ଦୁର୍ନୀତିରେ ମୁଖ୍ୟମନ୍ତ୍ରୀଙ୍କ ନାଁ ସାମିଲ ଥିବାରୁ ଏ ନେଇ ମାମଲା ରୁଜୁ ହୋଇ ତଦନ୍ତ କରାଯିବାକୁ ରାଜ୍ୟପାଳଙ୍କ ଅନୁମତି ଆବଶ୍ୟକ ପଡୁଥିଲା, ଯାହାକୁ ରାଜ୍ୟପାଳ ଅନୁମୋଦନ କରିଛନ୍ତି।

# ଭିଜିଲାନ୍ସ ଜାଲରେ ସିଟି ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର

ଭୁବନେଶ୍ୱର, ୧୭/୮ ନ୍ୟୁଜ ବ୍ୟୁରୋ
ଟ୍ୟାକ୍ସର ଭୟ ଦେଖାଇ ଲାଞ୍ଚ ଅସୁଲ ପଡିଲା ମହଙ୍ଗା। ଭିଜିଲାନ୍ସ ରାଡାରରେ ସିଟି ଜିଏସଟି ସହ କମିଶନର ବିନୟ ଭୂଷଣ ତ୍ରିପାଠୀ। ଚାଲିଛି ତାଙ୍କ ଘରେ ଭିଜିଲାନ୍ସ ସର୍ଚ୍ଚ ଅପରେସନ। ଆୟ ବହିର୍ଭୂତ ସମ୍ପତ୍ତି କେତେ ରଖିଛନ୍ତି ଖୋଜୁଛନ୍ତି ଭିଜିଲାନ୍ସ ଟିମ୍। ଏନେଇ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ନାଁରେ ବେଆଇନ ଭାବେ ଜବତ ଜିନିଷ ବିକ୍ରି କରି ସରକାରୀ ଟଙ୍କା ଚଳୁର ଅଭିଯୋଗ ରହିଛି। ଏନେଇ ସୂଚନା ମୁତାବକ ୫ଲକ୍ଷ ୮୫ହଜାର ଟଙ୍କାର ଟାକ୍ସ ଅସୁଲରେ ହେରଫେର କରିବା ଅଭିଯୋଗରେ ରେଡ ହୋଇଛି। ୫ଟି ସ୍ଥାନରେ ୭ ଡିଏସ୍‌ପି ଓ ୧୪ଇନସ୍ପେକ୍ଟରଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଏକକାଳୀନ ଭାବେ ରେଡ ଜାରି ରଖିଛନ୍ତି। ଏନେଇ ବିନୟ ତ୍ରିପାଠୀଙ୍କ ୟୁନିଟ ୨ ସରକାରୀ କ୍ୱାର୍ଟର ସମେତ ଖୋର୍ଦ୍ଧା ନିରାକାରପୁରରେ ଥିବା ପୈତୃକ ଘର ଓ ନିରାକାର ପୁରରେ ଥିବା ତାଙ୍କର ଏକ ଫାର୍ମ ହାଉସରେ ମଧ୍ୟ ସର୍ଚ୍ଚ ଅପରେସନ ଜାରି ରହିଛି। ସେହିପରି ବରମୁଣ୍ଡାରେ ଥିବା ଏକ ଆପାର୍ଟମେଣ୍ଟ ସମେତ କେନ୍ଦ୍ରାପଡାରେ ମଧ୍ୟ ସର୍ଚ୍ଚ ଜାରି ରହିଛି। ଗତ ମେ'ମାସରେ ଶ୍ରୀ ତ୍ରିପାଠୀ ଓ ତାଙ୍କ ଏନ୍‌ଫୋର୍ସମେଣ୍ଟ ୟୁନିଟ ଯାଜପୁରରେ ଏକ ସ୍କ୍ରାପ ବ୍ୟବସାୟିକୁ ଧରିଥିଲେ। ଟ୍ରକ୍ ବୋଝେଇ ସ୍କ୍ରାପ ନେଇଯାଉଥିବା ଟ୍ରକ୍‌ରେ ୮ଲକ୍ଷ ୮୯ହଜାର ଟଙ୍କାର ଜିନିଷ ଥିଲା। ଏନେଇ ଟ୍ରକ୍ ଓନରକୁ ୩ଲକ୍ଷ ୨୦ହଜାରଟଙ୍କା ଡିପୋଜିଟ ପାଇଁ କହିଥିଲେ। ଆଉ ବେଆଇନ ଭାବେ ୨ଲକ୍ଷ ୫୦ହଜାରଟଙ୍କା ଦେଲେ ତାଙ୍କ ଗାଡି ଓ ଜିନିଷ ରିଲିଜ କରିବା ପାଇଁ। ଯେତେବେଳେ ସେହି ସ୍କ୍ରାପ ମାଲିକ ଏନେଇ ଲାଞ୍ଚ ଟଙ୍କା ମିଳିନଥିଲା। ଏନେଇ ବାଧ ହୋଇ ଜବତ କରିଥିବା ସ୍କ୍ରାପକୁ ବେଆଇନଭାବେ ଆଉ ଜଣେ ସ୍କ୍ରାପ ବ୍ୟବସାୟିକୁ ୫ଲକ୍ଷ ୮୫ହଜାରରେ ବିକ୍ରି କରିଦେଇଥିଲେ। ଫଳରେ ଏଭଳି ବେଆଇନ କାରବାର ସାମ୍ନାକୁ ଆସିଥିଲା।

# ଡେଙ୍ଗୁ ପରେ ବ୍ୟାପୁଛି ମ୍ୟାଲେରିଆ : ୩୦ ହଜାର ଟପିଲା ରୋଗୀ ସଂଖ୍ୟା

**ଭୁବନେଶ୍ୱର, ୧୭/୮ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ମାଡି ଚାଲିଛି ମ୍ୟାଲେରିଆ। ବର୍ଷା ଦିନ ଯୋଗୁଁ ମଶାଙ୍କ ଉତ୍ପାତ ବଢିବା ସହିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୦ ହଜାରରୁ ଅଧିକ ରୋଗୀ ଚିହ୍ନଟ ହୋଇଥିବା ବେଳେ ୪ ଜଣଙ୍କର ମୃତ୍ୟୁ ହୋଇଛି। ବିଶେଷକରି ୭ଟି ଜିଲ୍ଲାରେ ମ୍ୟାଲେରିଆ ସ୍ଥିତି ଉଦ୍‌ବେଗଜନକ ରହିଛି। ଏଗୁଡିକ ହେଲେ ରାୟଗଡା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବୌଦ୍ଧ, ମୟୂରଭଞ୍ଜ ଓ କନ୍ଧମାଳ। ରାଜ୍ୟରେ ସମୁଦାୟ ୩୨,୬୭୬ ମ୍ୟାଲେରିଆ ରୋଗ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସେହି ୭ଟି ଜିଲ୍ଲାରେ କେବଳ ୨୭,୬୮୪ ମ୍ୟାଲେରିଆ ରୋଗୀ ଅଛନ୍ତି। କୋରାପୁଟରୁ ୫୫୦୦, ରାୟଗଡାରୁ ୬୦୮୮, ମାଲକାନଗିରିରୁ ୨୬୫୮, ମୟୂରଭଞ୍ଜରୁ ୧୪୬୬, ବୌଦ୍ଧରୁ ୧୧୪୮, କଳାହାଣ୍ଡିରୁ ୫୮୬୨, କନ୍ଧମାଳରୁ ୪୯୬୨ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏହିସବୁ ଜିଲ୍ଲାରେ ୨୭ ହଜାରରୁ ଅଧିକ ରୋଗୀ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ଏହି ଅଞ୍ଚଳଗୁଡିକ ଉପରେ ନଜର ରଖାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀ ମିଶ୍ର କହିଛନ୍ତି, '୨୦୨୦ ମସିହାରେ ଦିଆଯାଇଥିବା ମଶାରୀର ପ୍ରଭାବ କମି ଗଲାଣି। ତେଣୁ ମଶାମାନେ ମଶାରୀରେ ବାଜିଲେ ମରୁ ନାହାନ୍ତି। ନୂଆ ମଶାରୀ ଦିଆଯିବ। ବର୍ଷା ଦିନରେ ଅଧିକ ମଶା ଜନ୍ମ ହୁଅନ୍ତି ଓ କାମୁଡନ୍ତି। ଏଯାଏଁ ୩୦ ହଜାର ମ୍ୟାଲେରିଆ ରୋଗୀ ଚିହ୍ନଟ ହେଲେଣି। ସେଥିମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଛି।'' ସେ ଆହୁରି କହିଛନ୍ତି ଯେ, ଉପକୂଳ ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କମ୍। ମ୍ୟାଲେରିଆ ଅଧିକ ମାମଲା ଥିବା ୭ ଜିଲ୍ଲାକୁ ଚାରି ଦିନ ଭିତରେ ମଶାରୀ ପହଞ୍ଚିବ। ଏବେ ସୁନ୍ଦରଗଡ଼ ଜିଲ୍ଲାରେ ପହଞ୍ଚି ସାରିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଜଣାଇଛନ୍ତି। ସେପଟେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ରହିଛି। ଏବେ ସୁଦ୍ଧା ରାଜ୍ୟରେ ପାଖାପାଖି ୨ ହଜାର ଡେଙ୍ଗୁ ରୋଗୀ ରହିଛନ୍ତି। ଭୁବନେଶ୍ୱର ଓ ଖୋର୍ଦ୍ଧାରୁ ସର୍ବାଧିକ ୫୦୦ ରୋଗୀ ଅଛନ୍ତି। ଏହାପଛକୁ ସୁନ୍ଦରଗଡ଼ ଓ ରାଉରକେଲା ସହର, ବଲାଙ୍ଗୀର ଓ କଟକରେ ମଧ୍ୟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ସ୍ୱଳ୍ପ ଭାବରେ ବୃଦ୍ଧି ପାଇଛି। ହେଲେ ବଲାଙ୍ଗୀର ଓ କଟକରୁ ଆଉ ରୋଗୀ ଆସୁନାହାନ୍ତି। ପ୍ରତିକାର ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ ସହ ମିଶି କାମ ଚାଲିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

# ସ୍କୁଲରେ ଅଗ୍ନି ନିରାପତ୍ତା ସୁଦୃଢ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ




**ଭୁବନେଶ୍ୱର, ୧୭/୮ ନ୍ୟୁଜ ବ୍ୟୁରୋ**
ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବାକୁ ଉଚ୍ଚ ଶିକ୍ଷା ବିଭାଗର ଚିଠି। ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବାକୁ ଦିଆଯାଇଛି ନିର୍ଦ୍ଦେଶ। ଛାତ୍ରଛାତ୍ରୀ ଓ ଷ୍ଟାଫଙ୍କୁ ସଚେତନ ପାଇଁ କାର୍ଯ୍ୟକ୍ରମ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ମକ୍‌ଡ୍ରିଲ୍ ସହ ଛାତ୍ରଛାତ୍ରୀ ଓ ଷ୍ଟାଫଙ୍କୁ ନେଇ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ ସରକାରୀ କଲେଜ ପ୍ରିନ୍ସପାଲଙ୍କୁ ଚିଠି କରିଛି ଉଚ୍ଚ ଶିକ୍ଷା ବିଭାଗ।
'ଉଚ୍ଚ ଶିକ୍ଷାନୁଷ୍ଠାନରେ ଥିବା ଅଗ୍ନି ନିରାପତ୍ତା ଅଡିଟ୍ ପରିଚାଳନା କରିବାକୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିବା ବେଳେ ଯଦି କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ବହୁ ମହଲା କୋଠା ଅଛି, ତେବେ ସ୍ଥାନୀୟ ଅଗ୍ନିଶମ ଅଧିକାରୀଙ୍କ ସହିତ ପରାମର୍ଶ କରି ଅଗ୍ନି ବିପଦକୁ ଚିହ୍ନଟ କରନ୍ତୁ। ଏହାକୁ ହ୍ରାସ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ। ତେବେ ବିଶେଷ ଭାବରେ ଅଗ୍ନି ନିର୍ବାପକ ଯନ୍ତ୍ର, ଆଲାରାମ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଯନ୍ତ୍ରପାତି ସଂସ୍ଥାପିତ ଏବଂ ସଠିକ୍ ଭାବରେ କାର୍ଯ୍ୟ କରୁଛି କି ନାହିଁ ତାହା ଯାଞ୍ଚ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି, 'ଅଗ୍ନି ନିରାପତ୍ତା ପ୍ରଣାଳୀରେ ଛାତ୍ର ଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ପାଇଁ ନିୟମିତ ଆଭିମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବିଶେଷ କରି ସ୍ଥାନାନ୍ତର ଯୋଜନା, ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ଏବଂ ଜରୁରୀକାଳୀନ ନିର୍ବାହର ରକ୍ଷଣାବେକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। 'ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରର ସମନ୍ୱୟ ରକ୍ଷା କରି ଅଗ୍ନି ନିରାପତ୍ତା ଉପରେ ବାର୍ଷିକ ମକ୍‌ଡ୍ରିଲ୍ କରିବା ବାଧ୍ୟତାମୂଳକ। ଛାତ୍ର ଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ୍ ଅଭ୍ୟାସ କରିବାକୁ ଅନୁମତି ଦିଆଯିବ ଆବଶ୍ୟକ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟକୁ ଚିଠି କରାଯାଇଛି। 'ଅଗ୍ନି ନିରାପତ୍ତା ଉପରେ ନିୟମିତ ତାଲିମ ଅଧିବେଶନ ଉଭୟ ଛାତ୍ର ଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ବ୍ୟବସ୍ଥା କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଧିବେଶନ ଗୁଡିକ ଅଗ୍ନି ନିରାକରଣ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ବିଷୟରେ ସ୍ଥାନୀୟ ଅଗ୍ନିଶମ ବିଭାଗର ଅଧିକାରୀଙ୍କ ଦ୍ୱାରା କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠିରେ କୁହାଯାଇଛି।

# ଅତି ଜରୁରୀ ନ ଥିଲେ କଟକ ବଡ଼ ମେଡିକାଲକୁ ମନା

**କଟକ, ୧୭/୦୮ ନ୍ୟୁଜ ବ୍ୟୁରୋ**
କୋଲକତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ୩୧ ବର୍ଷୀୟ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ସାରା ଦେଶରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସମଗ୍ର ଦେଶ ସହ ଓଡ଼ିଶାର ବିଭିନ୍ନ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ରୋଗୀ ସେବା ପ୍ରଭାବିତ ହୋଇଛି। କଟକ ଏସସିବି, ବୁର୍ଲା ଭୀମସାର, ବ୍ରହ୍ମପୁର ଏମକେସିଜି, ଭୁବନେଶ୍ୱର ଏମ୍ସରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି ଡାକ୍ତର। ଡାକ୍ତରମାନଙ୍କ ଆନ୍ଦୋଳନ ଫଳରେ ଜରୁରିକାଳୀନ ଚିକିତ୍ସାକୁ ଛାଡ଼ି ଅନ୍ୟ ସମସ୍ତ ବିଭାଗ ସେବା ପ୍ରଭାବିତ ହୋଇଛି। ଜୁନିୟର ଡାକ୍ତର, ରେସିଡେଣ୍ଟ ଡାକ୍ତର ଆନ୍ଦୋଳନ ଚଳାଇଥିବା ବେଳେ ଏମବିବିଏସ୍ ଛାତ୍ରଛାତ୍ରୀ ବି ସେମାନଙ୍କୁ ସମର୍ଥନ କରିଛନ୍ତି। ଫଳରେ ଆଉଟ ଡୋର୍ ସେବା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଯାହାକୁ ନେଇ ଶନିବାର ପ୍ରତିକ୍ରିୟା ଦେଇଛନ୍ତି ଏସସିବି ଅଧୀକ୍ଷକ। ସେ କହିଛନ୍ତି, ଅତି ଜରୁରୀ ନଥିଲେ ଏସସିବି ଆସନ୍ତୁ ନାହିଁ।